visit us at
www.paryabekhyak.com


ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.101 Bhubaneswar Tuesday, June 01, 2021 | ୨୪ତମ ବର୍ଷ | ସଂଖ୍ୟା–୧୦୧ | ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୦୧, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS



ନୂଆଦିଲ୍ଲୀର ଶାସ୍ତ୍ରୀ ଭବନରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟରେ ଅଧିକାରୀ, କର୍ମଚାରୀ(ସ୍ଥାୟୀ ଏବଂ ଚୁକ୍ତି ଭିତ୍ତିକ) ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ କୋଭିଡ଼୍–୧୯ ଟିକାରଣ ଡ୍ରାଇଭ

## ନବରଙ୍ଗପୁର ଓ ଜୟପୁରରେ କରୋନା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୩୧ ।୫(ପି.ଏନ):ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନବରଙ୍ଗପୁର ଓ ଜୟପୁର ଗସ୍ତ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ସେମାନେ ଏକ ସ୍ୱତନ୍ତ୍ର ହେଲିପକ୍ଟରରେ ପ୍ରଥମେ ନବରଙ୍ଗପୁର ଗସ୍ତ କରିଛନ୍ତି । ଜିଲ୍ଲାରେ କରୋନା ସ୍ଥିତିନେଇ ସର୍କିଟ ହାଉସରେ ଏକ ବୈଠକ କରିଛନ୍ତି। ଏଠାରେ ନବରଙ୍ଗପୁର ଜିଲ୍ଲାପାଳ, ଏସପି ଏବଂ ନବରଙ୍ଗପୁର ସିଡିଏମଓଙ୍କ ସହ ଆଲୋଚନା କରିଥିଲେ। ପରେ ଉଭୟେ ନବରଙ୍ଗପୁର କୋଭିଡ ହସ୍ପିଟାଲ ଯାଇ ସ୍ଥିତି ଦେଖିଥିଲେ। ନବରଙ୍ଗପୁର ଜିଲ୍ଲାରେ ଖୁବ ଶୀଘ୍ର ୬ଶହ ନମୁନା ପରୀକ୍ଷା କରିବା ସହ ଦୁଇମାସ ଭିତରେ ଅକ୍ସିଜେନ୍ ପ୍ଲାଂଟ କରିବାକୁ ଯୋଜନା ରହିଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି । ଏହାପରେ ଦୁଇ ଅଧିକାରୀ ଜୟପୁର ଗସ୍ତ କରିଛନ୍ତି। ଏଠାରେ ମଧ୍ୟ କୋଭିଡ ସ୍ଥିତି ନେଇ ସମୀକ୍ଷା କରିବା କୋଭିଡ ହସ୍ପିଟାଲରେ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟସେବାର ସମୀକ୍ଷା କରିଛନ୍ତି।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ରଙ୍କ ଅବସର ଗ୍ରହଣ : ବୈଷୟିକ ନିର୍ଦ୍ଦେଶକ ଶ୍ରୀ ନିରଞ୍ଜନ ସେଠୀଙ୍କୁ ନିର୍ଦ୍ଦେଶକ ଦାୟିତ୍ୱ

ଭୁବନେଶ୍ୱର,୩୧ ।୫(ପି.ଏନ):ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ଆଜି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୧ ବର୍ଷ ୧୦ ମାସ ଧରି ସେ ବିଭାଗର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ । ତାଙ୍କ କାର୍ଯ୍ୟକାଳ ସମୟରେ କୋଭିଡ୍ ପରିସ୍ଥିତିରେ ଗଣମାଧ୍ୟମ ସୁପରିଚାଳନା କରିବା ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ରହିଥିଲା । ଏହା ପୂର୍ବରୁ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରିଥିଲେ । ତାଙ୍କ ଅବସର ପରେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ, ସରକାରଙ୍କ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦାୟିତ୍ୱରେ ରହିବେ । ଆଜି ଏହି ମର୍ମରେ ବିଭଗ ତରଫରୁ ଆଦେଶନାମା ପ୍ରକାଶ ପାଇଛି । ପ୍ରକାଶ ଥାଉକି, ଶ୍ରୀ ସେଠୀଙ୍କର ଦୀର୍ଘ ବର୍ଷ ଧରି ଏହି



ବିଭାଗୀୟ କାର୍ଯ୍ୟରେ ଅଭିଜ୍ଞତା ରହିଛି । ବିଦାୟୀ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ରଙ୍କୁ ଏହି ଅବସରରେ ଆଜି ବିଭାଗ ତରଫରୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । କୋଭିଡ୍ କଟକଣା ମଧ୍ୟରେ ଲୋକ ସଂପର୍କ ଭନନଠାରେ ସୀମିତ ସଂଖ୍ୟକ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ନିର୍ଦ୍ଦେଶକ( ବୈଷୟିକ) ଶ୍ରୀ ସେଠୀ ବିଦାୟୀ ନିର୍ଦ୍ଦେଶକ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀର ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ, ଓଡିଶା ସୂଚନା ସେବା ସଂଘର କର୍ମକର୍ତାମାନେ ଏହି ସମ୍ବର୍ଦ୍ଧନା ସମୟରେ ଉପସ୍ଥିତ ଥିଲେ ।

## ଜୁନ୍ ରେ କମିପାରେ ସଂକ୍ରମଣ

ଭୁବନେଶ୍ୱର, ୩୧ ।୫(ପି.ଏନ): ମେ' ମାସ ସବୁଠୁ ଘାତକ ଥିଲା । ୩୧ ଦିନରେ ରାଜ୍ୟରେ ୩ଲକ୍ଷ ୨୦ ହଜାର ୮୦୩ ପଜିଟିଭ ଚିହ୍ନଟ ହୋଇଥିଲା। ମେ' ମାସରେ କରୋନାରେ ୭୧୧ ଜଣଙ୍କ ମୃତ୍ୟୁ ହୋଇଛି । ମେ' ୨୨ରେ ରାଜ୍ୟରେ ପିକ୍ ଥିଲା ୧୨ ହଜାର ୮୫୨। ତେବେ ଜୁନ ମାସରେ ଟ୍ରେଣ୍ଡ କମିବ। ୪ ସପ୍ତାହ ପରେ ଲକଡାଉନର ପ୍ରଭାବ ଦେଖିବାକୁ ମିଳିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଂଜନ ମିଶ୍ର। ସୁନ୍ଦରଗଡ଼ରେ ସଂକ୍ରମଣ ଅଧିକ ଥିଲେ ମଧ୍ୟ ହାର କମୁଥିବା ଦେଖା ଯାଉଛି। ଲକଡାଉନ କୋହଳ ହୋଇଥିବା ୩ ଜିଲ୍ଲାରେ ସଂକ୍ରମଣ ବଢ଼ିଲେ ପୁଣି କଟକଣା କଡା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି।

## ଗୋଟିଏ ଦିନରେ ୮୩୧୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୧ ।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୩୧୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୬୪୯୯୭କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୬୭୦୫୨୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୧୬୬୩ ରହିଛି । ଆଜି ଚିହ୍ନଟ ହୋଇଥିବା ୮୩୧୩ ଜଣଙ୍କ ମଧ୍ୟରୁ ୪୬୫୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୬୫୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୯୭୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୫୨ ଜଣ, ବରଗଡ଼ରୁ ୨୭୯ ଜଣ, ଭଦ୍ରକରୁ ୧୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୦୯ , କଟକରୁ ୫୯୩ ଜଣ, ଦେବଗଡ ଜିଲ୍ଲାରୁ ୫୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୦୭ ଜଣ, ଗଜପତି ଜିଲ୍ଲାରୁ ୮୫ , ଗଞ୍ଜାମରୁ ୧୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୮୦ ଜଣ, ଯାଜପୁରରୁ ୩୫୪ ଜଣ, ଝାରସୁଗୁଡ଼ାରୁ ୧୧୧ ଜଣ, କଳାହାଣ୍ଡିରୁ ୧୬୨ ଜଣ, କନ୍ଧମାଳ ଜିଲ୍ଲାରୁ ୯୦ ଜଣ. କେନ୍ଦ୍ରାପଡ଼ାରୁ ୩୩୧ ଜଣ, କେନ୍ଦୁଝରରୁ ୧୮୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୭୪ ଜଣ, କୋରାପୁଟରୁ ୧୯୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୫୩୨ ଜଣ, ନବରଙ୍ଗପୁରରୁ ୨୦୫ ଜଣ, ନୟାଗଡ଼ରୁ ୨୮୩ ଜଣ, ନୂଆପଡ଼ାରୁ ୫୩ ଜଣ, ପୁରୀରୁ ୪୦୫ ଜଣ, ରାୟଗଡ଼ାରୁ ୧୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୦୪ ଜଣ, ସୋନପୁରରୁ ୧୨୩ ଜଣ, ସୁନ୍ଦରଗଡ଼ରୁ ୪୬୫ ଜଣ ଓ ଷ୍ଟେଟ୍ ପୁଲରୁ ୧୬୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ବିଏମସିର ଭ୍ୟାକ୍ସିନ ଆଟ ଡୋର ଷ୍ଟେପ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୩୧ ।୫ (ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସୋମବାର ଠାରୁ ଆରମ୍ଭ ହୋଇଛି ଭ୍ୟାକ୍ସିନ ଆଟ ଡୋର ଷ୍ଟେପ ଅଭିଯାନ । ବିଏମସିର ୩ ଟି ଜୋନ୍ ରେ ମୋଟ୍ ୬ ଟି ଆପାର୍ଟମେଂଟରେ ଟିକା ଦିଆଯାଇଛି। ପ୍ରତି ଆପାର୍ଟମେଂଟରେ ୨ ଶହ ଲୋକଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷ କରି ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଟିକା ଦିଆଯିବ।

## ବିଶିଷ୍ଟ ପାଲା ଗାୟକ ପ୍ରହ୍ଲାଦ ସାହୁଙ୍କ ବିୟୋଗରେ ଡକ୍ଟର ପ୍ରସନ୍ନ ପାଟଶାଣୀଙ୍କ ଶୋକ ପ୍ରକାଶ

ଭୁବନେଶ୍ୱର,୩୧ ।୫(ପି.ଏନ): କୋଭିଡ଼ି ସଂକ୍ରମଣରେ ମୃତ୍ୟୁବରଣ କରିଥିବା ବିଶିଷ୍ଟ ପାଲା ଗାୟକ ଗାୟକ ରତ୍ନ ପ୍ରହ୍ଲାଦ ସାହୁଙ୍କ ବିୟୋଗରେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ପ୍ରକାଶଯୋଗ୍ୟ ଡକ୍ଟର ପାଟଶାଣୀଙ୍କ ସହ ତାଙ୍କର ଦୀର୍ଘ ବର୍ଷର ବ୍ୟକ୍ତିଗତ ସମ୍ପର୍କ ରହିଥିଲା। ଡକ୍ଟର ପାଟଶାଣୀଙ୍କ କବିତାକୁ ସ୍ୱର୍ଗତ ପ୍ରହ୍ଲାଦ ସାହୁ ତାଙ୍କର ପାଲାମାନଙ୍କରେ ପରିବେଷର କରି ଆସୁଥିଲେ। ସ୍ୱର୍ଗତ ସାହୁଙ୍କ ଓଡ଼ିଆ ସଂସ୍କୃତି, ସାହିତ୍ୟ ପ୍ରତି ଥିବା ଅବଦାନକୁ ଡକ୍ଟର ପାଟଶାଣୀ ସ୍ମରଣ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ଜେନେରେଟର ଦାନ

ଭୁବନେଶ୍ୱର, ୩୧ ।୫(ପି.ଏନ): କରୋନା ଯୋଗୁଁ ଲକ୍ ଡାଉନ୍ ଚାଲିଥିବାବେଳେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଚାଲୁରହିଛି। ଚନ୍ଦନଯାତ୍ରାବେଳେ ଡଙ୍ଗାରେ ଲାଗିଥିବା ଜେନେରେଟର ଖରାପ ଯୋଗୁଁ ଠାକୁର ଦୁଇ ଦିନ ଚାପ ଡଙ୍ଗା ଅନ୍ଧାର ରହିଥିଲା। ଏହା ଜାଣିବା ପରେ ପୁରୁଣା ଭୁବନେଶ୍ୱରର ସମାଜସେବୀ ଆଦିତ୍ୟ ମହାପାତ୍ର ଏକ ଶବ୍ଦ ବିହିନ ଜେନେରେଟର ମନ୍ଦିର ପ୍ରଶାସନକୁ ଦାନ କରିଥିଲେ।

## ଜୁନ ୧୭ ପର୍ଯ୍ୟନ୍ତ ମାନବାଧିକାର ଆୟୋଗକୁ ଜନସାଧାରଣଙ୍କ ପ୍ରବେଶ ମନା

ଭୁବନେଶ୍ୱର, ୩୧ ।୫(ପି.ଏନ): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ମାନବାଧିକାର ଆୟୋଗ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି । ଆସନ୍ତା ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବ। ଏହି ସମୟ ପର୍ଯ୍ୟନ୍ତ ଅଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ କମିଶନ କାର୍ଯ୍ୟ କରିବ। ତେବେ ଅଭିଯୋଗକାରୀଙ୍କ ପଂଜୀକରଣ ଏବଂ ଯାଂଚ କାର୍ଯ୍ୟ ନିୟମିତ ଚାଲୁ ରହିବ। ଏନେଇ କମିଶନଙ୍କ ପକ୍ଷରୁ ସୋମବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି ଏହି ସମୟରେ ଅତିଜରୁରୀ କେଶଗୁଡ଼ିକର ଶୁଣାଣି କରାଯିବ ।

## ଝାରପଡା ଜେଲ୍ ରେ ଡିଜିଙ୍କ ସମୀକ୍ଷା

ଭୁବନେଶ୍ୱର,୩୧ ।୫(ପି.ଏନ): ଭୁବନେଶ୍ୱର ଝାରପଡା ଜେଲ୍ ରେ ସମୀକ୍ଷା କରିଛନ୍ତି ଜେଲ୍ ଡିଜି ସନ୍ତୋଷ ଉପାଧ୍ୟାୟ । ଜେଲ୍ ରୁ ବାରମ୍ବାର ଫୋନ୍ ଓ ଗଂଜେଇ ମିଳିବା ପରେ ଡିଜି ସମୀକ୍ଷା କରିଛନ୍ତି। ପୂର୍ବରୁ ଜେଲ୍ ରେ ଗଂଜେଇ ଜବତ ଘଟଣାରେ ଚିଫ୍ ୱାର୍ଡର ସସପେଣ୍ଡ ହୋଇଥିଲେ।

## ଆସନ୍ତାକାଲି ଠାରୁ ୩ ଜିଲ୍ଲାରେ ଖୋଲିବ ଗାଡି ଶୋରୁମ୍

ଭୁବନେଶ୍ୱର, ୩୧ ।୫(ପି.ଏନ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ଲକ୍ ଡାଉନ୍ କଟକଣା କୋହଳ ହୋଇଥିବା ୩ ଜିଲ୍ଲାରେ ଗାଡ଼ି ଶୋରୁମ ଖୋଲିବ। ଏଥିସହ ଗାଡି ପଞ୍ଜୀକରଣକୁ ମଧ୍ୟ ଅନୁମତି ମିଳିଛି। ସୁନ୍ଦରଗଡ଼, ନୂଆପଡ଼ା ଓ ଗଜପତି ଜିଲ୍ଲାରେ ସୋମବାର ଠାରୁ ଶୁକ୍ରବାର ସକାଳ ୭ ଟାରୁ ଦିନ ୧ ଟା ପର୍ଯ୍ୟନ୍ତ ଗାଡ଼ି ଶୋରୁମ ଖୋଲିବ। ରାଜ୍ୟ ପରିବହନ କର୍ତୃପକ୍ଷ (ଏସଟିଏ) ଟ୍ୱିଟ୍ କରି ଏହି ସୂଚନା ଦେଇଛି। ସେହିପରି ଏସଟିଏ ସୁନ୍ଦରଗଡ, ରାଉରକେଲା , ନୂଆପଡା ଓ ଗଜପତି ଆରଟିଓ ମାନଙ୍କୁ ଜୁନ୍ ୧ ତାରିଖରୁ ଗାଡି ପଂଜୀକରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ରାଜ୍ୟରେ ଜୁନ୍ ୧୭ ପର୍ଯ୍ୟନ୍ତ ଲକ୍ ଡାଉନ୍ ବୃଦ୍ଧି ନେଇ ଘୋଷଣା କରିଥିଲେ। ଏଥିସହ ସଂକ୍ରମଣ କମୁଥିବା ସୁନ୍ଦରଗଡ଼, ନୂଆପଡ଼ା ଓ ଗଜପତି ଜିଲ୍ଲାରେ ସକାଳ ୭ଟାରୁ ୧ ଟା ପର୍ଯ୍ୟନ୍ତ କଟକଣା କୋହଳ ହେବ ବୋଲି କହିଥିଲେ ।

# ବାରିପଦା କୋଭିଡ଼ ହସ୍ପିଟାଲରେ କରୋନା ରୋଗୀମାନଙ୍କ ଚିକିତ୍ସାରେ ବ୍ୟାପକ ଅବହେଳା

ବାରିପଦା,୩୧ ।୫(ପି.ଏନ): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକର ବାଙ୍କିଶୋଳସ୍ଥିତ କିମ୍ସ ଅନୁଷ୍ଠାନ ପରିସରରେ କୋଭିଡ଼୍–୧୯ ହସପିଟାଲକୁ ନେଇ ବିବାଦ ଥମିବାର ନାମ ଧରୁ ନାହିଁ। ସେଠାକୁ ଯାଉଥିବା କରୋନା ରୋଗୀମାନଙ୍କର ଉପଯୁକ୍ତ ଯତ୍ନ ଓ ଚିକିତ୍ସା କ୍ଷେତ୍ରରେ ଚରମ ଅବହେଳା ଅଭିଯୋଗକୁ ନେଇ ଗତ ୨୦୨୦ରେ ହାଙ୍ଗାମା ହୋଇଥିଲା । ମୃତ ବ୍ୟକ୍ତିକୁ ଜିବୀତ ପୁଣି କେତେବେଳେ ମୃତ ବୋଲି ପରିବାର ଲୋକଙ୍କୁ ସୂଚନା ଦିଆଯାଉଥିଲା । ସେହିପରି କରୋନାର ଦ୍ୱିତୀୟ ଲହର ଫେରିବା ପରେ ସେହି କିମ୍ସ ଅନୁଷ୍ଠାନ ପରିସରରେ କୋଭିଡ଼୍–୧୯ ହସପିଟାଲ ଆରମ୍ଭ ହେଲା । ମାତ୍ର ପରିସ୍ଥିତି ସୁଧରିବା ପରିବର୍ତେ ବାଙ୍କିଶୋଳ କୋଭିଡ଼୍–୧୯ ହସ୍ପିଟାଲକୁ ନେଇ ଅମାନବୀୟ ଓ ଅଭାବନୀୟ ଦୃଶ୍ୟର ଭିଡ଼ିଓ ଓ ଫଟୋ ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ସାଙ୍ଗକୁ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । କୋଭିଡ଼୍ ହସ୍ପିଟାଲରେ କରୋନା ରୋଗୀମାନଙ୍କର କିପରି ଚିକିତ୍ସା ଯୋଗାଇ ଦିଆଯାଉଛି ତାହାକୁ ନେଇ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଭିଡ଼ିଓ ପ୍ରତ୍ୟେକ ଜନସାଧାରଣଙ୍କ ହୃଦୟକୁ ଆନ୍ଦୋଳିତ କରାଇ ଦେଇଛି । ହସପିଟାଲର ପାଇଖାନା ନିକଟରେ ଅର୍ଦ୍ଧଉଲଗ୍ନ ଓ ଉଲଗ୍ନ ଅବସ୍ଥାରେ କୋଭିଡ଼୍ ଆକ୍ରାନ୍ତ ରୋଗୀ ପଡ଼ିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ପୁଣି ଶଯ୍ୟାରେ ଅର୍ଦ୍ଧ ଉଳଗ୍ନ ଅବସ୍ଥାରେ ରୋଗୀ ପଡ଼ିଛି ତ କେଉଁ ରୋଗୀ ମୁହଁରୁ ଚାଲୁ ରହିଥିବା ଅକ୍ସିଜେନ ମାସ୍କ ଖୋଲି ଯାଇଛି । ଏହିପରି ବାଙ୍କିଶୋଳ କୋଭିଡ୍ ହସପିଟାଲର ବିଭିନ୍ନ ବିଭତ୍ସ ଓ କରୁଣ ଦୃଶ୍ୟ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛି । ନିଜ ପିତାଙ୍କ ଚିକିତ୍ସା ନିମନ୍ତେ ଉକ୍ତ କୋଭିଡ଼୍ ହସପିଟାଲରେ ରହିଥିବା ଜନୈକ ଯୁବକ ଏହି ସମସ୍ତ ଦୃଶ୍ୟକୁ ଉତୋଳନ କରିଥିଲେ ବୋଲି କୁହାଯାଉଛି । ବିଭିନ୍ନ ସମୟରେ କୋଭିଡ଼୍ ହସପିଟାଲରେ ଏକାଧିକ ରୋଗୀର ମୃତ୍ୟୁ ହେଉଥିବା ବେଳେ ସରକାରୀ ରିପୋର୍ଟରେ ସେ ସମ୍ପର୍କରେ କୌଣସି ସୂଚନା ଜାରି କରାଯାଉନଥିବାରୁ ହସ୍ପିଟାଲ ଉପରୁ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି । ସାମାଜିକ ଗଣମାଧ୍ୟମରେ ଏହି ସମସ୍ତ ଦୃଶ୍ୟ ଭାଇରାଲ ହେବା ପରେ ଆଜି ବାରିପଦା ସହରର କେତେକ ବୁଦ୍ଧିଜୀବୀ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭେଟି ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ସମୟରେ ଜିଲ୍ଲାପାଳ ଶ୍ରୀଭରଦ୍ୱାଜ କହିଛନ୍ତି, ଆମେ ରୋଗୀମାନଙ୍କ ନିକଟରୁ ଫିଡ଼୍ ବେକ ନେଉଛୁ, ସେଥିରେ ଯାହାବି କିଛି ଗେପ ରହୁଛି ତାହାର ସମାଧାନ କରାଯାଉଛି । ଯେଉଁ ସମସ୍ତ ଅଭିଯୋଗ ଆସୁଛି, ତା ଉପରେ ତଦନ୍ତ କରାଯାଉଛି । ଗୋଟାଏ କେଶରେ ଯାହା କମ୍ପ୍ଲେନ ଆସିଥିଲା, ତା ଉପରେ ଡିଟେଲ ତଦନ୍ତ କରାଯାଉଛି । ରିପୋର୍ଟ ଆସିବା ପରେ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ । କୋଭିଡ଼୍ ହସପିଟାରେ ଆବଶ୍ୟକ ସଂଖ୍ୟକ ଡ଼ାକ୍ତର ଓ ଷ୍ଟାଫ ରହିଛନ୍ତି । ଖାଦ୍ୟପେୟ ଭଲ ଦିଆଯାଉଛି । ହସପିଟାଲରେ ସବୁକିଛି ଭଲରେ ଚାଲିଛି ବୋଲି ଜିଲ୍ଲାପାଳ ଶ୍ରୀଭରଦ୍ୱାଜ କହିଥିଲେ । ଜିଲ୍ଲାପାଳଙ୍କ ସହିତ ଆଲୋଚନା ସାରି ବାହାରକୁ ଆସିବା ପରେ ଭଞ୍ଜସେନାର କାର୍ଯ୍ୟକାରୀ ଅଧ୍ୟକ୍ଷ ରାକେଶ ସିଂ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି, ବାଙ୍କିଶୋଳ କୋଭିଡ଼୍ ହସପିଟାଲରେ କରୋନା ରାଗୀମାନଙ୍କର ଚିକିତ୍ସା ଦୟନୀୟ ପରିସ୍ଥିତି ମଧ୍ୟ ଦେଇ ଚାଲୁଛି । ଏଥି ନିମନ୍ତେ ଉଭୟ ରାଜ୍ୟ ସରକାର ଓ ମୟୂରଭଞ୍ଜ ଜିଲ୍ଲାପ୍ରଶାସନ ଦାୟୀ । କିମ୍ସର ମାଲିକ ପ୍ରଥମେ ଆଦିବାସୀମାନଙ୍କ ନାମରେ ଅର୍ଥ ଲୁଟିବା ପରେ ବର୍ତମାନ କୋଭିଡ଼୍ ହସପିଟାଲ ନାମରେ ମୟୂରଭଞ୍ଜ ବାସୀଙ୍କୁ ଭଳୁଆ ବନେଇ ଲୁଟିବାରେ ଲାଗିଛନ୍ତି । ସୋସିଆଲ ମିଡ଼ିଆରେ ଯେଉଁ ସମସ୍ତ ଭିଡ଼ିଓ ଭାଇରାଲ ହୋଇଛି ତାହା ଅତ୍ୟନ୍ତ ହୃଦୟ ବିଦାରକ ଦୃଶ୍ୟ । ବାଙ୍କିଶୋଳ କୋଭିଡ଼୍ ହସ୍ପିଟାଲ ମରଣ ଯନ୍ତାରେ ପରିଣତ ହୋଇଛି । ସେଠାକୁ ଯେଉଁ ରୋଗୀ ଚିକିତ୍ସା ନିମନ୍ତେ ଯାଉଛି ଫେରି ଆସିବାର ଆଶା କ୍ଷୀଣ । ଚିକିତ୍ସା ପାଇଁ ଯାଉଥିବା ରୋଗୀମାନଙ୍କ ମଧ୍ୟରୁ ବିଭିନ୍ନ ସମୟରେ ଚିକିତ୍ସାଧୀନ ରୋଗୀର ମୃତ୍ୟୁ ହେଉଥିବା ବେଳେ ତାର କୌଣସି ରିପୋର୍ଟ ଆସୁନାହିଁ । ହସପିଟାଲରେ ରୋଗୀତ ସଠିକ ଚିକିତ୍ସା ଓ ଯତ୍ନ ନିଆଯାଉ ନଥିବା ବେଳେ ଆବଶ୍ୟକ ସଂଖ୍ୟକ ଡ଼ାକ୍ତର ଓ ଷ୍ଟାଫ ନାହାନ୍ତି । ଏଣୁ ନେଗଲିଜେନ୍ସି ଡେଥ ଆଧାରରେ ମାମଲା ରଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବା ସାଙ୍ଗକୁ ଲାଇସେନ୍ସକୁ ରଦ୍ଦ କରାଯିବାର ଆବଶ୍ୟକତା ରହିଛି । ମାତ୍ର ବିଜେଡ଼ିର ସାଂସଦ ହୋଇଥିବାରୁ ସରକାର ଘଂଟ ଘୋଡ଼ାଉଛନ୍ତି । ଅନ୍ୟ କେହି ହୋଇଥିଲେ ସେ ବର୍ତମାନ ଜେଲ ଭିତରେ ରହିଥାନ୍ତେ ବୋଲି ଶ୍ରୀସିଂ କହିଛନ୍ତି । ସେହିପରି ମୟୂରଭଞ୍ଜ ବାର ଆସୋସିଏସନେ ପୂର୍ବତନ ସମ୍ପାଦକ ବିପ୍ଳବ ବାରିକ କୁହନ୍ତି, ବାଙ୍କିଶୋଳ କୋଭିଡ଼୍ ହସପିଟାଲର ସୁପରିଚାଳନା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବାକୁ ଆସିଥିଲୁ । ଜିଲ୍ଲାପାଳ ସବୁ ଠିକ୍ ଠାକ୍ ଚାଲିଥିବାର କହିଥିବା ବେଳେ ଯାହା ଅନୁଭବ କରୁଛି ସେଠାରେ ସବୁକିଛି ଅବ୍ୟବସ୍ଥା ମଧ୍ୟରେ ଚାଲିଛି ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କିନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଚେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କେବଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଭର୍ଚୁଆଲ ମାଧ୍ୟମରେ ବାର୍ଷିକ କାର୍ଯ୍ୟକ୍ରମର ତର୍ଜମା ସହିତ କରୋନା ମୁକାବିଲା ପାଇଁ କାର୍ଯ୍ୟ ଖସଡ଼ା ସମ୍ପର୍କିତ ଆଲୋଚନା

କନ୍ଧମାଳ: କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ''ସ୍ୱାତୀ'' ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଇଂ. ହରିଶଙ୍କର ରାଉତଙ୍କ ଆଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ସମସ୍ତ ଆଗଧାଡିର କର୍ମଚାରୀଙ୍କ ସହ ପରିଚାଳନା କମିଟିର ସଦସ୍ୟ ଶାନ୍ତନୁ କୁମାର ମିଶ୍ର, ପ୍ରଶାନ୍ତ ଶତପଥୀ ଓ ମୃତ୍ୟୁଞ୍ଜୟ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବୈଠକ ମାଧ୍ୟମରେ କୋଭିଡ୍ ସମୟର କାର୍ଯ୍ୟ କରିବାର ଅନୁଭୂତି ଓ ବିଭିନ୍ନ ଆନ୍ତର୍ଜାତୀୟ ଓ ସରକାରୀ ସହଯୋଗୀ ଅନୁଷ୍ଠାନ ଯଥା- ଓଡିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସୋସାଇଟି, ଆଲାଏନ୍ସ ଇଣ୍ଡିଆ, କ୍ରାଏ-କୋଲକାତାଙ୍କ ଠାରୁ ମିଳିଥିବା ସହାୟତାକୁ କିପରି କରୋନା ସଂକ୍ରମଣ ସମୟରେ ସାଧାରଣ ଲୋକଙ୍କ ପାଖରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପହଂଚାଇ ସଂକ୍ରମଣ ରୋକିବାରେ ସହାୟକ ହୋଇଛି ସେ ଉପରେ ଗୁରୁତ୍ୱ ଦେଇ ଆଲୋଚନା ହୋଇଥିବା ଅନୁଷ୍ଠାନ ତରଫରୁ ଗ୍ରାମୀଣ ସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କିପରି ଆଗାମୀ ଦିନରେ କୋଭିଡ଼୍‌ର ସମସ୍ତ ନିୟମ ପାଳନ କରି ଆଗକୁ ବଢ଼ି ହେବ ସେ ଦିଗରେ ଉପସ୍ଥିତ ସମସ୍ତ କର୍ମଚାରୀ ଆଲୋଚନା କରିଥିଲେ । ଏହି ଆଲୋଚନାରେ କରୋନା ମହାମାରୀ ସମୟରେ ପ୍ରାୟ ୨୫୦୦ ପରିବାରକୁ ସାବୁନ ଓ ମାସ୍କ ବାଣ୍ଟିବା ସହ ୨୦,୦୦୦ରୁ ଅଧିକ ସାବୁନ ଓ ମାସ୍କ ବିଭିନ୍ନ ଜାଗାରେ ଯଥା- ହାଟ, ବଜାର, ବିଦ୍ୟାଳୟ, ମନ୍ଦିର ପ୍ରାଙ୍ଗଣ, ଜନଗହଳି ସ୍ଥାନମାନଙ୍କରେ ବଣ୍ଟନ କରାଯାଇଥିବା ଅନୁଷ୍ଠାନର କର୍ମଚାରୀମାନେ ସୂଚନା ଦେଇଥିଲେ । ତତ୍‌ସହିତ କରୋନାର ପ୍ରଥମ ଲହର ସମୟରେ ପ୍ରବାସୀମାନଙ୍କର ପଞ୍ଜିକରଣ କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ସହଯୋଗରେ ସାନିଟାଇଜର ପ୍ରସ୍ତୁତି , ମାସ୍କ ତିଆରି କରି ବାଣ୍ଟିବା ଭଳି କାର୍ଯ୍ୟ ମଧ୍ୟ ଅନୁଷ୍ଠାନ ତରଫରୁ କରାଯାଇଥିବା କଥା ଉପସ୍ଥାପିତ ହୋଇଥିଲା । କାର୍ଯ୍ୟକ୍ରମକୁ ''ସ୍ୱାତୀ'' ତରଫରୁ ପ୍ରଦୀପ କୁମାର ସ୍ୱାଇଁ ପରିଚାଳନା କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମାନବ ସଭ୍ୟତାର ବିକଶିତ ବିଚାର ବ୍ୟବସ୍ଥା

ଭୁବନେଶ୍ୱର (ପିଆଇବି): ବର୍ତ୍ତମାନର ଆଇନ ବ୍ୟବସ୍ଥାର ଆଲୋଚନା ହେବା ସମୟରେ ସ୍ୱତଃ ପ୍ରାକ୍‌କାଳର ଆଇନ ବ୍ୟବସ୍ଥା କଥା ସ୍ମରଣକୁ ଚାଲିଆସେ। ସାଧାରଣତଃ ସମାଜରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେଲେ ତା'ର ନିରାକରଣ ପାଇଁ ଆଇନର ଅନ୍ୱେଷଣ କରାଯାଏ। ଏଇ ପ୍ରସଙ୍ଗରେ ପୁରାଣ ଯୁଗରେ ଏଥିପାଇଁ ବିଧିବ୍ୟବସ୍ଥା ଥିବାର ଗ୍ରୀକ୍ ପୁରାଣର ଏକ ମହାନ କଥା ବସ୍ତୁରୁ ଜାଣିବାକୁ ମିଳେ ଯାହାକି ଆଧୁନିକ ଯୁଗର ବିଧିବ୍ୟବସ୍ଥାର ପଥପ୍ରଦର୍ଶକ ହୋଇଛି। ସେଇ ପୁରାଣର କାହାଣୀ ଅନୁସାରେ ଆକାଶପିତା ଇଉରାନ୍‌ସ ଓ ଧରିତ୍ରୀ ମାତା ଗାଇଆଙ୍କର କନ୍ୟା ଥିଲେ ଥେମିସ୍। ତାଙ୍କର ଦାୟିତ୍ୱ ଥିଲା ଧରାପୃଷ୍ଠରେ ଆଇନ ଶୃଙ୍ଖଳା ରକ୍ଷା କରିବା। ତେଣୁ ସେ ଜଗତରେ ନ୍ୟାୟର ଦେବୀ (ଷ୍ଟାଚୁ ଅଫ୍ ଜଷ୍ଟିସ୍) ଭାବେ ବିଶେଷ ରୂପରେ ପରିଚିତା। ଏବେ ପୃଥିବୀର ବହୁ ସ୍ଥାନରେ ନ୍ୟାୟିକ ସଂସ୍ଥାନ ତଥା ଆଇନ ଅଦାଲତ ମାନଙ୍କରେ ଆଖିରେ ଅନ୍ଧପୁଟୁଳି ବନ୍ଧା, ଦକ୍ଷିଣ ହସ୍ତେ ଖଡ୍ଗ ଓ ବାମହସ୍ତେ ନ୍ୟାୟ ତରାଜୁ ଧାରିଣୀ ଯେଉଁ ନାରୀ ମୂର୍ତିଟି ଦଣ୍ଡାୟମାନ ସେ ଆଉ କେହି ନୁହନ୍ତି, ସେ ହେଉଛନ୍ତି ନ୍ୟାୟର ଦେବୀ ଥେମିସ୍, ନ୍ୟାୟର ପ୍ରତୀକ। ନିରପେକ୍ଷତାକୁ ନିରବଚ୍ଛିନ୍ନ ଭାବେ ପାଳନ କରିବା ପାଇଁ ସାରା ବିଶ୍ୱକୁ ବାର୍ତା ଦେବା ଉଦ୍ଦେଶ୍ୟରେ ଆଖିରେ ଅନ୍ଧପୁଟୁଳି ବାନ୍ଧିଥିବା ସେଇ ମୂର୍ତିଟି ଗୋଟିଏ ହାତରେ ନ୍ୟାୟ ତରାଜୁ ଓ ଅନ୍ୟ ହାତରେ ଖଡ୍ଗ ଧାରଣ କରିଥିବାରୁ ତାହା ନ୍ୟାୟ ଅନ୍ୟାୟ ବିଚାରର ସୂଚନା ପ୍ରଦାନ କରେ। ଗ୍ରୀକ୍ ପୁରାଣର ଏଇ କଥାଟି ସାରା ବିଶ୍ୱରେ ପ୍ରତିଧ୍ୱନୀତ ହୋଇ ଜନମାନସରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଯେଉଁ ଗଭୀର ଆସ୍ଥା ଓ ବିଶ୍ୱାସ ପ୍ରକଟ କରେ ତାହା ଚିରକାଳ ଅଭିନନ୍ଦନୀୟ। ଅଧୁନା ଏହି ଅତ୍ୟାଧୁନିକ ଯୁଗରେ ବ୍ୟକ୍ତି ବିଶେଷରେ ହୁଏତ କେଉଁଠି କେମିତି ଦୁର୍ବଳ ମୁହୂର୍ତ୍ତର ଶିକାର ହୋଇ ତ୍ରୁଟି ବିଚ୍ୟୁତି ଘଟୁଥାଇପାରେ, ମାତ୍ର ନୀତିନିୟମର ଗଭୀର ତତ୍ୱ ସଦାସର୍ବଦା ସ୍ୱଚ୍ଛ। ଆଲୋଚ୍ୟ ପ୍ରସଙ୍ଗରେ ଆଉ ଗୋଟିଏ ଚମତ୍କାର ବିଷୟ ବସ୍ତୁ ହେଉଛି ପିଥାଗୋରାସ୍ ଓ ଓଭାଲଥାସ୍ ଗୁରୁଶିଷ୍ୟ ଉପାଖ୍ୟାନ। ଗ୍ରୀକ୍ ଇତିହାସର ଏଇ ଅବିସ୍ମରଣୀୟ କାହାଣୀଟି ସଂପୂର୍ଣ୍ଣ ହେଉ ହେଉ ଅଦ୍ୟାବଧି ଅସଂପୂର୍ଣ୍ଣ ରହିଯାଇଛି ଯାହାକି ବିଧିର ଏକ ବିଡମ୍ବନା ମାତ୍ର। ପିଥାଗୋରାସ୍ ଥିଲେ ଜଣେ ବିଶ୍ୱବିଦିତ ବିଦ୍ୱାନ ଶିକ୍ଷକ। ଓଭାଲ୍‌ଥାସ୍ ନାମକ ଜଣେ ଛାତ୍ର ତାଙ୍କଠାରୁ ଆଇନରେ ଶିକ୍ଷା ଗ୍ରହଣ କରିବାକୁ ଆସିଲେ। ସେତେବେଳେ ଆଇନରେ ଶିକ୍ଷା ଗ୍ରହଣ କରିବାର ଅବଧି ଥିଲା ଦୁଇ ବର୍ଷ। ପିଥାଗୋରାସ୍ ଶିକ୍ଷା ଦେବାକୁ ରାଜି ହେଲେ ଓ ବଦଳରେ ଦେୟ (ଫିସ୍) ମାଗିଲେ। ଓଭାଲ୍‌ଥାସ୍ ଦେୟ ଦେବାକୁ ସକ୍ଷମ ନଥିବାରୁ ତାହା ଗୁରୁ ପିଥାଗୋରାସ୍‌ଙ୍କୁ ଜଣାଇଲେ ଏବଂ ଶିକ୍ଷା ଅବଧି ଶେଷ ହେଲା ପରେ ଦେୟ ଦେବାକୁ ପ୍ରତିଶ୍ରୁତି ଦେଲେ। ପିଥାଗୋରାସ୍ ପ୍ରତିଶ୍ରୁତିରେ ରାଜି ହୋଇ ଓଭାଲ୍‌ଥାସ୍‌ଙ୍କୁ ଶିକ୍ଷା ଗ୍ରୁପ୍‌ରେ ଗ୍ରହଣ କଲେ ଓ ଆଇନର ବହୁ ମୂଲ୍ୟବାନ୍ ଶିକ୍ଷା ତାଙ୍କୁ ପ୍ରଦାନ କଲେ। ଓଭାଲ୍‌ଥାସ୍ ଅତ୍ୟନ୍ତ ମେଧାବୀ ଥିବାରୁ 'ଯେମିତି ଗୁରୁ ସେମିତି ଛାତ୍ର' ନ୍ୟାୟରେ ଓଭାଲ୍‌ଥାସ୍ ଆଇନ ଶିକ୍ଷା ଲାଭ କରି ଖୁବ୍ ପାରଦର୍ଶୀ ହୋଇଗଲେ ସତ, ହେଲେ ପୂର୍ବ ପ୍ରତିଶ୍ରୁତି ଭଙ୍ଗ କରି ଗୁରୁ ପିଥାଗୋରାସ୍‌ଙ୍କୁ ତାଙ୍କର ଦେୟ ଦେବାକୁ ମନା କରିଦେଲେ। ଏଣୁ ପିଥାଗୋରାସ୍ ଏକ ଆଇନ ସଂସ୍ଥାନରେ ଓଭାଲ୍‌ଥାସ୍‌ଙ୍କ ବିରୁଦ୍ଧରେ ଏକ ଅଭିଯୋଗ ଆଗତ କଲେ। ଉକ୍ତ ଆଇନ ସଂସ୍ଥା ଅଭିଯୋଗ ଗ୍ରହଣ କରି ଉଭୟଙ୍କର ଯୁକ୍ତିତର୍କ ଶୁଣିଲେ। ଉଭୟଙ୍କର ଯୁକ୍ତିତର୍କ ଓ ଉତ୍ତର ପ୍ରତ୍ୟୁତ୍ତର ଏଭଳି ବାଗ୍ମିତାପୂର୍ଣ୍ଣ ଉତୁଙ୍ଗ ଥିଲା ଯେ ଏଥିରେ ବିଚାରପତି ଅଭିଭୁତ ହୋଇ ପଡିଲେ। ଉଭୟ ପକ୍ଷଙ୍କ ଆଇନର ତାତ୍ୱିକ ବିଶ୍ଳେଷଣରେ କିଂକର୍ତବ୍ୟବିମୂଢ଼ ହୋଇପଡି ନ୍ୟାୟମୂର୍ତି ଉକ୍ତ ମକଦ୍ଦମାର ଫଳାଫଳ ଶହେ ବର୍ଷପରେ ଘୋଷଣା କରାଯିବାକୁ ଶୁଣାଇଦେଲେ। ସେଇଦିନ ଠାରୁ ଏହା ଭିତରେ କେତେ ଯେ ବର୍ଷ ବିତିଗଲାଣି ତା'ର ହିସାବ ନାହିଁ। ପୁଣି ଏହା ଉପରେ ଅଢ଼େଇ ହଜାରରୁ ଉର୍ଦ୍ଧ୍ୱ ଗବେଷଣା ସନ୍ଦର୍ଭ ଲେଖା ଯାଇସାରିଥିଲେବି ଏ ପର୍ଯ୍ୟନ୍ତ ପିଥାଗୋରାସ୍ ବନାମ ଓଭାଲ୍‌ଥାସ୍ ମକଦ୍ଦମାର ଚୂଡାନ୍ତ ଫଳାଫଳ ନିର୍ଣ୍ଣିତ ହୋଇ ପାରି ନାହିଁ। ବୋଧହୁଏ ବିଶ୍ୱର ଏହି ପ୍ରଥମ ଆନୁଷ୍ଠାନିକ ମକଦ୍ଦମାର ଫଳାଫଳ ନିର୍ଣ୍ଣୟ ହୋଇନପାରିବା ଯେତିକି ବିସ୍ମୟକର ସେତିକି କୌତୁହଳପୂର୍ଣ୍ଣ। ଏଇ ପରିପ୍ରେକ୍ଷୀରେ ଭାରତୀୟ ବିଚାର ବ୍ୟବସ୍ଥା ଉପରେ ନଜର ପକାଇବା। ଆଜିର ଏ ଯେଉଁ ବିଚାର ବ୍ୟବସ୍ଥା ତାହା ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ବିଚାର ବ୍ୟବସ୍ଥାର ଅନୁରୂପ। କାରଣ, ପ୍ରାୟ ଦୁଇ ଶହ ବର୍ଷ ଧରି ଇଂରେଜମାନେ ଭାରତକୁ ଶାସନ କରିଥିବାରୁ ସେମାନେ ଯେଉଁ ବିଚାର ବ୍ୟବସ୍ଥା ପ୍ରଚଳନ କରିଥିଲେ ଭାରତ ସ୍ୱାଧୀନ ହେଲାପରେ ମଧ ସେଇ ବ୍ୟବସ୍ଥା ଚଳିଆସୁଛି। ପୂର୍ବେ କୌଣସି କାରଣରୁ ବିବାଦଟିଏ ଦେଖାଦେଲେ ଲୋକେ ତାହା ସାଇ ପଡିଶା ତଥା ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ସମାଧାନ କରିନେଉଥିଲେ। ନହେଲେ ପଂଚପରମେଶ୍ୱରଙ୍କ ପାଖକୁ ଯାଉଥିଲେ। ଆଉ ସେଇ ପଂଚପରମେଶ୍ୱରଙ୍କ ଆଦେଶ ହିଁ ଥିଲା ଶିରୋଧାର୍ଯ୍ୟ। ସାଂପ୍ରତିକ ପଂଚାୟତ ବ୍ୟବସ୍ଥା ତହିଁରୁ ଉତ୍ପନ୍ନ। ପଂଚଙ୍କ ଆୟତରେ ପଂଚାୟତ ଅର୍ଥାତ୍ ସେଇ ପାଂଚ ଜଣଙ୍କ ଆୟତରେ ସବୁକଥା। ସେମାନେ ଯାହା ନିର୍ଣ୍ଣୟ କରିବେ ତାକୁ ନମାନିବାର କାହାର ସାଧ ନଥାଏ। ଏହା ଥିଲା ତୃଣମୂଳସ୍ତରର ଅଲିଖିତ ବିଚାର ବ୍ୟବସ୍ଥା। ତାକୁ ଟପିଲେ ଧାର୍ମିକ ଅନୁଷ୍ଠାନ କିମ୍ବା ଜମିଦାର ଅଥବା ରାଜ ଦରବାରକୁ ଯାଉଥିଲେ। ସେତେବେଳେ ଲୋକେ ଅତ୍ୟନ୍ତ ଧର୍ମବିଶ୍ୱାସୀ ଥିବାରୁ ଧର୍ମାନୁଷ୍ଠାନରେ ପ୍ରାୟ ବିବାଦର ସମାଧାନ ହୋଇଯାଉଥିଲା। ନିହାତି ଆବଶ୍ୟକତା ପଡିଲେ ଲୋକେ ଜମିଦାର କିମ୍ବା ରାଜଦରବାରକୁ ଯାଉଥିଲେ। କାରଣ, ଏଠାରେ ଦଣ୍ଡ ବିଧାନ ଅପେକ୍ଷାକୃତ କଠୋର ଥିଲା। ତେବେ କହିବାକୁ ଗଲେ ଉପରୋକ୍ତ ଏସବୁ ପ୍ରସଙ୍ଗ ଏବେ ଇତିହାସ ପୃଷ୍ଠାକୁ ଚାଲିଗଲାଣି। ମାନବ ସଭ୍ୟତାର ଦ୍ରୁତ ବିକାଶରେ ବିଚାର ବ୍ୟବସ୍ଥା ମଧ୍ୟ ବିକଶିତ ହେଲାଣି ଓ ଆଗକୁ ଆହୁରି ବିକଶିତ ହେବାର ମାର୍ଗ ସ୍ପଷ୍ଟ ଦୃଷ୍ଟିଗୋଚର ହେଉଛି।

(ସୌଜନ୍ୟ: ଗଗନ ଚନ୍ଦ୍ର ମେହେର)

# ଅନନ୍ୟ ଶିଶୁ ସାହିତ୍ୟିକ ଉଦୟନାଥ ଷଡ଼ଙ୍ଗୀ



"ଶିଶୁକୁ ହସାଇ ଶିଶୁକୁ ରସାଇ/ଶିଶୁକୁ କୁହାଇ ମଧୁର କଥା/ଦେଇକରି ଯାକ ତୁମେ ଷଡଙ୍ଗୀ/କଲମ ଚଷିଲ ଖଟାଇ ମଥା।" - ଏହି କବିତାଟି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯାହାଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, ସେ ହେଉଛନ୍ତି ଓଡ଼ିଆ ଶିଶୁ ସାହିତ୍ୟର ନିଆରା ସାରଥି ଉଦୟନାଥ ନାଥ ଷଡ଼ଙ୍ଗୀ। ଶିଶୁର ମନକୁ ଛୁଇଁଲା ଭଳି କବିତା ଓ ଗପ ଲେଖିବା ସହଜ କଥା ନୁହେଁ। ଏହି ପ୍ରତିଭାର ଅଧିକାରୀ ଉଦୟନାଥ ଷଡଙ୍ଗୀ ଥିଲେ। ତାଙ୍କ ଶିଶୁ ସାହିତ୍ୟ ଏପରି ରସଯୁକ୍ତ ଓ ପ୍ରାଣବନ୍ତ ଥିଲା ଯେ ସେଥିରେ ଶିଶୁପ୍ରାଣ ଆତ୍ମହରା ହୋଇଉଠିଥିଲା। ଅନ୍ୟ ଭାବରେ କହିଲେ ଶିଶୁପ୍ରାଣର ଆଶା, ଆକାଂକ୍ଷା ଓ ସୁଖ-ଦୁଃଖର ସେ ଥିଲେ ସାର୍ଥକ ରୂପକାର। ଜୀବନସାରା ପିଲାମାନଙ୍କ ପାଇଁ ଅସଂଖ୍ୟ ଗପ, କବିତା, ଉପନ୍ୟାସ, ବିଜ୍ଞାନ ଲେଖା ଲେଖି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି।

ସେଦିନ ଥିଲା ଫଗୁ ଦଶମୀ ତିଥି, ୧୯୦୫ ମସିହା ମାର୍ଚ୍ଚ ମାସ ୧୬ ତାରିଖ। ଏହିଭଳି ଏକ ଶୁଭ ତିଥିରେ ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା) ଅନ୍ତର୍ଗତ ସିପି ଗ୍ରାମରେ ପିତା ଭିକାରି ଷଡଙ୍ଗୀ ଓ ମାଆ ପାସୋରୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମ ନେଇଥିଲେ ଉଦୟନାଥ। ସାନ ପୁଅ ହୋଇଥିବାରୁ ବାପା ମା'ଙ୍କର ସମସ୍ତ ସ୍ନେହଶ୍ରଦ୍ଧା ତାଙ୍କ ଉପରେ ଅଜାଡି ହୋଇପଡୁଥିଲା। ତୁଳସୀ ଦୁଇପତ୍ରରୁ ବାସିଲାପରି ବାଲ୍ୟକାଳରୁ ତାଙ୍କ ପ୍ରତିଭାର ଉନ୍ମେଷ ହୋଇଥିଲା। ବୟସର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଉଦୟନାଥଙ୍କ ହୃଦୟରେ ଦେଶପ୍ରେମ ବୀଜ ଅଙ୍କୁରିତ ହେଲା। ସେତେବେଳକୁ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ଜୋର ଧରିଥାଏ। ମହାତ୍ମାଗାନ୍ଧୀଙ୍କ ଡାକରାରେ ଦେଶର କୋଣଅନୁକୋଣରେ ଦେଶପ୍ରେମ ଭାବନାରେ ଉଦ୍‌ବୁଦ୍ଧ ହୋଇ ଅନେକ ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଉଦୟନାଥଙ୍କ ଘଟଣାବହୁଳ ଜୀବନ ଆରମ୍ଭ ହୋଇଥିଲା ସ୍ୱାଧୀନତା ସଂଗ୍ରାମର ମୁକ୍ତିତୀର୍ଥ ଅଳକାଶ୍ରମରୁ। ଏଠାରେ ସୂତାକଟା, ଲୁଗାବୁଣା ଓ ଅନ୍ୟାନ୍ୟ ଧନ୍ଦାମୂଳକ ଶିକ୍ଷା ଦିଆଯାଉଥିଲା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ। ଏଠାରେ ରହି ଉଦୟନାଥ ଏସବୁ ଶିକ୍ଷାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିନେଲେ। ପରବର୍ତ୍ତୀ ପର୍ଯ୍ୟାୟରେ ବକୁଳବନ ଛୁରୀଆନା କୁଞ୍ଜ ତଳେ ଗଢ଼ିଉଠିଥିବା ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ହୋଇଥିଲେ ଉଦୟନାଥ। ସୌଭାଗ୍ୟକୁ ଏଠାରେ ରହି ଆର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ସମାଜ ସଂପାଦକ ରାଧାନାଥ ରଥଙ୍କ ପରି ଯୋଗଜନ୍ମା, ଜ୍ଞାନୀ, ଗୁଣୀ ଓ ସାରସ୍ୱତ ସାଧକମାନଙ୍କ ସଂସ୍ପର୍ଶରେ ଆସି ତାଙ୍କ ଜୀବନର ଗତିପଥ ବଦଳିଯାଇଥିଲା।

ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ ସାହତ୍ୟ ସାଧକ ଭାବେ ଉଦୟନାଥ ଷଡ଼ଙ୍ଗୀ ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ। ଏକାଧାରରେ ସିଏ ଥିଲେ ଜଣେ ଖ୍ୟାତନାମା ସାହିତ୍ୟିକ, ପ୍ରଖ୍ୟାତ ସାମ୍ବାଦିକ, ବିଶିଷ୍ଟ ଅନୁବାଦକ ଓ ସର୍ବୋପରି ସଚ୍ଚା ସ୍ୱାଧୀନତା ସଂଗ୍ରାମୀ। ଜଣେ ସ୍ରଷ୍ଟା ଭାବେ ସାହିତ୍ୟର ବିଭିନ୍ନ ବିଭାଗରେ ସେ ସଫଳ ହୋଇଥିଲେ ମଧ୍ୟ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ଲାଗି ସେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବେ।

ଉଦୟନାଥ ଜାଣିଥିଲେ ଶିଶୁପ୍ରାଣ ସରଳ, ନିଷ୍ପାପ ଓ କୋମଳ। ଶିଶୁ ମନରେ ଆନନ୍ଦ, ବିଷାଦ, ମାନ, ଅଭିମାନ ଭରି ରହିଅଛି। ଏହି କଥାକୁ ମର୍ମେ ମର୍ମେ ଉପଲବ୍ଧି କରିଥିଲେ ସେ। ତେଣୁ ଅତି ସୁନ୍ଦର ଭାବେ ଶିଶୁ ମନକୁ ଛୁଇଁବା ଭଳି ଲେଖା ଗୋଟିକ ପରେ ଗୋଟିଏ ଲେଖିଚାଲିଲେ ଉଦୟନାଥ। ତନ୍ମଧ୍ୟରେ ଟୁଇକୁମୂଷି, ଚକାଚକା ଭଉଁରୀ, ଜହ୍ନମାମୁଁ, କଥା କବିତା ଆଦି ଅନ୍ୟତମ। ଟୁଇକୁମୂଷି କବିତାରେ ବଡ଼ଭାଇର ଆକଟପଣିଆ ବିରୁଦ୍ଧରେ ସାନଭାଇର ଚିନ୍ତା ଚେତନାକୁ ନିଖୁଣ ଭାବେ ପରିପ୍ରକାଶ କରି ଲେଖିଥିଲେ- ***"ଏ ଘରେ ମୁଁ ଆଉ ରହିବି ନାହିଁ/ମୋତି ବେଳେ କାନ ମୋ ବଡ଼ ଭାଇ।"***

ଖାଲି ସେତିକି ନୁହେଁ ଶିଶୁର ମନସ୍ତତ୍ତ୍ୱକୁ ଅତି ସୁନ୍ଦର ଭାବେ ବୁଝିପାରିଥିଲେ ଉଦୟନାଥ ଷଡ଼ଙ୍ଗୀ। ସେ ଜାଣିଥିଲେ ପିଲାମାନେ ପାଠକୁ ଭାରି ଡରନ୍ତି। ସ୍କୁଲ ଯିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ। ଶିଶୁର ଭାବନାକୁ ନେଇ ସେ ଅତି ମଜାଦାର ଢଙ୍ଗରେ ଲେଖିଥିଲେ- ***"ପାଠ, ପାଠ, ପାଠ/ଏ କଥାଟି ପଢ଼ିଲେ କାନେ/ହୋଇଯାଏ ମୁଁ କାଠ।"***



ଆଜିକାଲି ଅନେକ ଶିଶୁ ସାହିତ୍ୟିକଙ୍କ ଆବିର୍ଭାବ ଘଟିଛି। ଅନେକ ଶିଶୁ ସାହିତ୍ୟ ଲେଖା ମଧ୍ୟ ହେଉଛି। କିନ୍ତୁ ଆମ ଶିଶୁ ସାହିତ୍ୟରେ ଏବେ ଘୋର ଅଭାବ ଦେଖାଦେଇଛି ବୈଜ୍ଞାନିକ ଚିନ୍ତା ଓ ଚେତନାର। ଏହି କଥାକୁ ସେତେବେଳେ ଅନୁଭବ କରି ଉଦୟନାଥ ଷଡ଼ଙ୍ଗୀ ବିଜ୍ଞାନ ଓ ବୈଷୟିକ ଜ୍ଞାନଭିତ୍ତିକ ଲେଖାମାନ ଅତି ସୁନ୍ଦର ଓ ସରଳ ଭାବରେ ଲେଖିଯାଇଛନ୍ତି। ତାଙ୍କ ଲେଖନୀନିଃସୃତ ଆମ ଗ୍ରହ-ଉପଗ୍ରହ, ଏମାନଙ୍କୁ ଜାଣିରଖ, ତେଲ ଲୁଣର ସଂସାର ଓ ବିଚିତ୍ର ପଶୁ ଆଦି ଶିଶୁ ସାହିତ୍ୟ ପୁସ୍ତକ ଯେତିକି ମନଛୁଆଁ ସେତିକି ବିଜ୍ଞାନଭିତ୍ତିକ ଥିଲା। ଏହାହିଁ ଥିଲା ଉଦୟନାଥଙ୍କ ସୃଷ୍ଟିର ବିଶେଷତ୍ୱ। କେବଳ ସେତିକି ନୁହେଁ ଅନୁବାଦ କ୍ଷେତ୍ରରେ ମଧ୍ୟ ସିଏ ଜଣେ ସଫଳ ସ୍ରଷ୍ଟା ଥିଲେ। ବିଭିନ୍ନ ଭାଷାର ଶିଶୁ ସାହିତ୍ୟକୁ ଅନୁଦିତ କରି ସିଏ ନିଜର ପାରିବାପଣିଆର ଆଉ ଏକ ନମୁନା ଦେଖାଇଥିଲେ। ତାଙ୍କ ଅନୁଦିତ ପୁସ୍ତକ ଆରବ୍ୟ ରଜନୀ, ଇଦ୍ ପର୍ବ, ଆଲିବାବା, ସିନ୍ଦ୍ ବାବା, ଗୌତମ ବୁଦ୍ଧ ଇତ୍ୟାଦି ତାଙ୍କର ଅନବଦ୍ୟ ସୃଷ୍ଟି ଥିଲା। ବିଶେଷକରି "ଟମ୍ କକାଙ୍କ କୁଟୀର" ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ। ସବୁଠାରୁ ବଡ଼ କଥା ହେଉଛି, ଏହି ପୁସ୍ତକଗୁଡ଼ିକ ଅନୁଦିତ ହୋଇଥିଲେ ମଧ୍ୟ ସବୁଥିରେ ତାଙ୍କ ନିଜସ୍ୱ ମୌଳିକତାର ଛାପ ସ୍ପଷ୍ଟ ବାରିହୋଇ ପଡୁଥିଲା। ତାଙ୍କର ଏହି ସାମଗ୍ରିକ ସାହିତ୍ୟକୃତି ପାଇଁ ଅନେକ ସମ୍ମାନର ଅଧିକାରୀ ହୋଇପାରିଥିଲେ ସେ। ପ୍ରଜାତନ୍ତ୍ର ପ୍ରଚାର ସମିତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଉତ୍କଳ ପାଠକ ସଂସଦ, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଏମିତି ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ।

ଆଜି ଉଦୟନାଥ ଷଡ଼ଙ୍ଗୀ ଆମ ଗହଣରେ ନାହାଁନ୍ତି। ୧୯୯୯ ମସିହା ଜାନୁୟାରୀ ମାସ ୮ ତାରିଖରେ ତାଙ୍କର ଦେହାବସାନ ଘଟିଛି। ହେଲେ ଉଦୟନାଥ ଷଡଙ୍ଗୀଙ୍କ ଅନୁଦିତ 'ଟମକକାଙ୍କ କୁଟୀର', 'କୁତୁକୁତୁ', 'ହରଭାଇଙ୍କ ଘର ବାହୁଡା' ଆଦି ବହି ଯେତେଦିନ ଯାଏ ଥିବ ସେତେଦିନ ପର୍ଯ୍ୟନ୍ତ ଓଡିଆ ଶିଶୁ ସାହିତ୍ୟର ପ୍ରତ୍ୟେକ ପାଠକ ତାଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରୁଥିବେ।


**ହିମାଂଶୁଶେଖର ଆଚାର୍ଯ୍ୟ,**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର,
ମୋ: ୯୯୩୭୧୫୧୦୫୨

# ଓଡିଶା କଲ୍‌ଚରାଲ୍ ସର୍କଲ ପକ୍ଷରୁ ସପ୍ତମ ଉତ୍କଳ ଲୋକନୃତ୍ୟ ଉତ୍ସବ ପାଳନ




ଭୁବନେଶ୍ୱର (ପିଏନ୍): ଓଡିଶାର ସ୍ୱାଭିମାନକୁ ଉଜ୍ଜୀବିତ କରିବା ସହ ଏ ମାଟିର ଗର୍ବ, ଗୌରବକୁ ଅଧିକ ପରିଚିତ କରାଇବା ଲକ୍ଷ୍ୟରେ ସାଂସ୍କୃତିକ ଅନୁଷ୍ଠାନ ଓଡିଶା କଲ୍‌ଚରାଲ୍ ସର୍କଲ ପକ୍ଷରୁ ହୋଟେଲ୍ ସ୍ୱସ୍ତି ପ୍ରେମିୟମ୍‌ରେ ଗତକାଲି ସନ୍ଧ୍ୟାରେ ସପ୍ତମ ଉତ୍କଳ ଲୋକନୃତ୍ୟ ଉତ୍ସବ ପାଳନ ଅବସରରେ ଏକ ସାଂସ୍କୃତିକ ସମ୍ମିଳନୀ 'ଓଡିଆ ଅସ୍ମିତା' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଔପନ୍ୟାସିକ ବିଭୂତି ପଟ୍ଟନାୟକ, ବିଧାୟକ ଅନନ୍ତନାରାୟଣ ଜେନା ଏବଂ ଅଭିନେତା ଆକାଶ ଦାସ ନାୟକ ଉଦ୍‌ଘାଟକ ଭାବେ ଯୋଗଦେଇ ଉଭୟ ସପ୍ତମ ଉତ୍କଳ ଲୋକନୃତ୍ୟ ଉତ୍ସବ ଓ ଓଡିଆ ଅସ୍ମିତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ଜେନାମଣି ସଂଜୀବ କୁମାର, ପ୍ରଫେସର୍ ଜ୍ୟୋତିରଂଜନ ଦାସ ଓ ସମ୍ପାଦକ ଚୌଧୁରୀ ଅମିତାଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ 'ଓଡିଆ ଅସ୍ମିତା' ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକ ତଥା ଚିନ୍ତକ ହରପ୍ରସାଦ ଦାସ ଭିତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଲେଖକ ଦାଶ ବେନହୁର ଉତ୍କଳଗୌରବ ମଧୁସୂଦନ ଏବଂ ଓଡିଶାର ସ୍ୱାଭିମାନ ସମ୍ପର୍କରେ ମତ ରଖିଥିବା ବେଳେ ସ୍ତମ୍ଭକାର ଅସିତ୍ ମହାନ୍ତି ଶ୍ରୀଜଗନ୍ନାଥ ଏବଂ ଓଡିଆ ଅସ୍ମିତା ସମ୍ପର୍କରେ କହିଥିଲେ। କଥାକାର ଡ. ଅରବିନ୍ଦ ରାୟ ଉତ୍କଳମଣି ଗୋପବନ୍ଧୁ ଓ ଓଡିଆ ଅସ୍ମିତା ଶୀର୍ଷକ ବିଷୟ ଉପସ୍ଥାପନ କରିଥିଲେ। ପରେ ପରେ କଣ୍ଠଶିଳ୍ପୀ ସୁବାସ ଦାସ, ଦେବାଶିଷ ମହାପାତ୍ର, ଶୈଳଭାମା ଓ ସ୍ୱଦେଶ ପ୍ରମୁଖ ଓଡିଆ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୋଟିପୁଅ, କଳିଙ୍ଗ ପାଇକ ଆଖଡା ଓ ଅଙ୍ଗରାଗ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଓଡିଶା କଲ୍‌ଚରାଲ୍ ସର୍କଲର କର୍ମକର୍ତା ସାଲୁଟ ସାହୁ, ବିଶ୍ୱରଂଜନ ଦାଶ, ବିମଳ ଦାସ, କେଦାରନାଥ ରଣସିଂହ, ଶୀତିକଣ୍ଠ ସେନାପତି, ଅଂଶୁମାନ ପଟ୍ଟନାୟକ, ପରେଶ ମହନ୍ତ ଓ ସନ୍ତୃପ୍ତ ଦଳାଇ ପ୍ରମୁଖ ପରିଚାଳନା କରିଥିଲେ।

# ବ୍ଲକ୍ କଂଗ୍ରେସ ସଭାପତିମାନଙ୍କ ସହ ପିସିସି ପର୍ଯ୍ୟବେକ୍ଷକଙ୍କ ବୈଠକ



ରାଉରକେଲା (ପିଏନ୍): ରାଉରକେଲା ସାଙ୍ଗଠନିକ ଜିଲ୍ଲା ପାଇଁ ପିସିସି ଦ୍ୱାରା ନିଯୁକ୍ତ ପର୍ଯ୍ୟବେକ୍ଷକ ପଦ୍ମାକର ଗୁରୁଙ୍କ ରାଉରକେଲା ଗସ୍ତ ଅବସରରେ ସାଙ୍ଗଠନିକ ଜିଲ୍ଲାର ବ୍ଲକ୍ ସଭାପତିମାନଙ୍କ ସହିତ ଏକ ବୈଠକ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀ ଗୁରୁ ବ୍ଲକ୍ ସଭାପତିମାନଙ୍କୁ ସମ୍ବୋଧିତ କରି କିଭଳି ବ୍ଲକ୍ ସ୍ତରରେ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇ ସଙ୍ଗଠନକୁ ମଜବୁତ କରାଯିବ ସେ ସମ୍ପର୍କରେ ଉପାଦେୟ ପରାମର୍ଶ ଦେଇଥିଲେ। ଆସନ୍ତା ୭ ଦିନ ମଧ୍ୟରେ ସମସ୍ତ ବ୍ଲକ୍ କଂଗ୍ରେସ କମିଟି କର୍ମକର୍ତ୍ତା ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିବାକୁ ପରାମର୍ଶ ଦେବା ସହିତ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ୱାର୍ଡ ଓ ବୁଥ୍ କମିଟି କାର୍ଯ୍ୟାରମ୍ଭ କରିବାକୁ ଏକ କାର୍ଯ୍ୟ ଖସଡା ବୈଠକରେ ଉପସ୍ଥାପନ କରିଥିଲେ। ଏହି ବୈଠକରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲା ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ବିରେନ ସେନାପତି ଓ ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ପ୍ରଶାନ୍ତ ସେଠୀ ଅଂଶଗ୍ରହଣ କରି ସଙ୍ଗଠନକୁ ମଜବୁତ କରିବା ଦିଗରେ ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ। ସାଙ୍ଗଠନିକ କାର୍ଯ୍ୟକୁ ଆଗେଇ ନେବା ପାଇଁ ବ୍ଲକ୍ ସଭାପତିମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଉଭୟ ନେତା ଏହି ବୈଠକରେ ପ୍ରକାଶ କରିବା ସହିତ ଅନୁଭବୀ ଓ ସଂଗ୍ରାମୀ ନେତା ତଥା ଜିଲ୍ଲା ସଭାପତି ଶ୍ରୀ ତିର୍କୀଙ୍କ ମାର୍ଗଦର୍ଶନରେ ରାଉରକେଲାରେ କଂଗ୍ରେସ ସଙ୍ଗଠନ ଖୁବ୍‌ଶୀଘ୍ର ଏକ ନୂଆ ରୂପରେ ଆତ୍ମପ୍ରକାଶ କରିବ ବୋଲି କହିଥିଲେ। ଏହି ବୈଠକରେ ବ୍ଲକ୍ କଂଗ୍ରେସ ସଭାପତି ଶୈଳେନ୍ଦ୍ର ତିୱାରୀ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜାଫର ନୁମାନ, ସରୋଜ ଜେନା, ପ୍ରତାପ ବେହେରା, ରଘୁନାଥ ଦାସ, ସୁନୀଲ ପଟ୍ଟନାୟକ, ଧୁସା ନାୟକ ଓ ରାଜେନ୍ଦ୍ର ରଜାକ ପ୍ରମୁଖ ଅଂଶଗ୍ରହଣ କରି ସେମାନେ ନିଯୁକ୍ତି ପାଇବା ପରଠାରୁ ହାତକୁ ନେଇଥିବା ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ସୂଚନା ଦେଇଥିଲେ। ଜିଲ୍ଲା କଂଗ୍ରେସ ସଭାପତିଙ୍କ ମାର୍ଗଦର୍ଶନ ଓ ଉଭୟ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ସହଯୋଗ ନିଶ୍ଚିତ ଭାବରେ ୧୦ଟି ବ୍ଲକ୍‌ରେ କଂଗ୍ରେସକୁ ମଜବୁତ କରିବାରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ। ପର୍ଯ୍ୟବେକ୍ଷକଙ୍କ ଆଗାମୀ ରାଉରକେଲା ଗସ୍ତ ପୂର୍ବରୁ ସମସ୍ତ ବ୍ଲକ୍ କମିଟି ପୁନର୍ଗଠନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇ ଆଗାମୀ ଗସ୍ତ ସମୟରେ ୧୦ଟି ବ୍ଲକ୍‌ରେ ସାଙ୍ଗଠନିକ ସଭା କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ଜାତୀୟ ରାଜପଥର ବାଇପାସ୍ ରାସ୍ତା ନିର୍ମାଣ ନେଇ ଶହେ କୋଟି ମଞ୍ଜୁର

ଜୟପୁର: ଓଡିଜି ତଥା ଆଂଚଳିକ ଅଧିକାରୀ, ସଡକ ପରିହନ ଏବଂ ରାଜପଥ ମନ୍ତ୍ରଣାଳୟ, ଭୁବନେଶ୍ୱର ତରଫରୁ ସୂଚନା ଦିଆଯାଇଛି ଯେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ପ୍ରତ୍ୟେକ ବିଧାନସଭା ଅଧିବେଶନରେ ଜୟପୁର ସହର ବାଇପାସ ରାସ୍ତା ନିର୍ମାଣ କରିବା ନିମନ୍ତେ ପ୍ରଶ୍ନ ଉପସ୍ଥାପନ କରି ଆସୁଥିଲେ। ସେହି ଅଧାରରେ ବାଇପାସ ରାସ୍ତା ନିର୍ମାଣ ପାଇଁ ସଡକ ପରିହନ ଏବଂ ରାଜପଥ ମନ୍ତ୍ରାଣାଳୟ ଭୁବନେଶ୍ୱର ୧ ଶହ କୋଟି ଟଙ୍କା ମଞ୍ଜୁର ଦେଇଛନ୍ତି। ଏହାର ଜମି ଅଧିଗ୍ରହଣ କାର୍ଯ୍ୟ ଅତି ଶିଘ୍ର ସମାପନ କରି ଜୟପୁର ସହର ଜାତୀୟ ରାଜପଥ ବାଇପାସ ରାସ୍ତା ଖୁବ ଶିଘ୍ର ଆରମ୍ଭ ହେବ ବୋଲି ଚିଠି ରେ ଦର୍ଶାଇଛନ୍ତି। କୋରାପୁଟ ଜିଲାର ପ୍ରମୁଖ ସହର ଜୟପୁର ରେ ଟ୍ରାଫିକ ସମସ୍ୟା ଉଗ୍ରରୁପ ନେଉଥିବାରୁ ଜାତୀୟ ରାଜପଥ ବିଭାଗ ତରଫରୁ ୨୬ନଂ ଜାତୀୟ ରାଜପଥକୁ ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ବିଭାଗ ତରଫରୁ ପ୍ରାଧିକରଣ ଙ୍କ ଦ୍ୱାରା ଅଧିସୂଚନା ଜାରି ସରିଛି। କିନ୍ତୁ ଜମି ଅଧିଗ୍ରହଣ ହୋଇପାରୁ ନାହିଁ। ଏହି ବାଇପାସ ରାସ୍ତାର ଫାଇଲ ବହୁତ ଦିନ ଜିଲାପାଳଙ୍କ ନିକଟରେ ପଡିବା ପରେ ବର୍ତମାନ ଜିଲା ଜମି ଅଧିଗ୍ରହଣ କାର୍ଯ୍ୟାଳୟରେ ଏହି ଫାଇଲ ପଡିରହିଛି। ବର୍ତମାନ ଏହି ୨୬ନଂ ଜାତୀୟ ରାଜପଥ ବାଇପାସ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବାରମ୍ବାର ବିଧାନସଭା ରେ ପ୍ରଶ୍ନ କରିବା ସହ ଚିଠି ମାଧ୍ୟମରେ ଦାବୀ କରିଥିଲେ। ଜୟପୁର ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୨୬ ନଂ ଜାତୀୟ ରାଜପଥ ବାରିଣିପୁଟ ନିକଟସ୍ଥ ଟାଟା ସୋରୁମ୍ ନିକଟରୁ ବାଇପାସ୍ ରାସ୍ତା ବାହାର କରି ରେଲୱେ ଛକ ନିକଟରେ ଏହି ରାସ୍ତା ସଂଯୋଗ କରିବା ନେଇ ସ୍ଥିର ହୋଇଛି। ଏହି ବାଇ ପାସ୍ ରାସ୍ତାର ଲମ୍ବ ୪.୯୫ କିମି ରହିବ। ଏହି ରାସ୍ତା ନିର୍ମାଣ ହେବା ପାଇଁ ଘରୋଇ ଜମି ୫୯.୬୪ ଏକର ଓ ସରକାରୀ ଜମି ୧୩.୩୪ ଏକର ଏହପରି ଭାବରେ ମୋଟ ପ୍ରାୟ ୭୩ ଏକର ଜମି ଅଧିଗ୍ରହଣ କରାଯିବ। ମୋଟ ୧୨୧ ଜମି ମାଲିକ ଙ୍କ ୧୨୯ଟି ପ୍ଲଟ ଅଧିଗ୍ରହଣ ହେବ। ପ୍ରସ୍ତାବିତ ବାଇପାସ ଦୁବୁଲି, ଉମୁରୀ ଓ ମକାପୁଟ ଦେଇ ନିର୍ମାଣ ହେବାକୁ ଥିବା ବେଳେ ୪ ଲେନ ବିଶିଷ୍ଟ ରାସ୍ତା ପାଇଁ ଜମି ଅଧି ଗ୍ରହଣ କରାଯାଇ ଚିହ୍ନଟ କରାଯାଇଛି। ଅଧିଗ୍ରହଣ ନେଇ ଚିହ୍ନଟ କରାଯାଇଥିବା ଜମି ମଧ୍ୟରେ ଡଙ୍ଗର ଜମିର ପରିମାଣ ୧୦.୮୨୨ ହେକ୍ଟର ଥିବାବେଳେ ଧାନ ଚାଷ ଜମିର ପରିମାଣ ୫.୦୬୮ଏ ହେକ୍ଟର ତଥା ନାଳ, ଶ୍ମସାନ, ଆମ୍ବତୋଟା, କୁଆଁରୀ, ରାସ୍ତା, ଜଙ୍ଗଲ, ଜମି ଓ ନଦୀ ଶଯ୍ୟା ଭଳି ଅନ୍ୟାନ କିସମର ୫.୬୩୩ ହେକ୍ଟର ଜମି ଚିହ୍ନଟ କରାଯାଇଛି। ପ୍ରସ୍ତାବିତ ବାଇବାସ ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାଯାଇଛି। ବାଇପାସ୍ ରାସ୍ତାଟି ଜୟପୁର ଏଲ.ଆର, ଦୁବୁଲି, ଉମୁରି, ମକାପୁଟ ଦେଇ ରେଲୱେ ଛକ ନିକଟ କୁ ସଂଯୋଗ କରିବ। ଜୟପୁର ଏଲଆର ଅଂଚଳର ୪୬ ଜଣ ଲୋକଙ୍କ ୨୮.୬୯ ଏକର ଜମି, ଦୁବୁଲି ଅ ଳର ୩୫ ଜଣ ଲୋକଙ୍କ ୧୩.୨୯ ଏକର ଜମି , ଉମୁରି ଅ ଳର ୧୦ ଜଣ ଲୋକଙ୍କ ୩.୯୬ ଏକର ଜମି, ମକାପୁଟ ଅଂଚଳର ୨୫ ଜଣ ଲୋକଙ୍କ ୧୩.୭୦ ଏକର ଜମି ଏହି ରାସ୍ତା ନିର୍ମାଣ ସମୟରେ ଅଧିଗ୍ରହଣ କରାଯିବ ବୋଲି ବିଭାଗ ସୁତ୍ରରୁ ଜଣାଯାଇଛି। ଜମି ଅଧିଗ୍ରହଣ ସକାସେ ଯେଉଁ ଲୋକଙ୍କ ଜମି ଏହି ବାଇ ପାସ୍ ରାସ୍ତା ନିର୍ମାଣ ରେ ଯିବ ସେମାନଙ୍କୁ କ୍ଷତିପୁରଣ ବାବଦ କୁ ୨୭ କୋଟି ୯୬ ଲକ୍ଷ ଟଙ୍କା ଦେବା ପାଇଁ ବିଭାଗ ସ୍ଥିର କରିଛି। ଜମି ଅଧିଗ୍ରହଣ ହେବା ପରେ ଟେଣ୍ଡର ବାହାର କରାଯାଇ କାଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗ ପ୍ରକାଶ କରିଛି। ଟେଣ୍ଡର ବାହାରିବା ପରେ କେତେ ଗଛ କଟାଯିବ କଣ ଡିଜାଇନ କରାଯିବ ସେ ନେଇ ସମୀକ୍ଷା କରାଯିବ। ଏହି ବାଇ ପାସ୍ ରାସ୍ତା ନିର୍ମାଣ ହେଲେ ଟ୍ରକ, ହେଭି ଗାଡି ସହ ଯେଉଁ ମାନେ ବୋରିଗୁମ୍ମା, କୋଟପାଡ, ନବରଙ୍ଗପୁର, ଭବାନିପାଟଣା, ସମ୍ବଲପୁର , ଜଗଦଲପୁର, ରାୟପୁର ଯିବେ ସେମାନେ ବାରିଣିପୁଟ ନିକଟରେ ବାଇପାସ ଦେଇ ଯାଇ ପାରିବେ। ଯେଉଁ ମାନେ ବିଶାଖାପାଟଣା, ବ୍ରହ୍ମପୁର ଭୁବନେଶ୍ୱର, କୋରାପୁଟ ଯିବେ ସେମାନେ ରଲୱେ ଛକ ଠାରୁ ଏହି ରାସ୍ତା ଦେଇ ଯାଇ ପାରିବେ ଫଳରେ ଜୟପୁର ସହରର ଟ୍ରାଫିକ ସମସ୍ୟା ଦୁର ହେବା ସହ ଉକ୍ତ ପଥଚାରି ମାନଙ୍କୁ ମଧ୍ୟ ସିଧା ରାସ୍ତା ପାଇପାରିବେ ବୋଲି ବିଭାଗ ସ୍ଥିର କରିଛି। ୨୬ ନଂ ଜାତିୟ ରାଜପଥ ଟି ଜୟପୁର ସହର ଦେଇ ଯାଇଥିବାରୁ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟିବା ସହ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଯାହାଫଳରେ ସ୍ଥାନୀୟ ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୪୨କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଓଡିଶାବାସୀଙ୍କର ନିଧି ସମର୍ପଣ




ଭୁବନେଶ୍ୱର (ପିଏନ୍): ସୁଦୀର୍ଘ ୫୦୦ ବର୍ଷର ସଂଘର୍ଷମୟ କାଳଖଣ୍ଡର ଅବସାନ ଘଟାଇ ଭାରତର ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ଆଦେଶକ୍ରମେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଥିଲା। ଏଥିପାଇଁ ଭାରତବର୍ଷରେ ସର୍ବତ୍ର ଆନନ୍ଦର ଲହରୀ ଖେଳିଯାଇଥିଲା। ମନ୍ଦିରର ନିର୍ମାଣ ଓ ସୁପରିଚାଳନା ପାଇଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶକ୍ରମେ ଭାରତ ସରକାରଙ୍କ ଦ୍ୱାରା 'ରାମଜନ୍ମଭୂମି ତୀର୍ଥକ୍ଷେତ୍ର' ନାମକ ଏକ ନ୍ୟାସ (ଟ୍ରଷ୍ଟ) ମଧ୍ୟ ଗଠିତ ହେଲା। ପୂଜ୍ୟ ସାଧୁସନ୍ଥମାନଙ୍କର ପରାମର୍ଶକ୍ରମେ ସମଗ୍ର ଭାରତବର୍ଷର ପ୍ରତ୍ୟେକ ରାମଭକ୍ତଙ୍କଠାରୁ ଅର୍ଥ ସଂଗ୍ରହ କରି ସେହି ଅର୍ଥରେ ହିଁ ମନ୍ଦିର ନିର୍ମାଣ ପାଇଁ ଏକ ବ୍ୟାପକ ଯୋଜନା ନ୍ୟାସ(ଟ୍ରଷ୍ଟ) ଦ୍ୱାରା ପ୍ରସ୍ତୁତ କରାଗଲା। ଫଳତଃ ସମଗ୍ର ଭାରତବର୍ଷରେ ପବିତ୍ର ମକର ସଂକ୍ରାନ୍ତି (୧୪-୦୧-୨୦୨୧) ଠାରୁ ପବିତ୍ର ମାଘପୂର୍ଣ୍ଣିମା ପର୍ଯ୍ୟନ୍ତ (୨୭-୦୨-୨୦୨୧) ଏକ ବ୍ୟାପକ ଅର୍ଥ ସଂଗ୍ରହ ଅଭିଯାନର କାର୍ଯ୍ୟ ଚାଲିଲା। ସମଗ୍ର ଭାରତବର୍ଷ ସହିତ ଓଡିଶା ପ୍ରଦେଶରେ ମଧ ରାମ ଭକ୍ତିର ପ୍ରବଳ ପ୍ରବାହ ଦେଖିବାକୁ ମିଳିଥିଲା। ଏହି ନିଧି ସଂଗ୍ରହ ଅଭିଯାନର କାର୍ଯ୍ୟ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି, ଓଡିଶା ମାଧ୍ୟମରେ ସମ୍ପନ୍ନ ହୋଇଛି। ଏହି ଅଭିଯାନରେ ମୋଟ ୫୮,୯୯୨ ଜଣ କାର୍ଯ୍ୟକର୍ତା ଭାଗ ନେଇଥିଲେ। ୫୫୩ ଜଣ ପୂଜ୍ୟ ସାଧୁସନ୍ଥ ମଧ ଏହି ନିଧି ସଂଗ୍ରହ ଅଭିଯାନରେ ଯୋଗଦେଇଥିଲେ। କାର୍ଯ୍ୟକର୍ତାମାନେ ମୋଟ ୪୩,୭୪୯ଟି ଗ୍ରାମର ୭୪,୯୫,୭୯୯ଟି ପରିବାର ସହ ସମ୍ପର୍କ ସ୍ଥାପନ କରିଥିଲେ। ଓଡିଶାର ଜନସାଧାରଣ ମଧ ଏହି କାର୍ଯ୍ୟରେ ସଂପୂର୍ଣ୍ଣ ସହଯୋଗ କରି ୪୨,୦୩,୦୭,୦୬୬ ଟଙ୍କା ପରିମାଣର ଅର୍ଥ ମାଧ୍ୟମରେ ରାମ ମନ୍ଦିର ନିର୍ମାଣ ପାଇଁ ନିଜର ଭକ୍ତି ନୈବେଦ୍ୟ ସମର୍ପଣ କରିଛନ୍ତି। ଓଡିଶାବାସୀଙ୍କର ଏଭଳି ଉତ୍ସାହପ୍ରଦ ସହଯୋଗ ପାଇଁ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତି ତରଫରୁ ସମଗ୍ର ଓଡିଶାବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଉଛି ବୋଲି ଗତକାଲି ଏକ ସାମ୍ବାଦିକ ସମ୍ମିଳନୀରେ ସମିତିର ସମ୍ପାଦକ ପ୍ରାଧାପକ ଶ୍ରୀ ଗୋପାଳ ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦପୁରୀ, ଉପାଧ୍ୟକ୍ଷ ଶ୍ରୀ ହରିଶ୍ଚନ୍ଦ୍ର ପରିଡା ଓ ସହସଂପାଦକ ଶ୍ରୀ ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଭିଲା ପରିବର୍ତ୍ତନ ର ସ୍ୱର: ସୁଶାନ୍ତ, ମାତାପ୍ରସାଦ ବିଜୟୀ



ଯୋଡା (ପିଏନ): ଯୋଡା ଖଣି ଅଂଚଳରେ ପ୍ରାୟ ଏକ ସପ୍ତାହ ହେବ ଯୋଡା ଟ୍ରକ ମାଲିକ ସଂଘର ନିର୍ବାଚନି ଉଷ୍ମତା ରହିବା ପରେ ମାର୍ଚ୍ଚ ୧୪ ତାରିଖରେ ନିର୍ବାଚନ ହୋଇ ଫଳାଫଳ ଘୋଷଣା ହୋଇଯାଇଛି। ଯୋଡା ଖଣି ଅଂଚଳରେ ବ୍ୟବସାୟ ଆଉ ରୋଜଗାରର ମାଧ୍ୟମ କହିଲେ ଗାଡି ବେପାରକୁ ବୁଝାଯାଏ। ଗାଡି ମାଲିକମାନଙ୍କ ଉଦ୍ଦେଶ୍ୟରେ ଏବଂ ଗାଡିମାଲିକମାନଙ୍କୁ ନେଇ ଯୋଡା ଟ୍ରକ ମାଲିକ ଆସୋସିଏସନ ଗଠିତ ହୋଇଛି। ଏଥିରେ ପ୍ରତି ପାଚଂ ବର୍ଷରେ ଥରେ ନିର୍ବାଚନ ହେବାର ପ୍ରାବଧାନ ଥିବା ବେଳେ କୋରୋନା ପାଇଁ ନିର୍ବାଚନ ବିଳମ୍ବ ହୋଇ ୨୦୨୧ ମାର୍ଚ୍ଚ ମାସରେ ହେବାକୁ ସ୍ଥିର କରାଯାଇଥିଲା। ଏହି ନିର୍ବାଚନରେ ମୋଟ ୨୧ ଜଣ ପ୍ରାର୍ଥୀ ବିଭିନ୍ନ ପଦ ପଦବୀ ପାଇଁ ଲଢିଥିଲେ। ସମସ୍ତେ ନିଜ ନିଜର ପ୍ରଚାର ପ୍ରସାର ଜୋରଦାର ଚଲାଇଥିବା ବେଳେ ଗାଡିମାଲିକମାନଙ୍କ ମଧ୍ୟରେ ଏଥିପ୍ରତି ଉତ୍କଣ୍ଠା ବଢି ଯାଉଥିଲା। ସବୁ ଉତ୍କଣ୍ଠା ଓ ଉଦ୍ଦୀପନାର ଅନ୍ତ ଘଟାଇ ନିର୍ବାଚନ ହୋଇ ଫଳାଫଳ ଘୋଷଣା ହୋଇଯାଇଛି। ତେବେ ସଭାପତି ପଦ ପାଇଁ ତ୍ରିମୁଖି ଲଢେଇ ଚାଲିଥିବା ବେଳେ ମାତାପ୍ରସାଦ ଜୟସ୍ୱାଲ ୫୫୮ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିବା ବେଳେ ନିକଟ ପ୍ରତିଦ୍ୱନ୍ଦୀ ବିନୋଦ ପଟ୍ଟନାୟକ ୪୧୦ ଖଣ୍ଡ ଭୋଟ ପାଇଥିଲେ। ସଂପାଦକ ପଦ ପାଇଁ ମୁହାଁମୁହିଁ ଲଢେଇ ରେ ସୁଶାନ୍ତ କୁମାର ବାରିକ ୬୨୪ ଖଣ୍ଡ ପାଇ ବିଜୟ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ରବି ନାରାୟଣ ଦାସ ୬୨୧ ଖଣ୍ଡ ଭୋଟ ପାଇ ମାତ୍ର ତିନିଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଠିକ ସେମିତି ଭାଇସ ପ୍ରେସିଡେଣ୍ଟ ଭାବେ ବିଜୟ କୁମାର ଆପଟ୍ଟ ୩୭୮ ଖଣ୍ଡ ଭୋଟ ପାଇ ବିଜୟ ହୋଇଥିଲେ। ଯୁଗ୍ମ ସଂପାଦକ ଏବଂ କୋଷାଧକ୍ଷ ପଦ ପାଇଁ ଅଶୋକ କୁମାର କାରୁଆ, ଏବଂ ରାଜେଶ ରୋସନ ନିକଟ ପ୍ରତିଦ୍ୱନ୍ଦୀକୁ ହରାଇ ୩୮୯ ଓ ୩୫୫ ଖଣ୍ଡ ଭୋଟ ପାଇ ବିଜୟ ଲାଭ କରିଥିଲେ। ତେବେ ଆଗକୁ ଆସୋସିଏସନର ସ୍ୱଛତା ବଜାୟ ରଖିବା ସହ ଶୃଙ୍ଖଳିତ ଭାବେ ଗାଡିମାଲିକମାନଙ୍କ ଲାଭ ପାଇଁ କାର୍ଯ୍ୟ କରିବୁ ବୋଲି ନବନିର୍ବାଚିତ ସଭାପତି ମାତାପ୍ରସାଦ ଜୟସ୍ୱାଲ ଏବଂ ସଂପାଦକ ସୁଶାନ୍ତ କୁମାର ବାରିକ ଗଣମାଧ୍ୟମକୁ ଜଣାଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁନ୍ ୦୧

# ନବୀନଙ୍କ ଶାସନର ୨୧ ବର୍ଷ

ରାଜ୍ୟରେ କ୍ରମାଗତ ୨୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ କ୍ଷମତାସୀନ ବିଜେଡି ସରକାର ପଂଚମ ପାଳିର ଦ୍ୱିତୀୟ ବର୍ଷ ପୂରଣ କରିଛି। ଏହି ଦୁଇବର୍ଷ ବିଭିନ୍ନ କାରଣରୁ ସରକାରଙ୍କ ପାଇଁ ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା, ଏହା ନିସନ୍ଦେହ। ପଂଚମ ପାଳିର ସରକାର ଦାୟିତ୍ୱ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ସାମୁଦ୍ରିକ ବାତ୍ୟା 'ଫନି' ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ରଚିଥିଲା ଧ୍ୱଂସର ତାଣ୍ଡବ। ଯାହାକି ରିଲିଫ, ଥଇଥାନ ଏବଂ ପୁନଃରୁଦ୍ଧାର କ୍ଷେତ୍ରରେ ପଂଚମ ପାଳିର ସରକାରଙ୍କ ପାଇଁ ଥିଲା ଏକ ଚ୍ୟାଲେଞ୍ଜ। କେବଳ ଏତିକି ନୁହେଁ ୨୦୨୦ ବର୍ଷର ଆରମ୍ଭରେ ମହାମାରୀ କରୋନା ଭୂତାଣୁ ସଂକ୍ରମଣର ପ୍ରଥମ ଲହର ସାଙ୍ଗକୁ ସାମୁଦ୍ରିକ ବାତ୍ୟା 'ଅମ୍ଫନ'ର ତାଣ୍ଡବ ଏବଂ କ୍ଷମତାର ଦ୍ୱିତୀୟ ବର୍ଷ ପୂର୍ତ୍ତିର ଅବ୍ୟବହିତ ପୂର୍ବରୁ ମହାମାରୀ କରୋନାର ଦ୍ୱିତୀୟ ଲହର ଏବଂ ସାମୁଦ୍ରିକ ବାତ୍ୟା 'ୟାସ୍'ର ତାଣ୍ଡବ ସରକାରଙ୍କ ପ୍ରତି ପୁଣି ଆହ୍ୱାନ ସୃଷ୍ଟି କରିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଫନୀର କ୍ଷତି ଏବଂ କରୋନାର ପ୍ରଥମ ଲହର ମୁକାବିଲା ପାଇଁ ଦୀର୍ଘ ୬୮ ଦିନିଆ ଲକଡାଉନର ଯନ୍ତ୍ରଣାରୁ ଜନସାଧାରଣ ମୁକୁଳି ନଥିବାବେଳେ ଦ୍ୱିତୀୟ ଲହରର ସଂକ୍ରମଣ ଓ ମୃତକଙ୍କ ସଂଖ୍ୟା ଉଭୟ ଜନସାଧାରଣ ଓ ସରକାରଙ୍କ ନିଦ ହଜାଇ ଦେଇଛି। ସେହିପରି 'ୟାସ୍'ର ପ୍ରକୋପ ଏବଂ ଆକସ୍ମିକ ବନ୍ୟା ଉତର ଓଡିଶାର ଜନସାଧାରଣଙ୍କୁ କଲବଲ କରୁଛି। ଦ୍ୱିତୀୟ ଲହର ମୁକାବିଲା ପାଇଁ ଏବେ ରାଜ୍ୟରେ ଲକଡାଉନ ଅବ୍ୟାହତ ଥିବାବେଳେ ଉଭୟ ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା ବଢି ଚାଲିଛି। କିନ୍ତୁ ଏହା ନିଶ୍ଚିତ ସଂକ୍ରମଣର ହାର ୧୦ ପ୍ରତିଶତରୁ ଅଧିକ ଥିବା ରାଜ୍ୟଗୁଡିକ ତୁଳନାରେ ଓଡ଼ିଶାରେ ଦୈନିକ ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ଅତି ନଗଣ୍ୟ ରହିଛି। ମହାମାରୀକୁ ନିୟନ୍ତ୍ରଣରେ ରଖିବା କେବଳ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୋଗୁଁ ସମ୍ଭବ ହୋଇଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ପ୍ରଥମ ଲହରକୁ ନିୟନ୍ତ୍ରଣ କରିବାରେ ଓଡିଶା ଦେଶରେ ପଥପ୍ରଦର୍ଶକ ଥିଲା, ଏହା ଯେ କେହି ବିନା ଦ୍ୱିଧାରେ ସ୍ୱୀକାର କରିବେ। ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ହେଉଛି, ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା। ସାମୁଦ୍ରିକ ବାତ୍ୟାରେ ଜିରୋ କାଜୁଆଲିଟି (ଶୂନ୍ୟମୃତ୍ୟୁ) ଲକ୍ଷ୍ୟ ସରକାରଙ୍କ ସଫଳ ହୋଇଛି। ଆଗୁଆ ସତର୍କତା ମୂଳକ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇଛି। ସାମୁଦ୍ରିକ ବାତ୍ୟା କ୍ଷୟକ୍ଷତି ଭରଣା, ଥଇଥାନ ଓ ପୁନରୁଦ୍ଧାର ପାଇଁ ପ୍ରଥମ ଥର ପାଇଁ ତଥା ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା କେନ୍ଦ୍ରୀୟ ସହାୟତା ଦାବି ନକରି ଦେଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ନିଜସ୍ୱ ସମ୍ବଳରେ ସରକାର ବାତ୍ୟା କ୍ଷତି ଏବଂ ଥଇଥାନ, ପୁନରୁଦ୍ଧାର କରିବେ ବୋଲି ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ କରାଯାଇପାରେ ଯେ, ମହାମାରୀର ମୁକାବିଲା ପାଇଁ କୋଭିଡ ହସପିଟାଲ ପ୍ରତିଷ୍ଠା, ଲୋକମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା, ମାଗଣା ଟିକାଦାନ, ଯୋଗ୍ୟ ଅନୁକମ୍ପା ସହାୟତା ସତ୍ତ୍ୱେ ରାଜ୍ୟର ଆର୍ଥିକ ସ୍ଥିତି ଯେ, ସୁଦୃଢ଼ ରହିଛି, ଏହି ସଂକେତ ପ୍ରଦାନ କରୁଛି ବୋଲି କୁହାଯାଇପାରେ। ଆହୁରି ମଧ୍ୟ ବିଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ସମସ୍ତ ପ୍ରକାରର ଚାଷୀଙ୍କୁ 'କାଳିଆ' ଯୋଜନାରେ ଲଗାତାର ଆର୍ଥିକ ସହାୟତା ପ୍ରଦାନ, ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇ ଦେବାପାଇଁ ୧୭ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା, ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର କରିବା ତଥା ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଐତିହ୍ୟ କରିଡର ଯୋଜନା, କୋଣାର୍କ, ଶ୍ରୀଲିଙ୍ଗରାଜ ଏବଂ ସମଲେଶ୍ୱରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ, କଟକ ବଡଖାଲ୍ଲଭଖାନାକୁ ବିଶ୍ୱସ୍ତରୀୟ କରିବା ଯୋଜନା ହାତକୁ ନେଇଛନ୍ତି। ସରକାରୀ ଉଚ୍ଚ ବିଦ୍ୟାଳୟ ଅଧ୍ୟୟନ ପାଇଁ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଲାଗି ଡାକ୍ତରୀ ଓ ଇଂଜିନିୟରି ପାଠ୍ୟକ୍ରମରେ ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଦି ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ସେହିପରି ଲୋକଙ୍କ ନିକଟରେ ପ୍ରାସାନିକ୍ ପହଁଚାଇବା ପାଇଁ 'ମୋ ସରକାର' ଅଭିଯାନ ହେଉଛି ଆଉ ଏକ ସଫଳ ପଦକ୍ଷେପ, ଯାହାକି ଏବେ ମହାମାରୀ ପାଇଁ ମାନ୍ଦାଗ୍ରସ୍ତ ହୋଇଥିବା ଲକ୍ଷ୍ୟ କରାଯାଏ। ଗତ ଦୁଇବର୍ଷ ମଧ୍ୟରେ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଶୂନ୍ୟ ଅସହିଷ୍ଣୁତା ତାଙ୍କ ଶାସନର ଆଉ ଏକ ସଫଳ ଅଭିଯାନ। ପ୍ରଶାସନ ଏବଂ ସରକାରଙ୍କୁ ଦୁର୍ନୀତିଗ୍ରସ୍ତଙ୍କୁ ବିଦା କରି ସେ ନିଜର ଦୁର୍ନୀତି ବିରୋଧୀ ଅଭିଯାନକୁ ଆହୁରି ଶାଣିତ କରିପାରିଛନ୍ତି ବୋଲି କୁହାଯିବ। ଗତ ଦୁଇ ବର୍ଷ ବଧରେ ୧୧୪ ଜଣ ଦୁର୍ନୀତିଗ୍ରସ୍ତଙ୍କୁ ଚାକିରୀରୁ ବରଖାସ୍ତ କିମ୍ବା ଅବସରକାଳୀନ ସୁବିଧା ସୁଯୋଗ ବନ୍ଦ ନିଷ୍ପତି ନେଇ ନିଜର ଦୁର୍ନୀତି ବିରୋଧୀ ଅଭିଯାନକୁ କଠୋର କରିଛନ୍ତି। ଦୀର୍ଘ ୨୪ବର୍ଷର ରାଜନୈତିକ ଜୀବନ ଏବଂ ୨୧ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ସତ୍ତ୍ୱେ ତାଙ୍କର ଲୋକପ୍ରିୟତା ଏବେ ବି ମଳିନ ପଡିନାହିଁ ଏବଂ ବୃଦ୍ଧିପାଇଛି। ଦୁଇବର୍ଷ ମଧ୍ୟରେ ଅନୁଷ୍ଠିତ ଦୁଇଟି ଉପ-ନିର୍ବାଚନରେ ସେ ପ୍ରଚାର ଅଭିଯାନରେ ସାମିଲ ନହୋଇ ମଧ୍ୟ ବିଜେଡି ବିଜୟୀ ହୋଇଛି। ଏକଦା ରାଜନୀତିରେ ଅନଭିଜ୍ଞ ଥିବା ନବୀନ ଏବେ ନିଜର ବିଚକ୍ଷଣତା ଯୋଗୁଁ ଦେଶରେ ଜଣେ ପରିପକ୍ୱ ରାଜନେତା ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। କେବଳ ଏତିକି ନୁହେଁ, ବିଭିନ୍ନ କ୍ଷେତ୍ରରେ ନିଜର ଦୂରଦୃଷ୍ଟି, ବିଚକ୍ଷଣତା, ସେବା ଅଭିମୁଖ୍ୟ ଯୋଗୁଁ ଦେଶର ୧ନମ୍ବର ମୁଖ୍ୟମନ୍ତ୍ରୀ, ଶ୍ରେଷ୍ଠ ପ୍ରଶାସକ, ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଆଦି ସମ୍ମାନରେ ସମ୍ମାନୀତ। ଉଲ୍ଲେଖଯୋଗ୍ୟ ଯେ, ଲଗାତାର ୨୧ବର୍ଷ ଧରି ଶାସନ ଗାଦିରେ ରହିବା ପରେ ମଧ୍ୟ ତାଙ୍କର ଲୋକପ୍ରିୟତା କମିନାହିଁ କିମ୍ବା ତାଙ୍କ ନେତୃତ୍ୱ ବିରୁଦ୍ଧରେ ବିରୋଧି ଜନମତ ସୃଷ୍ଟି କରିପାରିନାହାଁନ୍ତି। ଯେଉଁଥିପାଇଁ କି ତାଙ୍କ ନେତୃତ୍ୱରେ ବିଜେଡି ଆଉ ଏକ ରେକର୍ଡ ସୃଷ୍ଟି କରିବା ଅସମ୍ଭବ ନୁହେଁ। ଆମେ ତାଙ୍କର ଦୀର୍ଘ, ନିରାମୟ, ସୁସ୍ଥଜୀବନ କାମନା କରୁଛୁ।




ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ-ମହାତ୍ମାଗାନ୍ଧି




ଅକ୍ଷୟ କୁମାର ରାଉତ

ପୂଣ୍ୟ ଭୂମି ଭାରତ। ଏଠାରେ ଅନେକଧର୍ମ ,ସମ୍ପ୍ରଦାୟ, ଜାତି,ବର୍ଣ୍ଣ ଓ ବିଭିନ୍ନ ଭାଷାର ଲୋକ ବସବାସ କରନ୍ତି। ଏହି ପବିତ୍ର ଭୂମିରେ ଯେଉଁ କେତୋଟି ଉଜ୍ଜଳ ଜ୍ୟୋତିଷ୍କ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱକୁ ଦେଖାଇଥିଲେ ସତ୍ୟ, ଶାନ୍ତି,ଦୟା,କ୍ଷମା,ତ୍ୟାଗ ଓ ଅହିଂସାର ପଥ। ସେମାନଙ୍କ ମଧ୍ୟରୁ ସତ୍ୟ ଓ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ, ସ୍ୱାଧୀନ ଭାରତର ସ୍ରଷ୍ଟା, ଜାତିର ଜନକ, ଯୁଗ ମାନବ ମହାତ୍ମାଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ, ଅକ୍ଟୋବର ଦୁଇ ତାରିଖରେ ଗୁଜୁରାଟର ପୋରବନ୍ଦର ଠାରେ ଏକ ବୈଶ୍ୟ ବଣିକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ସମୟରେ ମହାତ୍ମା ଗାନ୍ଧିଙ୍କର ନାମ ଥିଲା 'ମୋହନ ଦାସ କରମଚାନ୍ଦ ଗାନ୍ଧି'। ପିତା କରମଚାନ୍ଦ(କାବା) ଗାନ୍ଧି ଓ ମାଆଙ୍କର ନାମ ଥିଲା ପୁତ୍‌ଲୀବାଇ। କାବା ଗାନ୍ଧୀଙ୍କର ତିନୋଟି ସ୍ତ୍ରୀ ମରିଯିବା ପରେ ପୁତ୍‌ଲୀବାଇ ଥିଲେ ଚତୁର୍ଥ ସ୍ତ୍ରୀ ପୁତ୍‌ଲୀବାଇଙ୍କର ଚାରୋଟି ସନ୍ତାନ ମଧ୍ୟରୁ ମୋହନ ଥିଲେ ସବାସାନ । କାବା ଗାନ୍ଧି ଥିଲେ ସାଧୁ ଓ ନୀତିନିଷ୍ଠ। ପୁତ୍‌ଲୀବାଇ ଥିଲେ ଧର୍ମ ପରାୟଣା, ସ୍ନେହ ବତ୍ସଳା, ତ୍ୟାଗମୟୀ ମାତା। ପିତାମାତାଙ୍କର ଏହି ସବୁ ସଦ୍‌ଗୁଣା ବଳି ଦ୍ୱାରା ମୋହନଦାସ ପ୍ରଭାବିତ ହୋଇଥିଲେ। ସମୟ କ୍ରମେ ମୋହନଦାସ ହେଲେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ। ସତ, ଅହିଂସା ମହାମନ୍ତ୍ରରେ କାଶ୍ମୀର ଠାରୁ କୁମାରୀକାଯାଏ ଭାରତୀୟମାନଙ୍କୁ ଏକତ୍ରୀତ କରିପାରିଥିଲେ। ଗାନ୍ଧିଜୀଙ୍କ ବଂଶ ବିଭିନ୍ନ ରାଜ୍ୟରେ ଦେଓ୍ୱାନ ଭାବରେ କାମ କରୁଥିଲେ। ମୋହନ ଦାସ ପ୍ରଥମ ଲୁଲିଆ ମାଷ୍ଟ୍ରଙ୍କ ଚାଟଶାଳିରେ ପାଠ ପଢା ଆରମ୍ଭ କଲେ। ତାପରେ ବ୍ରାଂଚ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଢିଲେ। ୧୮୮୦ ମସିହାରେ ତାଲୁକ ସ୍କୁଲରୁ ପାଶ୍ କରି କାଥିଆ ଓ୍ୱାର୍ଡ଼ ହାଇସ୍କୁଲରେ ପାଠ ପଢିଲେ। ସେ ଭଲ ପାଠ ପଢୁନ ଥିଲେ ମଧ୍ୟ ଉତମ ଚରିତ୍ର ପାଇଁ ଶିକ୍ଷକମାନଙ୍କ ଶୁଭ ଦୃଷ୍ଟିରେ ରହିଥିଲେ। ଏକଦା ଇନିସ୍ପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ। ପ୍ରଧାନ ଶିକ୍ଷକ ଗାନ୍ଧିଙ୍କୁ ପାଖ ପିଲାଠାରୁ ଠିକ୍ ଉତର ଲେଖିବା ପାଇଁ ଯେତେ ଠାରିଲେ ମଧ୍ୟ ଗାନ୍ଧି କପି କରିନଥିଲେ। କାରଣ ତାଙ୍କ ଉପରେ ଶ୍ରବଣ କୁମାର ଓ ହରିଶ୍ଚନ୍ଦ୍ରଙ୍କର ନିଷ୍ଠା, ତ୍ୟାଗ, ସତ୍ୟର ପ୍ରଭାବ ପଡ଼ିଥିଲା। ପିଲା ସମୟରେ ସେ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ବିଡ଼ି ଟାଣିବା ଅଭ୍ୟାସ ପ୍ରତିଜ୍ଞା ବଳରେ ଛାଡ଼ି ପାରିଥିଲେ। ପରବର୍ତୀ ସମୟରେ ନିଶାମୁକ୍ତ ସୁସ୍ଥ ସମାଜ ଗଠନ ପାଇଁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ମୁସଲମାନ ସାଙ୍ଗ ପରୋଚନାରେ ଥରେ ମାଂସ ଖାଇଥିଲେ। ମାତ୍ର ମୋହନ ଜୀବନରେ ଆଉ କେବେ ଆମିଷ ଛୁଇଁ ନଥିଲେ। ମୋହନଙ୍କର ଠିକ୍ ସାତବର୍ଷ ବେଳେ କସ୍ତୁରୀବାଇଙ୍କ ସହିତ ନିର୍ବନ୍ଧ ଓ ତେର ବର୍ଷ ବୟସରେ ବିବାହ ହୋଇଥିଲା। ପରଅବସ୍ଥାରେ ସେ ବାଲ୍ୟ ବିବାହ ସମାଜରୁ ଉଠାଇବାକୁ ଅନେକ ଉଦ୍ୟମ କରିଥିଲେ।ଛୋଟ ବେଳରୁ ମୋହନ ଖୁବ ଡ଼ରକୁଳା ଥିଲେ। ଭୂତପ୍ରେତ, ଚୋର, ଡ଼କାୟତ ଓ ଅନ୍ଧାରକୁ ବହୁତ ଭୟ କରୁଥିଲେ। ରାମନାମ ଜପକଲେ ସବୁ ଭୟ ଭ୍ରାନ୍ତି ଓ ସଙ୍କଟ ଦୂର ହୋଇଯାଏ ବୋଲି ଧାଇ ମା ରମ୍ଭା ଠାରୁ ସେ ଶିକ୍ଷା କରିଥିଲେ। ସେହି ଦିନ ଠାରୁ ସେ ରାମାୟଣ ଶୁଣିବାକୁ, ରାମ ନାମ ଜପ କରିବାକୁ ଭଲ ପାଉଥିଲେ। ପିତାଙ୍କର ମୃତ୍ୟୁ ପରେ ମୋହନ ବାପ ଛେଉଣ୍ଡ ହୋଇଗଲେ। ତାଙ୍କର କାମ ଓ ଆଚରଣରେ ବହୁତ ପରିବର୍ତନ ଘଟିଲା। ମନଲଗାଇ ପାଠ ପଢି ୧୮୮୭ ମସିହାରେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ବୃତି ପାଇଲେ। ଭାବନଗରସ୍ଥ ସାମଲ ଦାସ କଲେଜରେ ନାମ ଲେଖାଇଲେ। ସେଠାରେ ସେ ଇଂରାଜୀରେ ପାଠ ପଢିବାକୁ ଭୟକଲେ। ପାଠପଢି ପାସ୍ କଲେ ମଧ୍ୟ ଚାକିରି ମିଳି ବା କଷ୍ଟ ତେଣୁ ସେ ଲଣ୍ଡନ ଯାଇ ତିନି ବର୍ଷରେ ବାରିଷ୍ଟରୀ ପାସ୍ କରିଆସିଲେ ଭଲ ଦି ପଇସା ରୋଜଗାର କରିପାରିବେ। ଗାନ୍ଧି ପରିବାରର ଜଣେ ଦିଜଣ ବନ୍ଧୁଙ୍କର ପୁଅ ଲଣ୍ଡନରେ ପଢୁଥାନ୍ତି। ତେଣୁ ଗାନ୍ଧି ଲଣ୍ଡନ ରେ ରହି ପାଠ ପଢିବା ପାଇଁ ମନ ବଳାଇଲେ। ପୁଅର ଲଣ୍ଡନ ଯିବାକଥାଟା ମା ମନକୁ ପାଇଲା ନାହିଁ। ପରିଶେଷରେ ମାଆ ଗାନ୍ଧିଙ୍କୁ ମୁଣ୍ଡ ଛୁଆଁ ଶପଥ କରାଇନେଲେ, ତିନୋଟି କଥା ରକ୍ଷା କରିବା ପାଇଁ , ମଦ ପିଇବୁ ନାହିଁ, ମାଛ ମାଂସ ଖାଇବୁ ନାହିଁ, କୌଣସି ସ୍ତ୍ରୀ ଓ ଝିଅକୁ ଛୁଇଁ ବୁ ନାହିଁ। ମୋହନ ୧୮୮୮ ମସିହା ସେପ୍ଟେମ୍ବର ମାସ ୪ ତାରିଖରେ ସ୍ତ୍ରୀ କସ୍ତୁରବା ଓ ପୁଅ ହରିଲାଲକୁ ଛାଡ଼ି ବମ୍ବେ ବନ୍ଦରରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ। ଦୀର୍ଘ ପଚିଶ ଦିନର ଯାତ୍ରା ପରେ ମୋହନ ଲଣ୍ଡନରେ ପହଂଚିଲେ। ଭିକ୍ଟୋରିଆ ହୋଟେଲେରେ ତିନି ଦିନ ରହିବା ପରେ , ମୋହନ ଜଣେ ଭଦ୍ର ମହିଳାଙ୍କ ଘରେ ରହିଲେ। ସେ ଇଂରାଜୀରେ ଦୁର୍ବଳ ଥିବାରୁ ଶିକ୍ଷକଙ୍କ ଠାରୁ ଇଂରାଜୀ ଓ ଫରାସୀ ଶିକ୍ଷା କଲେ। ମନୋରନ ପାଇଁ ଭାୟୋଲିନ ତାଲିମ ନେଲେ। ସେଠାରେ ଆଉଥରେ ମାଟ୍ରିକ ପରୀକ୍ଷା ଦେଇ ପାଶ୍ କଲେ। ଲାଟିନ୍ ମଧ୍ୟ ଶିଖି ପାରିଲେ। ତାଙ୍କର ଘର କଥା ମନେପଡ଼ିବାରୁ ସେ ସାହେବୀ ଢଙ୍ଗ ଛାଡ଼ି ଖାଣ୍ଟି ଭାରତୀୟ ହୋଇଗଲେ। ନିଜ ଧର୍ମ ସହିତ ଅନ୍ୟ ଧର୍ମକୁ ମଧ୍ୟ ସମାନ ଦୃଷ୍ଟିରେ ଦେଖୁଥିଲେ। ୧୮୯୧ ମସିହାରେ ମେ ମାସରେ ବାରିଷ୍ଟରୀ ପାଶ୍ କରି ଜୁନ୍ ମାସରେ ବାରିଷ୍ଟରୀ ଅନୁମତି ପତ୍ର ହାସଲ କରି ଜନ୍ମ ମାଟିକୁ ଫେରି ଅସିଲେ। ଜନ୍ମ ମାଟିରେ ପହଂଚିଲା ବେଳକୁ ତାଙ୍କ ମା ଆଉ ଇହଧାମରେ ନଥିଲେ। ସେ ନିଜକୁ ଅନେକ ଧିକ୍‌କାର କଲେ। ବଡ଼ ଭାଇ ପରିବାର ପ୍ରତି ପୋଷଣ ପାଇଁ ଅନେକ ଧାର କରଜ କରିଥିଲେ। ସେ ସବୁର ପରିଶୋଧ ପାଇଁ ମୋହନ ଆଇନ୍ ବ୍ୟବସାୟ ଆରମ୍ଭ କଲେ। ଆଇନ୍ ବ୍ୟବସାୟରେ ଅସଫଳ ହୋଇ ଶିକ୍ଷକତା ଆରମ୍ଭ କଲେ। ଶିକ୍ଷକତା ପାଇଁ ବିଶ୍ୱ ବିଦ୍ୟାଳୟରେ ଡ଼ିଗ୍ରୀ ନଥିବାରୁ ସେ କିରାଣି ଗିରିକୁ ଆଦରି ନେଲେ। ଅଳ୍ପ ରୋଜଗାରରେ ତାଙ୍କର ଗୁଜୁରାଣ ମେଣ୍ଟି ପାରୁ ନଥିଲା। ଏହି ସମୟରେ କାଥିଆ ଓ୍ୱାର୍ଡ଼ର ଏକ ମୁସଲମାନ ପ୍ରତିଷ୍ଠାନ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥାଏ । ଏହି ପ୍ରତିଷ୍ଠାନର ମାଲିକ ଥିଲେ ମୁର୍ଖ, ତେଣୁ ସେ ଜଣେ ସଚ୍ଚୋଟ ସାଧୁ ଓକିଲାତି ପାଶ୍ କରିଥିବା ବ୍ୟକ୍ତିର ଆବଶ୍ୟକତା ଲୋଡୁଥିଲେ। ମୋହନ ଏହି ପ୍ରତିଷ୍ଠାନରେ ଦକ୍ଷିଣ ଆଫ୍ରିକାରେ ଏକ ବର୍ଷ ପାଇଁ ଯୋଗ ଦେଲେ। ମାତ୍ର ସେଠାରେ ସେ ବହୁ ବର୍ଷ ରହିଗଲେ। ୧୮୯୩ ମସିହାରୁ ଯାଇ ଫେରିଲେ ୧୯୧୪ ମସିହାରେ। ମୋହନ ଦକ୍ଷିଣ ଆଫ୍ରିକାର ନାଟାଲ ପ୍ରଦେଶର ରାଜଧାନୀ ଡ଼ର୍ବାନ ସହରରେ ରହୁଥିଲେ। ଥରେ ମକଦ୍ଦମା କାମରେ ମୋହନ ଟ୍ରାନ୍ ସଭାଲର ରାଜଧାନୀ ପ୍ରିଟୋରିଆ କୁ ପ୍ରଥମ ଶ୍ରେଣୀ ଟିକଟ୍ କାଟି ଡ଼ର୍ବାନରୁ ଟ୍ରେନ ଯାତ୍ରା ଆରମ୍ଭ କଲେ। ମରିସବର୍ଗ ଷ୍ଟେସନରେ ଜଣେ ଗୋରା ସାହେବ ରେଳ କର୍ମଚାରୀ ମାନଙ୍କ ଦ୍ୱାରା ମୋହନଙ୍କୁ ଡ଼ବା ତଳକୁ ଠେଲି ଦେଲେ ଓ ଜିନିଷ ପତ୍ର ପ୍ଲାଟ ଫର୍ମ ଉପରକୁ ଫୋପାଡ଼ି ଦେଲେ। ମରିସ ବର୍ଗ ଷ୍ଟେସନର ବିଶ୍ରାମ ଗୃହର, ଏକ ଶିତରାତ୍ରୀ ମୋହନଙ୍କ ଜୀବନର ଗତିପଥ ବଦଳାଇ ଦେଲା। ଡ଼ରକୁଳା ମୋହନ ଦୁଃସାହସୀ, ନିର୍ଭୀକ, ହୋଇଗଲେ। ସେ ଦଳିତ,ଅବହେଳି, ଅତ୍ୟାଚାରିତ, ସର୍ବ ହରାଙ୍କର ସାଥୀ, ମୁକ୍ତିଦାତା, ରକ୍ଷାକର୍ତା, ଭାଗ୍ୟବିଧାତା ହୋଇ କଳା ଲୋକମାନଙ୍କ ପାଇଁ ଲଢେଇ ଆରମ୍ଭ କରି ଦେଲେ। ବ୍ୟବସାୟୀ ଅବଦୁଲ୍ଲାଙ୍କ ସାହାଯ୍ୟରେ ଭାରତୀୟମାନଙ୍କୁ ଏକତ୍ରୀତ କଲେ। ରେଳ ବିଭାଗରେ ମୋହନଙ୍କ ଯୋଗୁ କଳା ଲୋକମାନେ ପ୍ରଥମ ଶ୍ରେଣୀରେ ଯାତାୟତ କଲେ। ଭାରତରେ ଜାତୀୟ କଂଗ୍ରେସ ଗଠନକୁ ଦେଖି, ମୋହନ ନାଟାଲ ଠାରେ ନାଟାଲ କଂଗ୍ରସ ଗଠନ କଲେ। ନାଟାଲ କଂଗ୍ରେସ ମାଧ୍ୟମରେ ଭାରତୀୟ ମାନଙ୍କ ଦାବି ନାଟାଲ ସରକାରଙ୍କୁ ଜଣାଇଲେ।ଭାରତରୁ ଯେଉଁ ଶ୍ରମିକମାନେ ପାଂଚ ବର୍ଷ ଚୁକ୍ତି ଭିତିରେ ଦକ୍ଷିଣ ଆଫ୍ରିକାର ନାଟାଲ ଅଂଚଳକୁ ଯାଉଥିଲେ। ପାଂଚ ବର୍ଷିଆ ଚୁକ୍ତି ଶେଷପରେ ସେଠାରେ ରହିବାକୁ ହେଲେ ଜଣକୁ ବର୍ଷକୁ ପଚିଶ ପାଉଣ୍ଡ କରଦେବାକୁ ପଡୁଥିଲା। ତେଣୁ ସେମାନେ ସାହେବଙ୍କର ଦାସ ପାଲଟିବାକୁ ବାଧହେଉଥିଲେ। ଦକ୍ଷିଣ ଆଫ୍ରିକାର କଳା ଗୋରା ମାନଙ୍କ ମଧ୍ୟରେ ଥିବା ବର୍ଣ୍ଣ ବୈଶ୍ୟମ୍ୟ ଓ ଶ୍ରମିକ ଶୋଷଣ ବାଦକୁ ଦୂରେଇବା ପାଇଁ ଗାନ୍ଧିଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଛି। ଦକ୍ଷିଣ ଆଫ୍ରିକାରେ ଗାନ୍ଧି ଶ୍ରମିକମାନଙ୍କର ତ୍ରାଣ କର୍ତା ପାଲଟି ଯାଇଥିଲେ। ଶେଷରେ ଗାନ୍ଧିଙ୍କ ନାଟାଲ କଂଗ୍ରେସ ପାଖରେ ନାଟାଲସରକାର ମୁଣ୍ଡ ନୁଆଁଇଲେ। ୧୮୯୬ ମସିହାରେ ଗାନ୍ଧି ଭାରତକୁ ଫେରିଆସି ଦକ୍ଷିଣ ଆଫ୍ରିକାରେ ଥିବା ଭାରତୀୟଙ୍କ ଦୁଃଖ ଦୁର୍ଦ୍ଦଶାକୁ ଏକ ପୁସ୍ତକ ମାଧ୍ୟମରେ ଲେଖି ଏହାର ଦଶ ହଜାର କପି ଛାପି ସବୁଆଡ଼କୁ ପଠାଇଲେ। ଲଣ୍ଡନରେ ଇଂରେଜ ସରକାର ଓ ଅଧିକାଂଶ ଭାରତୀୟ ଜାଣିଲେ। ଗାନ୍ଧିଙ୍କ ପାଇଁ ସଭା ସମିତି ?ରିଆଡ଼େ ଆୟୋଜନ ହେଲା। କିନ୍ତୁ କଲିକତାରେ ସଭା କରାଇବା ଆଗରୁ ଦକ୍ଷିଣ ଆଫ୍ରିକାର ଟେଲିଗ୍ରାମ ପାଇଁ ଗାନ୍ଧି, ସ୍ତ୍ରୀ, ଦୁଇପୁଅ ଓ ଜଣେ ଭଣଜାକୁ ଧରି ଅବଦୁଲାଙ୍କ ଜାହାଜରେ ଡ଼ର୍ବାନ ଅଭିମୁଖେ ଯାତ୍ରା କଲେ। ମାତ୍ର ଡ଼ର୍ବାନରେ କିଛି ଖଳପ୍ରକୃତିର ଗୋରା ମାନେ ପ୍ରଚାର କରିଦେଲେ ଯେ ଗାନ୍ଧି ଦୁଇଟି ଜାହାଜରେ ଭାରତୀୟ ଗୁଣ୍ଡା ମାନଙ୍କୁ ଧରି ଇଂରେଜମାନଙ୍କୁ ମାରିବା ପାଇଁ ଆସୁଛନ୍ତି। ଜାହାଜକୁ ବନ୍ଦର ମଧ୍ୟକୁ ପ୍ରବେଶ କରାଇ ଦେଲେ ନାହିଁ। ୨୩ ଦିନପରେ ଇଂରେଜମାନେ ଜାଣିଲେ ଯେ ଜାହାଜରେ କେହି ଗୁଣ୍ଡା ନାହାଁନ୍ତି, ତାପରେ ଅନୁମତି ମିଳିଲା। ଲଫଟନ ସାହେବ ଏକ ଗାଡ଼ିରେ କସ୍ତୁରବା ଓ ପିଲାମାନଙ୍କୁ ଜଣେ ବନ୍ଧୁଙ୍କ ଘରକୁ ପଠାଇ ଦେଲେ। ନିଜେ ଓ ଗାନ୍ଧି ଚାଲି ଚାଲି ରାସ୍ତାରେ ବନ୍ଧୁଙ୍କ ଘରକୁ ଯିବା ସମୟରେ କିଛି ଇଂରେଜ ଗୁଣ୍ଡା ଲୋକ ଗାନ୍ଧିଙ୍କୁ ନିର୍ଦ୍ଦୟ ଭାବରେ ପିଟି ଚାଲିଥାନ୍ତି। ସେହି ରାସ୍ତା ଦେଇ ଏସ୍.ପି ଙ୍କ ସ୍ତ୍ରୀ ଯାଉଥିବାରୁ ଗୁଣ୍ଡାମାନେ ଦେଖି ଗାନ୍ଧିଙ୍କୁ ଛାଡ଼ି ପଳାଇଲେ। ପୋଲିସ ଆସି ଗାନ୍ଧିଙ୍କୁ ନେଇ ତାଙ୍କ ବନ୍ଧୁଙ୍କ ଘରେ ଛାଡ଼ି ଦେଇଥିଲେ। ଏହି ଖବର ଲଣ୍ଡନରେ ପହଂଚିଲା। ବ୍ରିଟିଶ ସରକାରଙ୍କ ପାଖରୁ, ନାଟାଲ ସରକାରଙ୍କ ପାଖକୁ ନିର୍ଦ୍ଦେଶ ଆସିଲା। ଦୋଷିମାନଙ୍କୁ କଠୋର ଦଣ୍ଡ ଦିଅନ୍ତୁ। କିନ୍ତୁ ଗାନ୍ଧି ସମସ୍ତଙ୍କୁ କ୍ଷମା କରିଦେଲେ। ଦକ୍ଷିଣ ଆଫ୍ରିକାରେ ଡ଼ଚ ଓ ଇଂରେଜ ଦୁଇ ପ୍ରତି ଦ୍ୱନ୍ଦୀ ଗୋଷ୍ଠୀ ଶାସନ କରୁଥିଲେ। ଦୁଇ ଗୋଷ୍ଠୀ ମଧ୍ୟରେ ଯୁଦ୍ଧ ଲାଗିଗଲା। ଗାନ୍ଧି ଏକ ଆମ୍ବୁଲାନ୍‌ସ ବାହିନୀ ଗଠନ କରି ଉଭୟ ଆହତ ସୈନ୍ୟମାନଙ୍କର ସେବା କଲେ। ଯୁଦ୍ଧରେ ବୁଅର ବା ଡ଼ଚ ମାନେ ହାରିଗଲେ। ଇଂରେଜ ସରକାର ଗାନ୍ଧିଙ୍କର ସେବା ପାଇଁ ତାଙ୍କୁ ଯୁଦ୍ଧ ପଦକ ପ୍ରଦାନ କଲେ। ୧୯୦୧ ମସିହା ଡ଼ିସେମ୍ବର ମାସରେ ଜାତୀୟ କଂଗ୍ରେସ ତରଫରୁ କଲିକତା ଠାରେ ଏକ ବିରାଟ ସଭା ହେଲା। ଏଥିରେ ଗାନ୍ଧି ଯୋଗ ଦେଲେ। ସେଠାରେ ଭାରତ ସେବକ ସଂଘର ସଭାପତି ଗୋପାଳ କୃଷ୍ଣ ଗୋଖେଲେଙ୍କ ଆଚରଣରେ ମୁଗ୍ଧ ହୋଇ ତାଙ୍କୁ ରାଜନୈତିକ ଗୁରୁ ଭାବରେ ଗ୍ରହଣ କଲେ। ଆଣ୍ଠୁ ଲୁଚୁନଥିବା ଖଦି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପ୍ରଥମ ଶ୍ରେଣୀରେ ଯାତ୍ରା ପରିବର୍ତେ ତୃତୀୟ ଶ୍ରେଣୀରେ ଯିବା ଆସିବା କଲେ। ଗାନ୍ଧି ଦକ୍ଷିଣ ଆଫ୍ରିକା ଫେରିଆସିଲେ। ଗାନ୍ଧି ଇଂରେଜ ଯୁବକ ପୋଲାକ୍‌ଙ୍କୁ ନେଇ ନ୍ତଇଣ୍ଡିଆନ ଓପିନିୟନନ୍ତ ନାମକ ପତ୍ରକା ପ୍ରକାଶ କଲେ। ଡ଼ର୍ବାନ ଠାରୁ ପନ୍ଦର ମାଇଲ ଦୂରସ୍ଥ ଫିନିକ୍‌ସ ସହରର ଉପକଣ୍ଠରେ ଶହେ ଏକର ପରିମିତ ସ୍ଥାନରେ ଏକ ଆଶ୍ରମ ପ୍ରତିଷ୍ଠା କଲେ। ଏହି ଫିକନ୍‌ସ ଆଶ୍ରମରେ ଇଣ୍ଡିଆନ ଓପିନିୟନ ପ୍ରେସ୍ କାର୍ଯ୍ୟ ଚାଲିଲା। ପ୍ରେସର ସବୁ କର୍ମଚାରୀଙ୍କ ଦରମା ସମାନ ସତେ ଯେମିତି ସମସ୍ତେ ଗୋଟିଏ ପରିବାରର ସଦସ୍ୟ। ୧୯୦୪ ମସିହାରେ ଗାନ୍ଧି କସ୍ତୁରବା ଓ ପିଲାମାନଙ୍କୁ ଆଶ୍ରମକୁ ଅଣାଇଲେ। କସ୍ତୁରବା ଏହି ବିରାଟ ପରିବାରର ମା ରୂପେ ସମସ୍ତଙ୍କୁ ସମାନ ଭାବରେ ସ୍ନେହ ଓ ଶ୍ରଦ୍ଧା ପ୍ରଦାନ କଲେ। ଟଲଷ୍ଟୟଙ୍କ ଆଦର୍ଶରେ ଗାନ୍ଧି ପ୍ରଭାବିତ ହୋଇଥିଲେ। ଜୋହାନ୍‌ସବର୍ଗର ଅଳ୍ପ ଦୂରରେ ଏଗାରଶହ ଏକର ଜମି ଉପରେ ଗାନ୍ଧିଜୀ ଟଲଷ୍ଟୟଙ୍କ ନାମରେ ଟଲଷ୍ଟୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ଗାନ୍ଧିଜୀ ନିଜ ରଚିତ ପୁସ୍ତକ ନ୍ତହିନ୍ଦ୍‌ସ୍ୱରାଜନ୍ତ ସହିତ ଏକ ଚିଠି ଟଲଷ୍ଟୟଙ୍କ ପାଖକୁ ପଠାଇଥିଲେ। ଗାନ୍ଧିଙ୍କର ଚିଠି ପାଇ ଟଲଷ୍ଟୟ ୧୯୧୦ରେ ଏକ ଚିଠି ଲେଖିଲେ ଯେ ଭବିଷତ୍ୟରେ ଗାନ୍ଧି ବିଶ୍ୱର ଏକ ବିସ୍ମୟ ମହାମାନବ ହୋଇ ଉଦ୍‌ଭାସିତ ହେବେ। ତାଙ୍କର ଆଦର୍ଶ କାର୍ଯ୍ୟ ଧାରା ଜନ ମାନସକୁ ଅନୁପ୍ରାଣିତ କରିବ। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର ଶ୍ରମିକ, କଳ୍ପକ ଓ କୃଷ୍ଣକାୟ ମାନଙ୍କୁ ନେଇ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ପରିଶେଷରେ ସତ୍ୟାଗ୍ରହରେ ଚରମ ସଫଳତା ମିଳିଥିଲା। ଭାରତୀୟ ମାନଙ୍କ ଉପରୁ କର ଉଠିଲା। ରେଜେଷ୍ଟ୍ରୀ ଆଇନ୍ ରଦ୍ଦହେଲା। ଭାରତୀୟ ମାନଙ୍କର ବିବାହକୁ ସାମାଜିକ ସ୍ୱୀକୃତି ମିଳିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତିକ,ସାମାଜିକ, ରାଜନୈତିକ ଅବସ୍ଥାକୁ ବଦଳାଇ ଦେବାକୁ ସକ୍ଷମ ହେଲେ। ଦକ୍ଷିଣ ଆଫ୍ରିକାର ଅହିଂସା ସଂଗ୍ରାମ ତାଙ୍କୁ ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ ରୂପେ ପ୍ରତି ପାଦିତ କରିପାରିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ୧୯୧୪ ମସିହାର ଶେଷ ଭାଗରେ ଗାନ୍ଧି ଭାରତକୁ ପ୍ରତ୍ୟାବର୍ତନ କଲେ। ବମ୍ବେରେ ପହଂଚି ଗାନ୍ଧି ଯେଉଁ ଶ୍ରଦ୍ଧା, ସମ୍ବର୍ଦ୍ଧନା ଗୋଖଲେଙ୍କ ପାଇଁ ପାଇଲେ, ସେ କେବେବି କଳ୍ପନା କରିନଥିଲେ। ଭାରତର ବିଭିନ୍ନ ଅଂଚଳର ଜନସାଧାରଣଙ୍କ ଅବସ୍ଥା ଜାଣିବା ପାଇଁ ଗୋଖଲେଙ୍କ ନିର୍ଦ୍ଦେଶରେ ଭାରତ ପରିଭ୍ରମଣ କଲେ। ଗୋଟିଏ ଦିନ ଗାନ୍ଧି ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଯେଉଁ ଭାଷଣ ଦେଇଥିଲେ,ସେହି ଉଜସ୍ୱିନି ଭାଷଣ ସବୁରି ମନକୁ ପ୍ରଭାବିତ କଲା। ଗାନ୍ଧୀଙ୍କର ଜନ ପ୍ରିୟତା ବଢିଗଲା। ଦକ୍ଷିଣ ଆଫ୍ରିକାରେ ଆଶ୍ରମ ଜୀବନ ବିତାଇଥିବା ଗାନ୍ଧି ଆଉ ପାରିବାରିକ ବନ୍ଧନରେ ସଂକୁଚିତ ହୋଇରହିବାକୁ ଇଚ୍ଛା କଲେ ନାହିଁ। ତେଣୁ ସେ ଗୁଜୁରାଟର ଅହମ୍ମଦାବାଦ ନିକଟସ୍ଥ ସାବରମତୀ ନଦୀ କୂଳରେ ଆଶ୍ରମଟିଏ ପ୍ରତିଷ୍ଠା କରି ନାମ ଦେଲେ 'ସତ୍ୟାଗ୍ରହ ଆଶ୍ରମ'। ଏହି ଆଶ୍ରମରେ ଛୁଆଁ ଅଛୁଆଁ ଭେଦଭାବ ରହିଲା ନାହିଁ। ଗାନ୍ଧିଙ୍କର ମୌଳିକନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହୋଇ ଓକିଲ ବଲ୍ଲଭ ଭାଇ ପଟେଲ ବିବାହ କଲେ ନାହିଁ। ପଟେଲ ଗାନ୍ଧିଙ୍କ ସହିତ ଶ୍ରମିକ ଧର୍ମଘଟ ଓ କୃଷକ ଆନ୍ଦୋଳନରେ ଯୋଗ ଦେଲେ। ସେହି ପରି ମହାଦେବ ଦେଶାଇ ନାମରେ ଜଣେ ଯୁବକ ଗାନ୍ଧିଙ୍କର ବିଶ୍ୱସ୍ତ ସେକ୍ରେଟେରୀ ଭାବରେ ଆଜୀବନ ରହିଲେ। ଗାନ୍ଧି ବିହାରର ଚମ୍ପାରଣ ଠାରେ ଇଂରେଜ ଜମିଦାର ମାନଙ୍କର ଚାଷୀମାନଙ୍କ ଉପରେ ହେଉଥିବା ଅକଥନିୟ ଅତ୍ୟାଚାର ଅନୁଭବ କଲେ। ଜମିଦାର ମାନଙ୍କ ସହିତ ଚୁକ୍ତି କରି ଅସହାୟ ଚାଷୀମାନଙ୍କ ଦୁଃଖ ଦୂରକଲେ। ୧୯୧୯ ଏପ୍ରିଲ ୧୩ରେ ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡରେ ଗାନ୍ଧି ମର୍ମାହତ ହୋଇପଡ଼ିଲେ। ଇଂରେଜ ସରକାରଙ୍କର ଏତାଦୃଶ ନୀତିରେ ବ୍ୟଥିତ ହୋଇ, ଏ ଦେଶରୁ ସେମାନଙ୍କୁ ବିତାଡ଼ିତ କରିବା ପାଇଁ ଭାରତୀୟମାନଙ୍କୁ ସତ୍ୟାଗ୍ରହ ମଧ୍ୟରେ ନୂଆ ଉପାୟ ଚିନ୍ତା କଲେ। ମୁସଲମାନଙ୍କ ହୃଦୟରେ ସତ୍ୟାଗ୍ରହ ପାଇଁ ଅନୁରାଗ ନଥିବାରୁ ଗାନ୍ଧି ୧୯୨୦ ଜୁଲାଇ ୩୦ରୁ ଅସହଯୋଗ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ। ବହୁ ଭାରତୀୟ ଚାକିରି ଛାଡ଼ିଲେ। ମୋତିଲାଲ ନେହେରୁ ଦେଶବନ୍ଧୁ ଚିତରନ ଓକିଲାତି ଛାଡ଼ିଲେ। ରବୀନ୍ଦ୍ରନାଥ ତାଙ୍କର ନାଇଟିଉପାଧି, ଗାନ୍ଧି ତାଙ୍କର ଯୁଦ୍ଧ ପଦକ ଫେରାଇ ଦେଲେ। କଂଗ୍ରେସ ନେତାମାନେ ଖଦଡ଼ ପିନ୍ଧିଲେ, ଗାନ୍ଧି ସୂତା ବୁଣା ଛୋଟ ଲୁଗା ପିନ୍ଧିଲେ। କୁଟିଖାଅ, କାଟି ପିନ୍ଧ ନୀତିରେ ଚାଲିଲେ। ସବୁ ବଡ଼ ବଡ଼ ନେତା ଗିରଫ ହେଲେ। ୧୯୨୨ ମାର୍ଚ୍ଚରେ ଗାନ୍ଧି ଗିରଫ ହୋଇ ଛଅବର୍ଷ ଜେଲ ଦଣ୍ଡ ଭୋଗକଲେ। ଗାନ୍ଧିଙ୍କ ଦେହ ଅସୁସ୍ଥ ହେବାରୁ ସେ ଛଅ ବର୍ଷ ଜେଲଦଣ୍ଡ ବଦଳରେ ୨ ବର୍ଷ ଭୋଗ କଲେ। ୧୯୨୯ ମସିହାରେ ଲାହୋର ଠାରେ କଂଗ୍ରେସର ଅଧିବେଶନରେ ନିଷ୍ପତି ନିଆଗଲା ଯେ ୧୯୩୦ ମସିହା ଜାନୁୟାରୀ ୨୬ କୁ ସମଗ୍ର ଭାରତ ସ୍ୱାଧୀନତା ଦିବସ ପାଳନ କରିବ। ଏହି ଦିନ ସମଗ୍ର ଭାରତରେ ଏକ ନୂତନ ଜାଗରଣ ଦେଖାଦେଲା। ଗାନ୍ଧି ଲବଣ ସତ୍ୟାଗ୍ରହ ଆରମ୍ଭ କରିଦେଲେ। ସରକାରଙ୍କ ନିୟମ ଭଙ୍ଗ କରି ଦାଣ୍ଡୀରେ ଗାନ୍ଧି ଲୁଣ ମରା କାର୍ଯ୍ୟ କଲେ। ଏହି ଖବର ଗାଁ ଠାରୁ ସହର ଯାଏ ବ୍ୟାପିଗଲା। ସମସ୍ତେ ଲୁଣ ମାରିବା ଆରମ୍ଭ କରିଦେଲେ। ଲକ୍ଷାଧିକ ଲୋକ ଓ ଗାନ୍ଧି ଗିରଫ ହେଲେ। କଂଗ୍ରେସ ପୂର୍ଣ୍ଣ ସ୍ୱାଧିନତା ପାଇଁ ଲଢେଇ ଆରମ୍ଭ କରିଦେଲା। ଗୋଲ ଟେବୁଲ ବୈଠକ ପରେ ଗାନ୍ଧିଙ୍କୁ ଗିରଫ କରାଗଲା। ଜେଲେରେ ଥିବା ସମୟରେ ଇଂରେଜ ସରକାର ହରିଜନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଗଠନ କରିବାକୁ ନିଷ୍ପତି ନେଲେ। ଗାନ୍ଧି ଏହି ନୀତିକି ବିରୋଧ କରି ଅନଶନ କଲେ। ସରକାର ହରିଜନ ନୀତିର ପରିବର୍ତନ କଲେ। ଛୁଆଁ ଅଛୁଆଁ ଭେଦଭାବ ସମାଜରୁ କେତେକା ଅଂଶରେ ଉଠିଲା। ବହୁ ମନ୍ଦିରରେ ହରିଜନମାନେ ପ୍ରବେଶ କଲେ। ଗାନ୍ଧି ଅନଶନ ଭାଙ୍ଗିଲେ। ୧୯୪୨ରେ କଂଗ୍ରେସର ଭାରତ ଛାଡ଼ ଆନ୍ଦୋଳନ ଯୋଗୁ ସମଗ୍ର ଦେଶରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ହିଂସାକାଣ୍ଡ ଆରମ୍ଭ ହୋଇଗଲା। ସୁବାଷ ବୋଷ ରେଙ୍ଗୁନ ରେଡ଼ିଓରୁ ଘୋଷଣା କଲେ ଯେ ଗାନ୍ଧିଜୀ ହେଉଛନ୍ତି ନ୍ତଜାତିର ଜନକ ବିଂଶ ଶତାବ୍ଦୀର ବିସ୍ମୟ ମହାନାୟକନ୍ତ। ଇଂରେଜ ସରକାର ଜିନ୍ନାଙ୍କ ମାଧ୍ୟମରେ ଭାରତକୁ ଦୁଇଭାଗ କରିବାକୁ ଚକ୍ରାନ୍ତ କଲେ। ହିନ୍ଦୁ, ମୁସଲମାନଙ୍କ ହଣା କଟା ?ଲିଲା। ଜିନ୍ନାଙ୍କର କ୍ଷମତା ଲୋଭ କଂଗ୍ରେସ ନେତାଙ୍କର ଉଦାସୀନତା, ଗାନ୍ଧିଙ୍କର ଅସହାୟତା ପାଇଁ ଅଖଣ୍ଡ ଭାରତ ଦୁଇ ଭାଗ ହୋଇଗଲା। ପ୍ରବଳ ହିଂସା, ରକ୍ତପାତ ମଧ୍ୟରେ ପାକିସ୍ଥାନକୁ ସ୍ୱାଧୀନତା ଅଗଷ୍ଟ ୧୪ ତାରିଖରେ ଦିଆଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତା ଲାଭକଲା। ଭାରତର ପଣ୍ଡିତ ନେହେରୁ ଓ ପାକିସ୍ଥାନର ଜ୍ଜିନ୍ନା ହେଲେ ମୁଖ୍ୟ କର୍ଣ୍ଣଧାର।କଠୋର ପନ୍ଥୀ ହିନ୍ଦୁମାନେ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କଲେ। ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଗାନ୍ଧି ପ୍ରାର୍ଥନା ସଭାକୁ ଆସିବା ମାତ୍ରେ ନାଥୁରାମ ତାଙ୍କୁ ଗୁଳିକଲେ। 'ହା' ରାମ କହି ଜାତିର ଜନକ ମହାତ୍ମା ବାପୁ ଟଳିପଡ଼ିଲେ। ଚାରି ଆଡ଼େ ଶୋକର ଛାୟା ଖେଳିଗଲା। ସମଗ୍ର ପୃଥିବୀରୁ ହଠାତ୍ ଅହିଂସାର ଆଲୋକ ନିର୍ବାପିତ ହୋଇଗଲା। ସ୍ୱାଧୀନ ଭାରତ ଏକ ଅନ୍ଧକାରମୟ ଗର୍ତକୁ ଠେଲି ହୋଇଗଲା। ଭାରତୀୟ ମୁକ୍ତ ସଂଗ୍ରାମର ମହାନାୟକ, ବିସ୍ମୟ ମହାମାନବ ମହାତ୍ମାଗାନ୍ଧି ଚିରଦୀନ ପାଇଁ ଧରା ପୃଷ୍ଠରେ ଅମର ହୋଇରହିଗଲେ।

ପାରାଦ୍ୱୀପଗଡ଼, କୁଜଙ୍ଗ
ଗଡ଼ସିଂହପୁର
ମୋ-୯୯୩୭୬୯୧୪୭୫

# ଅଳସୁଆ ମନ୍ଦିର



ଦୀନବନ୍ଧୁ ନାୟକ

ଗୋଟିଏ ଦେଶରେଜଣେ ଦୟାଳୁ ପ୍ରଜାବତ୍ସଳରାଜା ଥିଲେ । ପ୍ରଜାମାନଙ୍କ ହିତଚିନ୍ତାରେ ଅହରହବ୍ୟସ୍ତରହୁଥିଲେ । ଛଦ୍ମବେଶରେ ରାଜ୍ୟସାରା ଭ୍ରମଣକରି ଜାଣିପାରିଲେ ଯେ କେତେଜଣ ନିପଟ ଅଳସୁଆଜୀଅନ୍ତା କାଠଗଣ୍ଡି ପରିକାଳାତିପାତ କରୁଛନ୍ତି । ଦୟାପରବଶ ହୋଇରାଜ୍ୟରସବୁ ଅଳସୁଆମାନଙ୍କୁ ଆଣି ନଗର ବାହାରେ ସେମାନଙ୍କର ରହିବାଖାଇବାପିଇବାର ବନ୍ଦୋବସ୍ତକରିଦେଲେ । ଆଉ ଯଦି କୌଣସି ଅଳସୁଆ ଆସନ୍ତି, ସେମାନଙ୍କୁ ମଧ୍ୟ ଏଠାରେ ରହିବାରସୁଯୋଗ ଦେବାକୁକର୍ମଚାରୀମାନଙ୍କୁ ଆଦେଶ ଦେଲେ । ରାଜାଙ୍କରଏତାଦୃଶ ଆଦେଶ ଯୋଗୁଁରାଜ୍ୟରଯେତେ ଅଳସୁଆ, ଠକ, ଠାପୁଆ, କର୍ମକୁଣ୍ଠ ଲୋକଥିଲେ, ବିନା ପରିଶ୍ରମରେ ଖାଇପିଇଗଡିବା ପାଇଁ ସେମାନେ ପ୍ରତିଦିନ ଅଳସୁଆ ପରିଚୟ ଦେଇ ଏଠାକୁ ଆସିବାକୁଲାଗିଲେ । ଅଳସୁଆଙ୍କ ସଂଖ୍ୟା ଏତେବଢିଗଲା ଯେ ସେମାନଙ୍କ ଦାୟିତ୍ୱ ବୁଝିବାକର୍ମଚାରୀ ମାନଙ୍କର ତଥା ମନ୍ତ୍ରୀଙ୍କର ମୁଣ୍ଡବ୍ୟଥାର କାରଣହୋଇଗଲା । ମନ୍ତ୍ରୀଚିନ୍ତାକଲେ, ଯଦି ପ୍ରତିଦିନ ଏ ନକଲି ଅଳସୁଆଙ୍କସୁଅ ଛୁଟେ, ତେବେରାଜ୍ୟର ପ୍ରଜାମାନେ କାମଧନ୍ଦା ଛାଡି ଏଠାରେଖାଇପିଇ ଆରାମରେଗଡିବେ । ପ୍ରଜାମାନେ କର୍ମକୋଢି ହୋଇଯିବେ, ଆଦୌ କାମଧନ୍ଦା କରିବେନି । ରାଜ୍ୟଉଚ୍ଛନ୍ନ ହୋଇଯିବ, ରାଜକୋଷ ଶୂନ୍ୟହୋଇଯିବ । ରାଜାଙ୍କ ନିକଟରେବହୁବାର ଏ ଚିନ୍ତା ପ୍ରକଟକଲେବି ଦୟାଳୁ ରାଜାକିଛିଶୁଣିବାକୁ ନାରାଜ ଥିଲେ, ବରଂ ପ୍ରଜାମାନଙ୍କହିତ କରୁଛନ୍ତି ବୋଲିସନ୍ତୁଷ୍ଟ ଥିଲେ । କଥାରେ ଅଛି,- ରାଜାଷୋଳ କଳାହେଲେ ମନ୍ତ୍ରୀବତିଶକଳା, ଚୋର ଚୌଷଠିକଳା । ଦିନେ ମନ୍ତ୍ରୀସମସ୍ତଙ୍କ ଅଜାଣତରେ ଅଳସୁଆମାନଙ୍କ ରହିବାଘରେ, ଯାହାକୁ ପ୍ରଜାମାନେ ଥଟ୍ଟାରେ 'ଅଳସୁଆମନ୍ଦିର' ବୋଲି କହୁଥିଲେ, ସେଥିରେ ନିଆଁଲଗାଇ ଦେଲେ । ନିଆଁଲାଗିବାମାତ୍ରେ ସମସ୍ତେଜୀବନ ବିକଳରେ ଅଳସୁଆମନ୍ଦିରଛାଡି ପଳାଇଲେ । କେବଳ ଦୁଇଟି ଲୋକ ନିଶ୍ଚଳଭାବେ ଶୋଇରହି ଥିଲେ । ମନ୍ତ୍ରୀସେମାନଙ୍କ ପାଖରେ ପହଂଚିବାବେଳକୁ ନିଆଁ ଧାସଲାଗୁଥିବାଲୋକଟିକହୁଛି - ନ୍ତଘ.ପୋ.ନ୍ତ - ଅର୍ଥାତ 'ଘର ପୋଡିଯାଉଛି' । ଏତକ କଥା କହିବାକୁବିସେ ଅଳସାଉଛି । ଆରଜଣକକହୁଛି - ନ୍ତବୁ.ଶୋ.ନ୍ତ - ଅର୍ଥାତ୍ 'ବୁଲିକିଶୋ' । ମନ୍ତ୍ରୀଜାଣିଗଲେ ଯେ ଏଇ ଦି'ଟାହେଉଛନ୍ତି ଖାଂଟି ଅଳସୁଆ । ସେମାନଙ୍କୁ ଟାଣିବାହରକୁବାହାରକରିଦେଲେ । କେବଳସେହି ଦୁଇଜଣଙ୍କ ନିମନ୍ତେ ଅଳସୁଆ ମନ୍ଦିରର ସମସ୍ତ ବନ୍ଦୋବସ୍ତକରିଦେଲେ । ରାଜାଜ୍ଞା ପାଳନ ହେଲା, ଉଦ୍ଦେଶ୍ୟ ବିସାଧିତହେଲା । ଏହା ଏକ କାଳ୍ପନିକକାହାଣୀ । କିନ୍ତୁଏହାର ମ କଥାଟିକୁ ଲକ୍ଷ୍ୟକଲେତାହା ଆମରବର୍ତମାନ ସମାଜ ସହିତମିଳିଗଲା ପରିଲାଗୁଛି ।ମାତୃ ଗର୍ଭରେଭ୍ରୁଣଟିଏସଂଚରିତହେବା ଦିନଠାରୁମା' ଓ ଗର୍ଭସ୍ଥସନ୍ତାନର ଯତ୍ନ, ରୋଗ ପ୍ରତିଷେଧକ ଟୀକା, ରକ୍ତହୀନତା ଦୂରୀକରଣ, ଗର୍ଭବତୀରସାମୟିକ ପରୀକ୍ଷା, ନିରାପଦ ପ୍ରସବଏବଂ ପରେ ପରେମା' ଓ ଶିଶୁରସୁସ୍ଥଜୀବନ ପାଇଁବିଭିନ୍ନ ଯୋଜନାକରାଯାଇଛି । ପିଲାଟିର ଅଙ୍ଗନବାଡିଠାରୁସ୍କୁଲ ଶିକ୍ଷା ପର୍ଯ୍ୟନ୍ତ ପୁଷ୍ଟିକରଖାଦ୍ୟ, ମଧ୍ୟାହ୍ନଭୋଜନ, ବହିଖାତା, ଜାମାପ୍ୟାଂଟ୍, ଜୋତା, ସାଇକେଲ, ଲାପ୍‌ଟାପ୍‌ଇତ୍ୟାଦି ଯୋଗାଇ ଦିଆଯାଉଛି । ଉଚ୍ଚଶିକ୍ଷା ପାଇଁବ୍ୟବସ୍ଥା, ଋଣ, ପ୍ରୋତ୍ସାହନ ଦିଆଯାଉଛି । ବଡହେଲେଜୀବନ ନିର୍ବାହ ନିମନ୍ତେ ବିଭିନ୍ନକ୍ଷେତ୍ରରେବିଭିନ୍ନପ୍ରୋତ୍ସାହନ, ରିହାତିସୁଧରେ ଋଣ ଇତ୍ୟାଦି ଦିଆଯାଉଛି । ସାମୁହିକଭାବେସମିତି, ମଣ୍ଡଳି ପାଇଁବହୁତସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଚାଳଘରକୁ ପକ୍କାଘର, ସୁଲଭଶୌଚାଳୟ, ମୋବଗିଚା, ମୋପୋଖରୀଠାରୁ ଆରମ୍ଭ କରି ପ୍ରତିଘରକୁ ପାଇପ୍‌ଯୋଗେ ପାନୀୟଜଳ, ବିଜୁଳୀ, ରୋଷେଇ ପାଇଁ ରନ୍ଧନଗ୍ୟାସଯୋଗାଇ ଦିଆଯାଉଛି । ମହିଳାସଶକ୍ତିକରଣ ନିମନ୍ତେ ଅନେକସାହାଯ୍ୟ, ପ୍ରୋତ୍ସାହନ ମଧ୍ୟ ମିଳୁଛି । ଯାତାୟତ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ, ଚାଷଇତ୍ୟାଦି ନିମନ୍ତେ ସମସ୍ତ ପ୍ରକାରସାହାଯ୍ୟ, ସହଯୋଗ, ପ୍ରୋତ୍ସାହନ, ରିହାତି, ଋଣଛାଡ ମଧ୍ୟ ମିଳୁଛି । ଦୈବୀଦୁର୍ବିପାକ ପାଇଁ ଅନୁଦାନ ରାଶିମିଳୁଛି । ଏପରିକିମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନାରେଶେଷକୃତ୍ୟ ପାଇଁସାହାଯ୍ୟମିଳୁଛି । ମୋଟଉପରେଜରାୟୁରୁଜୁଇ ପର୍ଯ୍ୟନ୍ତ ଜନସାଧାରଣକିପରି ସୁବିଧାରେ, ଭଲରେରହିବେ, ତା'ରବ୍ୟବସ୍ଥାମାନ କରାଯାଇଛି । ଏହାବାଦ୍ ବାର୍ଦ୍ଧକ୍ୟଭତା, ବିଧବାଭତା, ଦିବ୍ୟାଙ୍ଗଭତାଇତ୍ୟାଦି ଅନେକ ପ୍ରକାରଭତାରବ୍ୟବସ୍ଥା କରାଯାଇଛି । ବିଶେଷକରି ଦାରିଦ୍ର୍ୟସୀମାରେଖାତଳେ ଥିବାଗରିବ ଲୋକମାନଙ୍କ ଟଙ୍କିକିଆଚାଉଳମିଳୁଛି । ରାଜ୍ୟସରକାର ଓ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନାଗୁଡିକୁଲକ୍ଷ୍ୟକଲେଜଣାପଡେ, ଜନସାଧାରଣଙ୍କରସାମାନ୍ୟତମ ଦୁଃଖକଷ୍ଟ ନ ହେଉ, ଏଥିପାଇଁସରକାର ସଦା ଜାଗ୍ରତ । ଏହା ଅତିଉତମ କଥା । ଏଥିରେ ସଦ୍‌ଭାବନା, ସଦିଚ୍ଛା, ପ୍ରଗତି, ବିକାଶରଭାବଭରପୂରହୋଇରହିଛି । ଏଥିପାଇଁସରକାର ପ୍ରକୃତରେ ଧନ୍ୟବାଦର ପାତ୍ର । ପରନ୍ତୁ, ଏହାମୁଦ୍ରାରଗୋଟିଏ ପାର୍ଶ୍ୱ, ଉଜ୍ଜ୍ୱଳ ପାର୍ଶ୍ୱ । ଅପର ପାର୍ଶ୍ୱଟିକିନ୍ତୁ ... ବହୁକିନ୍ତୁରସମାହାର । ଅଧିକାଂଶଯୋଜନାରକାର୍ଯ୍ୟାନ୍ୱୟନ ପଛରେ 'କିନ୍ତୁ'ଟିଏଲଗାଯାଇପାରେ । ଏହାରବର୍ଣ୍ଣନା ନିସ୍ପ୍ରୟୋଜନ । ନିରପେକ୍ଷଭାବେ ନିଜସାହିରେ, ଗ୍ରାମରେ, ଗ୍ରାମପଂଚାୟତରେ, ମହଲାରେଲକ୍ଷ୍ୟକରନ୍ତୁ ... ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭାନ୍ୱିତ ହେଉଥିବା ହିତାଧିକାରୀମାନଙ୍କମଧ୍ୟରୁକେତେଜଣ ପ୍ରକୃତହିତାଧିକାରୀ ଓ କେତେଜଣ ନକଲି । ଖବରକାଗଜରେ ପ୍ରକାଶିତ ଏଇ କେତେ ମାସତଳରଖବରଟିଏ ... ସରକାରଙ୍କର ଜଣେ ବିଭାଗୀୟକର୍ତା ଏକ ଧାନମଣ୍ଡିରେ ଅଚାନକ ପହଂଚିଗଲେ । ଜଣେସାଧାରଣଛୋଟଚାଷୀଠାରୁ ପଚାରିବୁଝିଲେ ଯେ ସେଚାଷୀଟି ଅମଳ କରିଥିବାସବୁଯାକ ଧାନ ମଣ୍ଡିରେବିକ୍ରିକରିଦେଇ ଟଙ୍କିକିଆଚାଉଳ ଓ ଭତାରେଚଳିଯାଉଛି । ଜଣେଚାଷୀ ଧାନ କ୍ୱିଂଟାଲ ପାଖାପାଖି ଦେଢହଜାରଟଙ୍କାରେବିକିମାସକୁମାସଟଙ୍କିକିଆ ୩୫ କିଲୋଚାଉଳ ପାଉଛି । ଏଥିପାଇଁଚାଷୀଟିକୁ ଦୋଷ ଦେଇହେବନି । ଏହାବର୍ତମାନ ସାଧାରଣ ଜନ ତାଙ୍କ ମାନସିକତାହୋଇଯାଇଛି ।

ସା : ତରାପୁର, ପୋ.ଅ.: ଲକ୍ଷ୍ମୀନଗର
ଜିଲ୍ଲା : ଯାଜପୁର
ମୋ : ୯୯୩୭୫୯୩୪୯୩




# ବାତ୍ୟା ପ୍ରଭାବିତଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସି.ପି.ଆଇ.ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା : ବାତ୍ୟା 'ୟାସ' ଦ୍ୱାରା କେନ୍ଦ୍ରାପଡା ଜିଲ୍ଲାର ପ୍ରଭାବିତମାନଙ୍କ ସମସ୍ୟା ତୁରନ୍ତ ସମାଧାନ କରାଯିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ.) ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ମହାମାରୀ କୋଭିଡ-୧୯ ର ଦ୍ୱିତୀୟ ଲହରର ସଙ୍କଟ ଜନକ ପରିସ୍ଥିତିରେ ବାତ୍ୟା 'ୟାସ' ଜିଲ୍ଲାବାସୀଙ୍କ ଉପରେ ବେଡି ଉପରେ କୋରଡା ସଦୃଶ ମାଡକରି ସେମାନଙ୍କ ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରି ପକାଇଛି । ଏପରି ବିପଦ ସମୟରେ ଜିଲ୍ଲାର ଜନଗଣଙ୍କ ଜ୍ୱଳନ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରାଯାଇ ସେମାନଙ୍କ ସବୁମତେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ନିମନ୍ତେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସି.ପି.ଆଇ.) ପକ୍ଷରୁ ଦୃଢ ଦାବି କରାଯାଇଛି । ଦାବି ଗୁଡିକ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ରାଜନଗର ବ୍ଲକର ତାଳଚୁଆ ଠାରୁ ବ୍ରାହ୍ମଣସାହି ପର୍ଯ୍ୟନ୍ତ ୧୨ଟି ପଞ୍ଚାୟତ ଓ ମହାକାଳପଡା ବ୍ଲକର ବଟିଘର, ଜମ୍ବୁ, ସୁନୀତି ଏବଂ କୁଳଞ୍ଜାଙ୍ଗା ପ୍ରଭୃତି ୪ଟି ପଞ୍ଚାୟତର ପାଣି ଘେରରେ ଥିବା ଲୋକମାନଙ୍କୁ ୧୫ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବା, ୟାସ କାରଣରୁ କୃତ୍ରିମ ବନ୍ୟାର ସୃଷ୍ଟି ହୋଇଥିବା ଅଞ୍ଚଳରୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା, ଏବେ ସୁଦ୍ଧା ବିଦ୍ୟୁତ ସରବରାହ ହୋଇପାରିନଥିବା ଅଞ୍ଚଳ ଗୁଡିକରେ ତୁରନ୍ତ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯିବା, ବାତ୍ୟା ପ୍ରଭାବିତ ଅଞ୍ଚଳରେ ରାସନ କାର୍ଡରୁ ବଞ୍ଚିତ ହୋଇଥିବା ଗରିବ ଲୋକମାନଙ୍କୁ ପିଡିଏସ ବ୍ୟବସ୍ଥାରେ ରାସନ ଯୋଗାଇ ଦିଆଯିବା, ବାତ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ସ୍ୱଚ୍ଛ ଓ ସଠିକ ତଦନ୍ତ କରାଯାଇ ସହାୟତା ପ୍ରଦାନ କରାଯିବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର କଳାବଜାରୀକୁ ନିୟନ୍ତ୍ରଣ କରାଯାଇ ଦର ବୃଦ୍ଧିକୁ ରୋକାଯିବା, କୋଭିଡ ପରିଚାଳନାରେ ଥିବା ଦୁର୍ବଳତାକୁ ସୁଧାରି ୪ମାସ ମଧ୍ୟରେ ସମସ୍ତଙ୍କୁ ଟୀକା ପ୍ରଦାନ କରାଯିବା ଓ ବାତ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସମୁଦ୍ର କୂଳେ କୂଳେ ଲୁଣା ଜଙ୍ଗଲ ସୃଷ୍ଟି କରାଯିବା ପ୍ରଭୃତି ଦାବି ରହିଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସି.ପି.ଆଇ.)ର ଜିଲ୍ଲା ସାଧାରଣ ସମ୍ପାଦକ ରମେଶରଞ୍ଜନ ରାଉତରାୟ, ସହସମ୍ପାଦକ ଆଦିକନ୍ଦ ରାଉଳ, ବାବାଜୀ ଧଳ, ସଂଯୁକ୍ତା ରାଉତ, ମାର୍ଶାଘାଇ ଓ ମହାକାଳପଡାର ଜୋନ ସମ୍ପାଦକ ବିକାଶ ଚନ୍ଦ୍ର ବେହେରା, କେନ୍ଦ୍ରାପଡାର ଜୋନ ସମ୍ପାଦିକା ସୁବାସିନୀ ଭଦ୍ର, ଡିଭରଞ୍ଜନ ମହାନ୍ତି, ପଟ୍ଟାମୁଣ୍ଡାଇ ଓ ରାଜନଗର ଜୋନ ସମ୍ପାଦକ ଅଭୟ ଦାସ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ଗଛ ଡାଳ ପଡି ଅକ୍ଷୟ ଗୁରୁତର, ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଧର୍ମଶାଳା : ଚଳିତ ବର୍ଷ ଆସିଥିବା ବାତ୍ୟା ୟାଶର ପ୍ରଭାବ ଗାଁ ଗଣ୍ଡାରେ ପଡିଛି । ଅନେକ ସ୍ଥାନରେ ଗଛ ପଡିବା ଫଳରେ ଲୋକେ ଆହତ ହୋଇଥିବା ଜଣାପଡିଛି । ତେବେ ବାତ୍ୟା ସାଙ୍ଗକୁ ଲକ୍ ଡାଉନକୁ ନେଇ ଚିନ୍ତାକୁ ଦ୍ୱଗୁଣିତ କରୁଛି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ମାଝିପାଟଣା ଗ୍ରାମରେ ଚଳିତ ବାତ୍ୟା ସମୟରେ ଘର ଦୁଆର ମୁହଁରେ ବସିଥିବା ନବଘନ ମଲିକଙ୍କ ପୁଅ ଅକ୍ଷୟ(୪୮)ଙ୍କ ଉପରେ ଏକ ଆମ୍ବ ଡାଳ ଭାଙ୍ଗି ପଡିଯାଇଥିଲା । ହେଲେ ଜୀବନ ବଂଚି ଯାଇଥିଲେ ମଧ୍ୟ ସେ ଗୁରୁତର ଆହତ ହୋଇଥିଲେ । ବେକ ଓ ଗୋଡରେ ଗୁରୁତର ଆଘାତ ଲାଗିଛି । ତେଣୁ ତାଙ୍କର ଅର୍ଥ ଅଭାବରୁ ଉଚ୍ଚ ଚିକିତ୍ସା ହୋଇପାରୁ ନ ଥିବାରୁ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଛି । ଅକ୍ଷୟ ଜଣେ କାଠ ହଣା ଦିନମଜୁରିଆଭାବେ ଯାହା ଆଣନ୍ତି ତାହା ପରିବାରକୁ ନିଅନ୍ତ । ପରିବାରରେ ସ୍ତ୍ରୀ ସହ ୨ ବଢିଲା ଝିଅ । କରୋନା କଟକଣା ଯୋଗୁଁ କାମଧନ୍ଦା ବନ୍ଦ ହୋଇଯାଇଛି । ତେବେ ତାଙ୍କର ଚିକିତ୍ସାରେ ଅର୍ଥ ସାଜିଛି ବାଧକ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା : ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ଚାପ ଖେଳ ଜୁନ ୨ରୁ ଆରମ୍ଭ

ବାରିପଦା: ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାପ୍ରଭୂଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ନିମନ୍ତେ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଅଖରେ ଚକଲାଗି କାର୍ଯ୍ୟ ଆରମ୍ଭ ହେବା ସହ ମହାପ୍ରଭୂ ଚନ୍ଦନଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଶ୍ରୀକ୍ଷେତ୍ରଧାମ ପୁରୀଠାରେ ମହାପ୍ରଭୂ ଚନ୍ଦନ ପୁଷ୍କରଣୀରେ ୨୧ ଦିନ ଚାପ ଖେଳୁ ଥିବା ବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶେଷ ତିନି ଦିନ ମହାପ୍ରଭୂ ପୁଷ୍କରଣୀରେ ନୌକା ବିହାର(ଚାପ ଖେଳ) କରିବାର ରୀତିନୀତି ଓ ବିଧି ବ୍ୟବସ୍ଥା ପ୍ରଚଳିତ ରହିଆସିଛି । ଓଡ଼ିଶା ସେବାୟତ ସଂଘର ସଭାପତି ତଥା ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ସେବାୟତ କାମେଶ୍ୱର ତ୍ରିପାଠୀଙ୍କ କହିବା ଅନୁସାରେ ପୂର୍ବରୁ ନିଳାଚଳ ଧାମ ପୁରୀ ଭଳି ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ମଧ୍ୟ ମହାପ୍ରଭୂ ୨୧ ଦିନ ଚାପ ଖେଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାର ସେ ଜାଣିଛନ୍ତି । ମାତ୍ର ପରବର୍ତ୍ତି ସମୟରେ କୌଣସି କାରଣରୁ ମହାପ୍ରଭୂଙ୍କ ଚାପ ଖେଳ ୨୧ ଦିନ ପରିବର୍ତ୍ତେ ଶେଷ ତିନିଦିନ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ଜୁନ ୨ରୁ ଏହି ଚାପଖେଳ ଆରମ୍ଭ ହେବ । ଚାପ ଖେଳିବା ନିମନ୍ତେ ମହାପ୍ରଭୂ ମଦନ ମୋହନ, ଦେବୀ ସରସ୍ୱତୀ ଓ ଦେବୀ ମହାଲକ୍ଷ୍ମୀ ବିଜେ କରିବେ । ସେହିପରି ସାନ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୂ ମଦନମୋହନ ଓ ଦେବୀ ମହାଲକ୍ଷ୍ମୀ ବିଜେ ହୋଇଥାନ୍ତି । ଏହାପରେ ସମସ୍ତେ ଏକତ୍ରିତ ହୋଇ ପୁଷ୍କରଣୀରେ ୩ ଦିନ ଧରି ଚାପ ଖେଳିବେ । ପ୍ରଥମ ଦିନରେ ପୁଷ୍କରଣୀରେ ସାତ ଫେରା, ଦ୍ୱିତୀୟ ଦିନରେ ୧୪ ଫେରା ଓ ଶେଷ ଦିନରେ ୨୧ ଫେରା ନୌକା ବିହାର ଶେଷ କରି ପୁଷ୍କରଣୀର ମଧ୍ୟ ଭାଗରେ ଠାକୁରମାନେ ସ୍ନାନ ସହ ସମସ୍ତ ପୂଜାନୀତି ପରେ ମନ୍ଦିରକୁ ବିଜେ ହୋଇଥାନ୍ତି । ଏହାପରେ ମଧ୍ୟ ରାତ୍ରରେ ବଡ଼ ସିଂହାର ହୋଇ ପହଡ଼ରେ ଯିବାର କାର୍ଯ୍ୟକ୍ରମ ରହିଛି । ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ କାରଣରୁ ହେମସାଗର ପୁଷ୍କରଣୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଏହାର ପୁର୍ନଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଫଳରେ ସହରରେ ଥିବା ଚାପଲ ପୋଖରୀରେ ମହାପ୍ରଭୂଙ୍କ ଚାପ ଖେଳ ପାଇଁ ପ୍ରସ୍ତାବ ଦେଇଥିଲେ ; ମାତ୍ର ଦେବୋତର ବିଭାଗ ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲ୍ଲାପାଳ ହେମସାଗର ପୁଷ୍କରଣୀରେ ଚୁନ ପକାଇ ମହାପ୍ରଭୂଙ୍କ ଚାପ ଖେଳ କାର୍ଯ୍ୟକ୍ରମ ହେବ ବୋଲି କହିଛନ୍ତି ବୋଲି ଶ୍ରୀତ୍ରିପାଠୀ ପ୍ରକାଶ କରିଛନ୍ତି । ସେହିପରି ସମାଜସେବୀ ତଥା ଆଇନଜୀବୀ ବିଭୂପ୍ରସାଦ ଦାସଙ୍କ କହିବା ଅନୁସାରେ ବାରିପଦା ସହରର କେନ୍ଦ୍ର ସ୍ଥଳରେ ରହିଥିବା ଚାପଲ ପୋଖରୀରେ ପୂର୍ବରୁ ମହାପ୍ରଭୂ ଚାପ ଖେଳୁଥିବାର ସେ ପିଲା ବୟସରେ ଦେଖିଥିଲେ । ମହାପ୍ରଭୂ ଉକ୍ତ ପୁଷ୍କରଣୀରେ ଚାପ ଖେଳୁଥିବାରୁ ତାର ନାମ ଚାପଲ ପୋଖରୀ ଭାବେ ନାମିତ ହୋଇଥିଲା । କିନ୍ତୁ କାଳକ୍ରମେ ଚାପଲ ପୋଖରୀ ପରିବର୍ତ୍ତେ ହେମସାଗର ପୋଖରୀରେ ମହାପ୍ରଭୂଙ୍କ ଚାପ ଖେଳ ଆରମ୍ଭ ହୋଇଥିଲା । ତେବେ ମହାପ୍ରଭୂଙ୍କ ଚାପ ଖେଳ କରୋନା କଟକଣା ପରିସରରେ ବିନା ଭକ୍ତରେ ଅନୁଷ୍ଠିତ ହେବ ଅଥବା ଏହାକୁ ଦର୍ଶନ ନିମନ୍ତେ ଭକ୍ତମାନଙ୍କୁ ଅନୁମତି ମିଳିବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରି ନାହିଁ

# ବୋହୂ ଓ ନାତୁଣୀକୁ ଘରକୁ ଛାଡିଲେନି ଶାଶୁ:ପୋଲିସ ଓ ସାହିବାସୀଙ୍କ ହସ୍ତକ୍ଷେପରେ ଗଲେ ଘରକୁ

କନ୍ଧମାଳ : ବାପ ଘରକୁ ଯାଇ ଶାଶୁ ଘରକୁ ଫେରିବା ପରେ ବିଧବା ବୋହୁକୁ ଘରେ ପଶିବାକୁ ଦେଲେନି ବିଧବା ଶାଶୁ ଫଳରେ ସାହି ଲୋକଙ୍କ ହସ୍ତକ୍ଷେପରେ ଏବଂ ପୋଲିସ ପହଂଚି ଘଟଣାକୁ ସମ୍ଭାଳିବା ସହିତ ବିଧବା ବୋହୁକୁ ଘରକୁ ଛାଡିଲେ ଶାଶୁ । ସୂଚନା ଅନୁସାରେ ଫୁଲବାଣୀ ଅମଲାପଡା ସାହିର ଅବସରପ୍ରପ୍ତ ଡେମୋନଷ୍ଟ୍ରେଟର ସ୍ୱର୍ଗତ ସୂର୍ଯ୍ୟ ମହାପାତ୍ରଙ୍କ ବିଧବା ବୋହୁ ପୁଷ୍ପିତା ମହାପାତ୍ର ସ୍ୱସ୍ଥ୍ୟ ଗତ କାରଣରୁ ତାଙ୍କ ପିତାଙ୍କ ଘର ହିଞ୍ଜିଳୀକାଟ କୁ ଯାଇ ଥିଲେ । ଗତ ଶୁକ୍ରବାର ସଂନ୍ଧ୍ୟାରେ ସେ ତାଙ୍କ ସାତ ବର୍ଷର ଝିଅ ସହିତ ଶାଶୁ ଘରକୁ ଫେରିବାପରେ ତାଙ୍କ ଶାଶୁ ଘରକୁ ଯିବାକୁ ଦେଇନଥିଲେ । ଫଳରେ ବୋହୁ ପୁଷ୍ପିତା ତାଙ୍କ ଝିଅ ସହିତ ଘର ବାହାରେ ବସି ରହିଥିଲେ । ଏହା ଦେଖି ସେହି ଅଂଚଳର ସ୍ୱଂୟ ସହାୟୀକା ଗୋଷ୍ଠୀର ମହିଳା ମାନେ ସେଠାରେ ପହଂଚି ଶାଶୁଙ୍କୁ ଡାକିବା ସହିତ ତାଙ୍କ ବିଧବା ବୋହୁକୁ ଘରକୁ ନେବାକୁ କହିଥିଲେ । ଘଟଣା ବାବଦରେ ଫୁଲବାଣୀ ଟାଉନ ଥାନା ପୋଲିସ ଖବର ପାଇ ସେଠାରେ ପହଂଚି ଶାଶୁଙ୍କୁ ବୁଝାଇବା ସହିତ ବୋହୁ ଏବଂ ତାଙ୍କ ଝିଅକୁ ଘରକୁ ଛାଡିଥିଲେ । ସୂଚନା ଅନୁସାରେ ସ୍ୱର୍ଗତ ସୂର୍ଯ୍ୟ ମହାପାତ୍ରଙ୍କ ଏକପାତ୍ର ପୁଅ ଦୀପକ କୁମାର ମହାପାତ୍ର ଗତ ୩ ବର୍ଷ ହେଲା ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାମୀଙ୍କ ଦେହାନ୍ତପରେ ଶାଶୁ ଘରେ ପୁଷ୍ପିତାଙ୍କୁ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ଦିଆଯାଉଥିବା ନେଇ ବୋହୁ ପୁଷ୍ପିତା ଥାନାରେ ଏକ ଅଭିଯୋଗ ମଧ୍ୟ କରିଥିଲେ । ଗତ ବର୍ଷ ତାଙ୍କ ଶ୍ୱଶୁର ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଦେହାନ୍ତ ଘଟିଥିଲା । ପରେ ପୁଷ୍ପିତା ଏବଂ ତାଙ୍କ ଶାଶୁଙ୍କ ସମେତ ପରିବାରର ଅନ୍ୟମାନଙ୍କର ଝଗଡା ଲାଗି ରହିଥିଲା । କିଛି ଦିନ ତଳେ ପୁଷ୍ପିତା ତାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କ ପିତାଙ୍କ ଘରକୁ ଯାଇଥିଲେ । ସେ ଘରକୁ ଫେରିବାପରେ ତାଙ୍କ ଶାଶୁ ତାଙ୍କୁ ଘରକୁ ଛାଡି ନଥିଲେ ଫଳରେ ସାହିରେ ଏହିଭଳି କାଣ୍ଡ ଘଟିଥିଲା । ତାଙ୍କ ଶାଶୁ ଜଣେ ଅବସରପ୍ରପ୍ତ ଶିକ୍ଷୟୀତ୍ରୀ ହୋଇ ମଧ୍ୟ ତାଙ୍କର ନିଜ ବୋହୁ ଏବଂ ଏକମାତ୍ର ପୁଅର ଛୋଟ ଝିଅ ପ୍ରତି ଏତାଦୃଶ ଆଚରଣ ଯୋଗୁଁ ସାହି ବାସିନ୍ଦାଙ୍କ ମଧ୍ୟରେ ଅଶାନ୍ତି ଦେଖାଦେବା ସହିତ ଶାଶୁଙ୍କର ଏଭଳି ଆଚରଣକୁ ଦୁର୍ଭାଗ୍ୟପୁର୍ଣ୍ଣ ବୋଲି କହିଛନ୍ତି ଅଂଚଳର ସ୍ୱଂୟ ସହାୟୀକା ଗୋଷ୍ଠୀର ମହିଳା ଓ ସାହି ବାସିନ୍ଦା ମାନେ ।

# ରାଜନୀତିର ଅର୍ଥ ଲୋକମାନଙ୍କୁ ଯୋଡ଼ିବାର ଗୁରୁମନ୍ତ୍ର ଦେଲେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସାଂସଦ ଅପରାଜିତା

ବାରିପଦା : ମୟୂରଭଞ୍ଜ ଜିଲ୍ଲାର ବିଜେପିର ଦଳୀୟ ନେତୃମଣ୍ଡଳୀ, କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ଆଜି ସାଂସଦ ଅପରାଜିତା ଷଡ଼ଙ୍ଗୀ ରାଜନୀତିର ମୂଳମନ୍ତ୍ର ତଥା ଗୁରୁମନ୍ତ୍ର ଶୁଣାଇଛନ୍ତି । ଏଥିରେ ରାଜନୀତିର ଅର୍ଥ ନୂଆ ନୂଆ ଲୋକମାନଙ୍କୁ ଦଳ ସହ ଯୋଡ଼ିବାକୁ ଗୁରୁମନ୍ତ୍ର ଦେବା ସହ ଏହାକୁ କେମିତି ଭଳି କାର୍ଯ୍ୟ କରିବା ଉଚିତ । ସମସ୍ତେ ମିଳିମିଶି ଦଳର ସଙ୍ଗଠନକୁ ମୟୂରଭଞ୍ଜ ଜିଲ୍ଲାରେ ତୃଣମୂଳସ୍ତରର ଆହୁରି ଅଧିକ ମଜବୁତ କରାଇବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ କରୋନା ମହାମାରୀ ସମୟରେ ନିଜ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସାଙ୍ଗକୁ କୋଭିଡ଼-୧୯ ନିୟମକୁ ପାଳନ କରିବା ନିମନ୍ତେ ଜିଲ୍ଲାବାସୀଙ୍କୁ ମୟୂରଭଞ୍ଜ ଜିଲ୍ଲାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆମ ପରିବାର ମୟୂରଭଞ୍ଜର ଆହ୍ୱାୟକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁଙ୍କ ଆହ୍ୱାୟକତ୍ୱରେ ଅନୁଷ୍ଠିତ ଭର୍ଚ୍ୟୁଆଲ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ଏଥି ସହିତ ଜିଲ୍ଲାର ସାଂସଦ ଓ ସମସ୍ତ ବିଧାୟକ ଏବଂ ଦଳୀୟ ନେତୃମଣ୍ଡଳୀମାନଙ୍କ ସହ ଆଲୋଚନା କରି ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ବିଶେଷ ଭାବେ ଧ୍ୟାନ ଦେବେ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ମଲ୍ଲିକ, ନିକୁଞ୍ଜ ପଟ୍ଟନାୟକ, ନିଶିକାନ୍ତ ନାୟକ, ଦେବାଶିଷ ନାୟକ, ମୌସୁମୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ନିଜ ନିଜ ମତ ଉପସ୍ଥାପନ କରାଇବା ସହ ଆମ ପରିବାର ଓଡ଼ିଶାର ମୂଳଦୁଆ ଉପରେ ଆଲୋଚନା କରିଥିଲେ । ଉକ୍ତ ଭର୍ଚ୍ୟୁଆଲ ବୈଠକରେ ମୟୂରଭଞ୍ଜ ମହାରାଜା ତଥା ପୂର୍ବତନ ବିଧାୟକ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛୋଟେଲାଲ ମହନ୍ତ, ଜବି ବିଷ୍ଣୁ ଶତପଥୀ, କଇଞ୍ଜିଆରୁ ଆଇନଜୀବୀ ମଦନ ମହନ୍ତ, ଉଦଳାର ପୂର୍ବତନ ଚେୟାରମ୍ୟାନ ସୌଭାଗ୍ୟ ସାହୁ, ପୂର୍ବତନ କାଉନସିଲର ଲକ୍ଷ୍ମୀଧର ହାବୁଡ଼ା, ଶୋଭାବତୀ ଓଡ଼ା, ସୁଚି ମହାନ୍ତି, ଶୁଭଶ୍ରୀ ବେହେରା, ବିଶ୍ୱଜିତ୍ ସେଠୀ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିବା ବେଳେ ଆଇନଜୀବୀ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆକାଶ ମାର୍ଗରୁ ବାତ୍ୟାଂଚଳ ପରିଦର୍ଶନ ସହ ବିପନ୍ନଙ୍କ ସହ କଥାହେଲେ କେନ୍ଦ୍ରମନ୍ତ୍ରୀ, ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ଏକ ଦୂରଦର୍ଶୀ ବିସ୍ତୃତ ଯୋଜନାର ଆବଶ୍ୟକତା ରହିଛି :ଧର୍ମେନ୍ଦ୍ର ପ୍ରଧାନ

ଭଦ୍ରକ : ସାମୁଦ୍ରିକ ବାତ୍ୟା ୟାସ୍ ଦ୍ୱାରା ପ୍ରଭାବିତ ଅଂଚଳରେ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ଏକ ଦୂରଦର୍ଶୀ ବିସ୍ତୃତ ଯୋଜନାର ଆବଶ୍ୟକତା ରହିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି ହେଲିକେପ୍ଟର ଯୋଗେ ଆକାଶ ମାର୍ଗରୁ ବାତ୍ୟା ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଭଦ୍ରକ ଜିଲାର ବାସୁଦେବପୁର, ଚାନ୍ଦବାଲି ଏବଂ ଧାମରା ଅଂଚଳ ପରିଦର୍ଶନ ସହ ବର୍ତମାନର ସ୍ଥିତି ଅନୁଧାନ ଏବଂ ବିପନ୍ନଙ୍କ ସହ କଥା ହେବା ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ ଏହା ପ୍ରକାଶ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ଉକ୍ତ ଅଂଚଳକୁ ଆକାଶ ମାର୍ଗରୁ ସ୍ଥିତି ପରଖିବା ପରେ ଧାମରା ବନ୍ଦରସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିଥିଲେ । ପରେ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଭଦ୍ରକ ଜିଲାର ଦୋସିଙ୍ଗା ଗ୍ରାମପ ାୟତର ସମିପାଟିଆ, ଓରାମାଳ ଓ ଜାଗୁଳା ଗ୍ରାମପଂଚାୟତର ପାଇକସାହି ଓ ଧାମରା ଗ୍ରାମପ ାୟତର ଝାଡକାଟି ସମେତ ଅନେକ ଗାଁ ପ୍ରତ୍ୟେକ୍ଷ ଭାବେ ବୁଲି ଦେଖିବା ସହ ବାତ୍ୟା ବିପନ୍ନଙ୍କ ପରିସ୍ଥିତି ସଂପର୍କରେ ବୁଝିଥିଲେ । ଏହାପରେ ସେ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ସାମୁଦ୍ରିକ ବାତ୍ୟା ୟାସ୍‌ର ସିଧାସଳଖ ପ୍ରଭାବ ଜିଲା ଉପରେ ପଡିଥିବାବେଳେ ଦୁଇଦିନ ତଳେ ଆକାଶ ମାର୍ଗରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭଦ୍ରକ ଜିଲା ସମେତ ଅନ୍ୟ ବାତ୍ୟା ପ୍ରଭାବିତ ଅଂଚଳକୁ ପରିଦର୍ଶନ କରିଥିବାର କହିଥିଲେ । ଲୋକମାନଙ୍କ ସହ କଥାହେବା କାଳରେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅବଗତ କରି ସେମାନେ ଏବେ ପାଣିଘେରରେ ବନ୍ଦୀ ଜୀବନ ଯାପନ ସହ ଦୁଃଖକଷ୍ଟରେ ରହୁଥିବାବେଳେ ଅନେକ ଚାଷଜମି ନଷ୍ଟ ହେଉଥିବାର ସେ ଦେଖିଥିଲେ । ତେବେ ପ୍ରଭାବିତ ଗ୍ରାମା ଳରେ ଅଧିକ କଲଭର୍ଟ ତିଆରି କରାଗଲେ ପାଣିର ଶୀଘ୍ର ନିଷ୍କାସନ ହୋଇପାରିବ ଏବଂ ସ୍ଥାୟୀ ଭାବରେ ଲୋକମାନେ ଜଳବନ୍ଦୀରେ ରହିବେ ନାହିଁ ବୋଲି ସେ କହିଛନ୍ତି । ଏହି ଅଂଚଳରେ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ଏକ ଯେଉଁ ଦୂରଦର୍ଶୀ ବିସ୍ତୃତ ଯୋଜନାର ଆବଶ୍ୟକତା ରହିଛି, ତାହାର କାର୍ଯ୍ୟକାରୀ ଦିଗରେ ସେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ପ୍ରଭାବିତ ଅଂଚଳ ଗସ୍ତ ଅବସରରେ ଶ୍ରୀ ପ୍ରଧାନ ବାତ୍ୟା ପ୍ରଭାବିତ ଲୋକଙ୍କୁ ରନ୍ଧା ଖାଦ୍ୟ ପରଶିବା ସହ ପଲିଥିନ୍, ରିଲିଫ୍ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଥିଲେ । ତାଙ୍କର ଏହି ଗସ୍ତ କାଳରେ ତାଙ୍କ ସହ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବିରୋଧୀ ଦଳ ଉପନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ, ଭଦ୍ରକ ସଂସଦୀୟ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ପୂର୍ବତନ ସଭାପତି ବଦ୍ରୀ ନାରାୟଣ ଧଳ, ଭଦ୍ରକ ବିଧାନସଭା ପ୍ରାର୍ଥୀ ଡାକ୍ତର ପ୍ରଦୀପ ନାୟକ, ଜିଲା ସଭାପତି ହେମନ୍ତ ପାଢୀ, ଯୁମମୋର୍ଚ୍ଚା ରାଜ୍ୟ ସଂଯୋଜକ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଂଟିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଜବରଦଖଲ ଯୋଗୁଁ ଭଦ୍ରକ ସହରରେ ସ୍ୱେରେଜ ଅବସ୍ଥା ବିପନ୍ନ, ଡାହାଣୀଗଡିଆ ପୋଲମୁହଁରେ ପେଟ୍ରୋଲ ପମ୍ପ ନିର୍ମାଣ କାହା ସ୍ୱାର୍ଥରେ !, ଦୁଇଅସରା ଲଗାଣ ବର୍ଷାରେ ପୌରବାସୀ ଜଳବନ୍ଦୀ

ଭଦ୍ରକ : ଭଦ୍ରକ ଜିଲାର କେତେକ ନ୍ୟସ୍ତ ସ୍ୱାର୍ଥ ସଂପନ୍ନ ରାଜନୈତିକ ବ୍ୟକ୍ତି ବିଶେଷ, ପ୍ରଶାସନିକ ଅଧିକାରୀ ଏବଂ ପ୍ରଭାବଶାଳୀ ଜବରଦଖଲକାରୀଙ୍କ ହୀନ ଉଦ୍ୟମ ଫଳରେ ଭଦ୍ରକ ସହରରୁ ବର୍ଷା ଓ ବନ୍ୟାଜଳରୁ ଉଦ୍ଧାର କରିବା ଲକ୍ଷ୍ୟରେ ବ୍ରିଟିଶ୍ ଶାସନ ସମୟରୁ ନିର୍ମିତ ହୋଇଥିବା ସ୍ୱେରେଜ ବ୍ୟବସ୍ଥାର ବିପର୍ଯ୍ୟସ୍ତ ପୌରବାସୀଙ୍କ ଆତଙ୍କର କାରଣ ହୋଇଚାଲିଛି । ଗତ ୧୯୯୯ମସିହା ମହାବାତ୍ୟା ଓ ବନ୍ୟାର ଘନଘଟା ଏବେ ଲୋକଙ୍କ ମନରୁ ଲିଭିନଥିବାବେଳେ ଏଥିରୁ ଉଦ୍ଧାର ପାଇବା ପାଇଁ ଦୀର୍ଘ ୨୫ବର୍ଷ ତଳୁ ପ୍ରସ୍ତୁତ ହୋଇଥିବା 'ମାଷ୍ଟର ପ୍ଲାନ୍'ର ସଦୁପଯୋଗ ଦିଗରେ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଏବେ ଦୁଇ ତିନି ଦିନର ସାମାନ୍ୟ ବର୍ଷାରେ ସେହି କାଳରାତ୍ରୀର ଘଟଣାକୁ ଦୋହରାଉଛି । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭଦ୍ରକ ସହର ଏକ ଖାଲୁଅ ଅଂଚଳ ଅଟେ । ସାଳନ୍ଦୀ ନଦୀ ଏହାକୁ ଭାଗଭାଗ କରି ରଖିଛି । ଯାହା ଜଣାଯାଏ, ସାଳନ୍ଦୀ ନଦୀର ବାହାରିଥିବା ନାଳକୂଳ ନାଳ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟଭଗ ଦେଇ ଛ'ପୋଲିଆ ନାଳରେ ମିଶିଥିଲେ ମଧ୍ୟ ଏବେ ୧୬ନଂ ଜାତୀୟ ରାଜପଥର ପୋଲ ମୁହଁରେ ଜନୈକ ପ୍ରଭାବଶାଳୀ ବ୍ୟକ୍ତି ନିଜର ପେଟ୍ରୋଲ ପମ୍ପ ନିର୍ମାଣ ପାଇଁ ପାଚେରୀ ଘେରାଇ ତାହା ନିଜ ଦଖଲକୁ ନେଇଛନ୍ତି । ଉକ୍ତ ଜଳଜମି କିଭଳି ତହସିଲରେ ତାଙ୍କ ଅଧୀନକୁ ଗଲା ଓ ଟାଉନ୍ ପ୍ଲାନିଂ କର୍ତୃପକ୍ଷ କିଭଳି ତାହାକୁ ମଂଜୁରି ଦେଇଛନ୍ତି, ତାହା ତଦନ୍ତ ସାପେକ୍ଷ । ଉପରୋକ୍ତ କାରଣମାନ ଯୋଗୁଁ ଭଦ୍ରକ ସହରରେ ୨/୩ଦିନର ଲଗାଣ ବର୍ଷାରେ ଜିଲାର ମୁଖ୍ୟସ୍ଥଳୀ ରୂପେ ପରିଚିତ କଚେରୀବଜାର, ବଙ୍କସାହି, ଅପର୍ତିବିନ୍ଧା, ଜଗନ୍ନାଥପୁର, ନରିପୁର, ନୂଆବଜାର, ଟାଉନଥାନା, ମୁଖ୍ୟଚିକିତ୍ସାଳୟ, ଗାନ୍ଧୀପଡ଼ିଆ, ଭଦ୍ରକ ସ୍ୱୟଂଶାସିତ କଲେଜ ସରକାରୀ ଉଚ୍ଚବାଳିକା ବିଦ୍ୟାଳୟ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ କୋର୍ଟ. ବ୍ଲକ୍, ପୌରକାର୍ଯ୍ୟାଳୟ, ଏସ୍‌ପିଙ୍କ ଅଫିସ୍, ଏବଂ ସମସ୍ତ ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ଜଳ ଘେରରେ ରହିଯାଉଛି । ଉପରୋକ୍ତ ମନୁଷ୍ୟକୃତ ଦୁର୍ବିପାକରୁ ମୁକ୍ତିପାଇଁ ଅତୀତରୁ ଏପର୍ଯ୍ୟନ୍ତ ବହୁ ବ୍ୟକ୍ତିବିଶେଷ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ତେବେ ବର୍ତମାନର ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଭଦ୍ରକ ସହରକୁ ଏକ ସ୍ମାର୍ଟ ସିଟିର ପରିକଳ୍ପନା ଦିଗରେ ବହୁ ବିକାଶ ମୂଳକ କାର୍ଯ୍ୟ କରିଆସୁଥିବାବେଳେ ୧୬ନଂ ଜାତୀୟ ରାଜପଥ ଡାହାଣୀଗଡିଆ ପୋଲର ପୂର୍ବ ପାର୍ଶ୍ୱରେ ସଂପୃକ୍ତ ପ୍ରଭାବଶାଳୀ ବ୍ୟକ୍ତି ଯେଉଁଭଳି ଭାବେ ନିଜର ପେଟ୍ରୋଲ ପମ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି, ତାହା ବନ୍ଦ କରାନଗଲେ ଏବେ ୟାସ୍ ବାତ୍ୟା ଜନିତ ବର୍ଷାରେ ମୋଟେଲ ଛକରୁ ଚରମ୍ପା ପର୍ଯ୍ୟନ୍ତ ସମଗ୍ର ଅଂଚଳ ଯେଭଳି ଜଳାର୍ଣ୍ଣବ ହୋଇପଡିଲା, ତାହାର ପୁନରାବୃତି ଘଟି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । ବିଶେଷକରି ବର୍ତମାନର ୧୬ନଂ ଜାତୀୟ ରାଜପଥକୁ ୬ ଲେନ୍ କରିବା ପାଇଁ ପ୍ରଶସ୍ତିକରଣ କାର୍ଯ୍ୟ ଚାଲୁ ରହିଛି । ଏପରିସ୍ଥଳେ ଡାହାଣୀଗଡିଆ ନିକଟରେ ପୂର୍ବରୁ ଜାତୀୟ ରାଜପଥ ଉପରେ ପୌରା ଳର ଏକ ବିଶାଳ ଅଂଚଳର ଜଳ ନିଷ୍କାସନ ପାଇଁ ଦୁଇଟି ପୋଲ ଥିବାବେଳେ ଏବେ ସେଠାରେ ରାଜପଥ ପ୍ରଶସ୍ତିକରଣ ପ୍ରକଳ୍ପରେ ଆଉ ୨ଟି ପୋଲ ନିର୍ମାଣ ଚାଲିଛି । ଏହି ପୋଲ ଦେଇ ଭଦ୍ରକ ପୌରା ଳ ସମେତ ବହୁ ପଂଚାୟତର ଜଳରାଶି ଛପୁଲିଆ ନିକଟରେ ପହ୍ ସାଳନ୍ଦୀ ଓ ଅନ୍ୟ କେତେକ ନଦୀକୁ ପ୍ରବାହିତ ହୋଇଥାଏ । ମାତ୍ର ଏବେ ଉକ୍ତ ଜଳ ନିଷ୍କାସନ ପଥ ସମ୍ମୁଖରେ ଉକ୍ତ ବ୍ୟକ୍ତିଙ୍କର ପେଟ୍ରୋଲ ପମ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି । ଏହି କାର୍ଯ୍ୟ ବେଆଇନ୍ କିମ୍ବା ଅନୁମତି ପରେ ଚାଲିଛି, ତାହା ସ୍ପଷ୍ଟ ହୋଇନାହିଁ । ଯଦିବି ଅନୁମତି ମିଳିଥାଏ, ତେବେ ଉକ୍ତ ନିର୍ମାଣ ପାଇଁ ଟାଉନ୍ ପ୍ଲାନିଂ ବିଭାଗ କିଭଳି ମଂଜୁର ଦେଇଛି, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । କାରଣ ଏହି ନିର୍ମାଣ ଯୋଗୁଁ ବର୍ଷାଜଳ ନିଷ୍କାସନରେ ପ୍ରତିବନ୍ଧକ ସୃଷ୍ଟି ହୋଇ ଏକ ବିଶାଳ ଅଂଚଳ ୟାସ୍ ଜନିତ ବନ୍ୟାରେ ବୁଡିଗଲା । ଗତ ୧୯୯୯ ମହାବାତ୍ୟା ସମୟରେ ସମଗ୍ର ପୌରା ଳ ଉବୁଟୁବୁ ହେଉଥିବାବେଳେ ଏହି ପଥ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିଲା । ଏଣୁ ଜିଲା ପ୍ରଶାସନର ରାଜସ୍ୱ ବିଭାଗର ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜନୈତିକ ନେତୃମଣ୍ଡଳୀ ପର୍ଯ୍ୟନ୍ତ ଏ ଦିଗରେ ସମସ୍ତେ ଚୁପ୍ ହୋଇ ବସିବା ନିଶ୍ଚିତ ଭାବେ ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ପ୍ରକାର ପ୍ରୋତ୍ସାହନ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏଣୁ ଏବେ ଏ ଦିଗରେ ଜିଲା ପ୍ରଶାସନ ଓ ଜନନେତାଙ୍କ ନିଦ ନଭାଙ୍ଗିଲେ ଭଦ୍ରକ ସହରକୁ ବିଧାୟକ ସ୍ମାର୍ଟ ସିଟି ଗଢିବାର ଯେଉଁ ପରିକଳ୍ପନା କରୁଛନ୍ତି, ତାହା କେବଳ ଦିବାସ୍ୱପ୍ନ ହୋଇ ରହିଯିବ । ଏଣୁ ଭଦ୍ରକ ଭଳି ଏକ ପୁରାତନ ସହର ଓ ସହରବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସଂପୃକ୍ତ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଭାଗ, ପୌରପାଳିକା, ରାଜନୈତିକ ବ୍ୟକ୍ତିବିଶେଷ, ଜିଲାପ୍ରଶାସନ ଏବଂ ସର୍ବୋପରି ଜବର ଦଖଲକାରୀମାନେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗୀ ମନୋଭାବ ନେଇ ପୋତି ହୋଇପଡ଼ିଥିବା ନାଳ, ନୟନଜୋରୀ, ସ୍ଲୁଇସ୍ ଗେଟ୍ ଓ ଦୁର୍ବଳ ନଦୀବନ୍ଧର ପୁନଃରୁଦ୍ଧାର ଦିଗରେ ସଚେତନ ନହେଲେ ଆଗାମୀ ଦିନରେ ଯେଉଁ ମନୁଷ୍ୟକୃତ ବିପର୍ଯ୍ୟୟ ସୃଷ୍ଟି ହେବ, ସେଥିପାଇଁ ଭବିଷ୍ୟତ ବଂଶଧରମାନେ ସେମାନଙ୍କୁ କ୍ଷମା ଦେବେ ନାହିଁ ।

ସେମାନେ ଯାହା କୁହନ୍ତି ...


ଗଦାଧର ବଳ (ବରିଷ୍ଠ ଆଇନ୍‌ଜୀବୀ) – ସହରା ଳରେ ନିଷ୍କାସନ ନାଳକୁ ଅବରୋଧ କରି ନିଜ ଜବରଦଖଲକୁ ନେବା କେତେକ ପ୍ରଭାବଶାଳୀ ସହରବାସୀଙ୍କ ମାନିଆ ହୋଇଯାଇଛି । ସମସ୍ତ ଆଇନ୍ କାନୁନ୍‌କୁ ଦଳି ଚକଟି ନିଜ ସ୍ୱାର୍ଥ ପାଇଁ ସାମୂହିକ ସ୍ୱାର୍ଥକୁ ସେମାନେ ଭୁଲି ଯାଉଛନ୍ତି । ତାହାର ପରିଣାମ ସାମାନ୍ୟ ବର୍ଷାରେ ଭଦ୍ରକ ସହର କୃତ୍ରିମ ବନ୍ୟାରେ ଉବୁଟୁବୁ ହେବା । ଏଥିରେ ପ୍ରଶାସନିକ ଉଦାସୀନତା ବା ପରୋକ୍ଷରେ ସହାୟତା ପ୍ରମୁଖ କାରଣ । ଭଦ୍ରକ ପରି ବିନା ପ୍ଲାନିଂ ସହର ସବୁ ସାମାନ୍ୟ ବର୍ଷାରେ ସମ୍ମୁଖୀନ ହେଉଛି । କେବଳ ଅବବାହିକା ନାଳ ନୁହଁ, ବରଂ ଭଦ୍ରକର ଜୀବନରେଖା ସାଳନ୍ଦୀ ନଦୀ ବି ସେମିତି ଅବରୋଧର ସମ୍ମୁଖୀନ । ୧୯୯୯ ମସିହାର ସମସ୍ତ ବନ୍ୟାଜଳ ଛପୁଲିଆ ଦେଇ ପାସ୍ କରିଥିଲା । କିନ୍ତୁ ପ୍ରଶାସନ ସେ କଥାକୁ ଭୁଲିଯାଇଛି ବୋଧେ । ସେହି ଛପୁଲିଆ ନାଳ ଅବରୋଧ ହେଲେ ଭଦ୍ରକ ଜିଲାର ଉପର ମୁଣ୍ଡ ନିଶ୍ଚିତ ଅଦିନିଆ ବନ୍ୟାରେ ପ୍ରଭାବିତ ହେବ । ଏଥିରେ ଦ୍ୱିମତ ହେବାର ନାହିଁ । ନୂଆବସ୍‌ଷ୍ଟାଣ୍ଡ ନିକଟ ଡାହାଣୀଗଡିଆ ପୋଲ ମୁହଁରେ ଯେଉଁ ବ୍ୟବସାୟୀ ଜଣକ ଜବରଦଖଲ ଆରମ୍ଭ କରିଛନ୍ତି, ତାକୁ ଯଦି ପ୍ରଶାସନ ଭୟ କରୁଥାଏ, ତେବେ ଏହାକୁ ଦୁର୍ଭାଗ୍ୟ କୁହାଯିବ ।

ନବକ୍ରିଷ୍ଣ ଜେନା (ତହସିଲଦାର, ଭଦ୍ରକ) – ଏହି ଅବରୋଧ ସଂପର୍କରେ ମୋ ପାଖରେ ଅଭିଯୋଗ ପହ୍ ନାହିଁ । ତେବେ ଏବେ ମୁଁ ଏହା ଜାଣିବା ପରେ ନିଶ୍ଚିତ ଭାବେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି । ମାତ୍ର ଭଦ୍ରକ ଭଳି ଏକ ସହରକୁ ସରସ, ସୁନ୍ଦର କରିବାକୁ ହେଲେ ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଏହାର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ ଦିଗରେ ସହଯୋଗ କଲେ ନିଶ୍ଚିତ ଭାବେ ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହେଉଥିବା ମନୁଷ୍ୟାକୃତ ବନ୍ୟାର ଅନ୍ତଃ ଘଟିବ ।

ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ (ବିଶିଷ୍ଟ ପ୍ରବଚକ ଓ ବୁଦ୍ଧିଜୀବୀ) – ଭଦ୍ରକ ଭଳି ଏକ ଐତିହ୍ୟପୂର୍ଣ୍ଣ ସହରକୁ ମନୁଷ୍ୟକୃତ ବନ୍ୟା କବଳରୁ ରକ୍ଷା କରିବାକୁ ହେଲେ ପ୍ରଥମେ ଜନସାଧାରଣଙ୍କ ସଚେତନତାର ଆବଶ୍ୟକତା ରହିଛି । ଦ୍ୱିତୀୟରେ ବ୍ରିଟିଶ ସମୟରୁ ରହିଥିବା ସ୍ୱେରେଜ ବ୍ୟବସ୍ଥାର ପୁନରୁଦ୍ଧାର ସହ ଏବେ ଡାହାଣୀଗଡିଆ ଓ ଛପୁଲିଆ ପୋଲ ନିକଟରେ କେତେକ ଅସାଧୁ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଜବରଦଖଲକୁ ଉଚ୍ଛେଦ କରାନଗଲେ ଆଗାମୀ ଦିନରେ ଗବସାହି ଠାରୁ ଚରମ୍ପା ପର୍ଯ୍ୟନ୍ତ ସମସ୍ତ ଅଂଚଳ ନିଶ୍ଚିତ ଭାବେ ଜଳାର୍ଣ୍ଣବ ହେବ । ବିଶେଷକରି ଏ ଦିଗରେ ଟାଉନ୍ ପ୍ଲାନିଂ କର୍ତୃପକ୍ଷଙ୍କ ଢିଲାପଣିଆ ଦାୟୀ । ଏତଦ୍‌ବ୍ୟତୀତ ଜିଲା ପ୍ରଶାସନ ଓ ରାଜନେତାଙ୍କ ଇଚ୍ଛାଶକ୍ତିର ଅଭାବ ବି ଏଭଳି ଅବରୋଧ ମୂଳରେ ରହିଛି ।

# ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ ଘଟଣା, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଓ ପ୍ରମୁଖ ଶକ୍ତି ସଚିବଙ୍କୁ ବ୍ୟକ୍ତିଗତ ହାଜିରା ନୋଟିସ୍

ଭଦ୍ରକ : ଭଦ୍ରକ ଜିଲା ପୁଟିକ୍ରି ଗ୍ରାମପ ାୟତରେ ହୋଇଥିବା ବିଦ୍ୟୁତ୍ ଆଘାତ ଜନିତ ମୃତ୍ୟୁ ଏବଂ ଶାରୀରିକ ଆଘାତ ସଂପର୍କିତ ଏକ ମାମଲାର ବିଚାର କରି ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶା ପୁଲିସ୍ ମହାନିର୍ଦ୍ଦେଶକ ଓ ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ଜୁନ୍ ୮ ତାରିଖ ଦିନ ୧୧ଟା ବେଳେ ବ୍ୟକ୍ତିଗତ ଭାବେ ହାଜରା ହେବା ପାଇଁ ସମନ ଜାରି କରିଛନ୍ତି । ଆୟୋଗ ମୃତ୍ୟୁବରଣ କରିଥିବା ସାନ୍ତନୁ ବିଶ୍ୱାଳଙ୍କ ପରିବାର ବର୍ଗଙ୍କୁ କ୍ଷତିପୂରଣ ବାବଦ ୩ ଲକ୍ଷ ଏବଂ ଆହତ କେଦାର ବାରିକଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ କ ବ୍ୟରେ ଅବହେଳା ପାଇଁ ନେସ୍କୋର ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଫୌଜଦାରୀ ମାମଲା ରୁଜୁ ହୋଇଥିବା ସଂପର୍କିତ ନଥିପତ୍ରର ତଲବ କରିଛନ୍ତି । ଉଚ୍ଚତମ ନ୍ୟାୟାଳୟର ଆଇନ୍‌ଜୀବୀ ତଥା ବିଶିଷ୍ଟ ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଆଗତ ମାମଲାର ଶୁଣାଣି କରି ଆୟୋଗ ଉକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ବିଦ୍ୟୁତ୍ ବିଭାଗର ଖାମଖିଆଲି ମନୋବୃତି ଯୋଗୁଁ ଜଣେ ଲୋକ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ପଡିଥିବାବେଳେ କେହି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିନଥିଲେ । ଆୟୋଗଙ୍କର ତଦନ୍ତ ସମୟରେ ନେସ୍କୋ ତରଫରୁ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ ସମୟୋପଯୋଗୀ ରକ୍ଷଣାବେକ୍ଷଣର ଅଭାବ ଏବଂ କର୍ମଚାରୀମାନଙ୍କର ଦାୟିତ୍ୱହୀନତା ପାଇଁ ଜୀବନ୍ତ ୧୧ କେଭି ତାର ଛିଡିଯାଇ ଭୂମିସ୍ପର୍ଶ କରିଥିଲା । ଯାହା ମୃତ୍ୟୁର କାରଣ ହୋଇଥିଲା । ମୃତ୍ୟୁବରଣ କରିଥିବା ଲୋକର ପରିବାରକୁ ୧୭ ହଜାର ଟଙ୍କାର କ୍ଷତିପୂରଣ ଦିଆଯାଇଥିବାବେଳେ ଗୁରୁତର ଆଘାତପ୍ରାପ୍ତଙ୍କୁ କୌଣସି ସାହାଯ୍ୟ କରାଯାଇନଥିଲା । ମାନବାଧିକାର ଆଇନ୍ ୧୯୯୩ ଧାରା ୧୮ ଅନୁଯାୟୀ ଆୟୋଗ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ମୃତ ବ୍ୟକ୍ତି ଓ ଗୁରୁତର ଆହତଙ୍କୁ ଯଥାକ୍ରମେ ୩ ଲକ୍ଷ ଓ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ଅନ୍ୟପକ୍ଷରେ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି , ସେ ସଂପର୍କିତ ରିପୋର୍ଟ ପ୍ରଦାନ କରିବା ପାଇଁ ପୁଲିସ୍ ମହାନିର୍ଦ୍ଦେଶକ ଓ ଶକ୍ତି ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆୟୋଗଙ୍କ କାରଣ ଦର୍ଶାଅ ନୋଟିସ୍‌ର କୌଣସି ସନ୍ତୋଷ ଜନକ ଉ ର ନମିଳିବାରୁ ଉପରୋକ୍ତ ବ୍ୟକ୍ତିଗତ ହାଜରା ପାଇଁ ନୋଟିସ୍ ଜାରି ହେବା ସହିତ ଆନୁସଙ୍ଗିକ ରିପୋର୍ଟ ତଲବ କରାଯାଇଛି । ଏଠାରେ ସୂଚନାଯୋଗ୍ୟ ଚଳିତବର୍ଷ ଆସିଥିବା ବାତ୍ୟା ୟାସ୍‌ରେ ପଂଚୁଟିକ୍ରୀ ଗ୍ରାମପଂଚାୟତର ବିଶେଷ ଭାବେ କ୍ଷତି ହୋଇଛି । ଶ୍ରୀ ତ୍ରିପାଠୀଙ୍କ ମତରେ ଦୁଇ ବିଭାଗ ସଜାଗ ରହି ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ରଖିଲେ ଧନଜୀବନର ସୁରକ୍ଷା ହୋଇପାରିବ ।




# ଧୂମପାନ ଓ ଲିଭର୍ ସମସ୍ୟା



ମାତ୍ର କେଇ କ୍ଷଣିକର ଆନନ୍ଦ। ହେଲେ ତା' ପରେ... ସେହି ଧୂଆଁରେ ଧୂଆଁ ହୋଇଯାଉଛି ଲକ୍ଷ ଲକ୍ଷ ଜୀବନ। ଧ୍ୱଂସ ହେଉଛି ମାନବ ସମ୍ବଳ। ଦୋହଲିଯାଉଛି ପରବାରର ଅର୍ଥନୈତିକ ସ୍ଥିତି। ପଇସା ଦେଇ କିଣୁଛେ ରୋଗ। ଝାଳବୁହା ଧନକୁ ଅଜାଡ଼ି ଦେଉଛେ ପାନ ଦେକାନ ଆଉ ଡାକ୍ତରଖାନାରେ। ସୁନ୍ଦର ଭବିଷ୍ୟତକୁ ଠେଲିଦେଉଛେ ଅନ୍ଧାରର ଅତଳଗୁହା ଭିତରକୁ। ଏହା ଏବେ ଆଉ ନାହିଁ ଘରଣୀର ମୁଣ୍ଡବ୍ୟଥା ହୋଇ, ବ୍ୟାପିଛି ସମଗ୍ର ବିଶ୍ୱକୁ। ଯାହାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ମାର୍ଚ୍ଚ ମାସ ୪ ତାରିଖକୁ ବିଶ୍ୱ ତମାଖୁ ଦିବସ ନିରୋଧ ଦିବସ ରୂପେ ପାଳନ କରାଯାଉଛି। ସର୍ବସାଧାରଣ ସ୍ଥାନ ତଥା ଶିକ୍ଷାନୁଷ୍ଠାନଗୁଡ଼ିକ ନିକଟରେ ଧୂମପାନ ନିଷେଧ ବୋଲି ସରକାର ନିୟମ କରିଥିଲେ। ୨୦୦୮ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଲାଗୁ ହେଲା ଧୂମପାନ ନିଷେଧ ନିୟମ। ସର୍ବସାଧାରଣ ସ୍ଥାନରେ କେହି ବି ଧୂମପାନ କରି ପାରିବେ ନାହିଁ। ସର୍ବସାଧାରଣ ସ୍ଥାନ କହିଲେ ବସ୍‌ଷ୍ଟାଣ୍ଡ, ହୋଟେଲ, ପ୍ରେକ୍ଷାଳୟ, ସପିଙ୍ଗ ମଲ୍, ରେଳ ଷ୍ଟେସନ୍, ସରକାରୀ କାର୍ଯ୍ୟାଳୟ ପରିସର ଇତ୍ୟାଦି। ଯଦି କେହି ଧୂମପାନ କରୁଥିବା ଜଣାପଡ଼େ, ତେବେ ଆଇନତଃ ୨୦୦ ଟଙ୍କାର ଜରିମାନା ଦେବେ। ଶିକ୍ଷାନୁଷ୍ଠାନ ଓ ମନ୍ଦିର ନିକଟରୁ ୧୦୦ ମିଟର ଦୂରରେ କୌଣସି ତମ୍ବାଖୁ ଦୋକାନ ରହିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଗଲା। ନୂଆ ନୂଆ କିଛି ଦିନ କଡ଼ାକଡ଼ି ଭାବେ ଏହି ନିୟମ ପାଳନ ହେଲା। ରାଜଧାନୀର ବିଭିନ୍ନ ସ୍ଥାନରେ ଥିବା ତମାଖୁ ଦୋକାନ ଉପରେ କମିଶନରେଟ ପୁଲିସ ପକ୍ଷରୁ ଚଢ଼ଉ ମଧ୍ୟ କରାଗଲା। ତମାଖୁ ସେବନ କରିବା କେତେ ଯେ ଭୟଙ୍କର ତାହା ତମାଖୁ ସେବନ କରି ମୃତ୍ୟୁ ବରଣ କରୁଥିବା ପରିସଂଖ୍ୟାନରୁ ଜଣାପଡ଼େ। ସମଗ୍ର ବିଶ୍ୱରେ ୮ ଲକ୍ଷରୁ ଉର୍ଦ୍ଧ୍ୱ ତମାଖୁ ସେବନ କରି ମୁଖ ଗହ୍ୱର କର୍କଟ ରୋଗରେ ରୋଗାକ୍ରାନ୍ତ ହେଉଥିବା ବେଳେ ଦିନକୁ ୨,୨୨୦ ଜଣ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଏବେ ଠାରୁ ଯଦି ତମାଖୁ ସେବନ ଉପରେ ବିଶ୍ୱରେ ଏହାର ସଂଖ୍ୟା ଯଥେଷ୍ଟ ବଢ଼ିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି। ଧୂମପାନ ସେବନରେ ମୁଖଗହ୍ୱର, ହୃତ୍‌ପିଣ୍ଡ, ଯକୃତ, ଫୁସ୍‌ଫୁସ୍, ଅଗ୍ନ୍ୟାଶୟ ଓ ଖାଦ୍ୟନଳୀ ଇତ୍ୟାଦି ଶରୀରର ଅଂଶଗୁଡ଼ିକ ରୋଗାକ୍ରାନ୍ତ ହୁଅନ୍ତି। ଉଚ୍ଚରକ୍ତଚାପ, ହୃଦ୍‌ଘାତ, ପକ୍ଷାଘାତ, ଫୁସ୍‌ଫୁସ୍ କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର, ସ୍ୱରନଳୀର କ୍ୟାନସର ଓ ଅଗ୍ନ୍ୟାଶୟର କ୍ୟାନସର ଇତ୍ୟାଦି ଧୂମପାନ ସେବନ ଯୋଗୁଁ ହୋଇଥାଏ। ବେଶୀ ସଂଖ୍ୟାରେ ଅଧିକ ବର୍ଷ ଧୂମପାନ କଲେ ଏହି ରୋଗ ସବୁ ଦେଖାଯାଏ। ଯେଉଁମାନେ ଧୂମପାନ କରୁନାହାଁନ୍ତି କିନ୍ତୁ ପରିବେଶରେ ଧୂମପାନ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଯାହାକୁ କି ଦ୍ୱିତୀୟ ସ୍ତରର ଧୂମପାନ କୁହନ୍ତି ତାହାମଧ୍ୟ ଶରୀର ପକ୍ଷେ କ୍ଷତିକାରକ। ଦ୍ୱିତୀୟସ୍ତର ଧୂମପାନ ହେଉଛି ସିଗାରେଟ୍‌ର ଧୂଆଁ ଓ ମନୁଷ୍ୟର ନିଃଶ୍ୱାସରେ ଛାଡୁଥିବା ଧୂଆଁର ମିଶ୍ରଣ। ଗର୍ଭବତୀ ମହିଳାମାନେ ଏହି ଦ୍ୱିତୀୟ ସ୍ତରର ଧୂମପାନ ଦ୍ୱାରା ବିଶେଷ ଭାବେ ଆକ୍ରାନ୍ତ ହୁଅନ୍ତି ଓ ଶିଶୁ ମୃତ୍ୟୁର ହାର ମଧ୍ୟ ତିନିଗୁଣ ବୃଦ୍ଧି ପ୍ରାପ୍ତ ହୁଏ। ଧୂମପାନ ଦ୍ୱାରା ମନୁଷ୍ୟର ଆୟୁଶ ମଧ୍ୟ ଦଶ ପନ୍ଦର ବର୍ଷ କମିଯାଏ। ରକ୍ତ କ୍ୟାନସର, ଯକୃତ୍ କ୍ୟାନସର, ବୃହଦ୍‌ନ୍ତ୍ର କ୍ୟାନସର ଓ ପିତ୍ତକୋଷ କ୍ୟାନସରର ସଂଖ୍ୟା ଧୂମପାନ ବ୍ୟକ୍ତିଙ୍କ ଠାରେ ବେଶୀ ସଂଖ୍ୟାରେ ଦେଖାଯାଏ। ଧୂମପାନ ଦ୍ୱାରା କାର୍ବନ ମନୋକ୍ସାଇଡ, ସାଇନାଇଡ଼ ଓ ବେନ୍‌ଜୋପାଇରିନ୍ ଇତ୍ୟାଦି ରାସାୟନିକ ବସ୍ତୁ ଶରୀରକୁ ପ୍ରବେଶ କରି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରନ୍ତି। ରକ୍ତ ଶୀରା ପ୍ରଶିରା ସଙ୍କୁଚିତ ହୋଇ ବାରଜରସ୍ ରୋଗ ସୃଷ୍ଟି କରେ। ରକ୍ତରେ କୋଲେଷ୍ଟିରଲ୍, ଫିବ୍ରିନୋଜେନ୍ ଇତ୍ୟାଦିର ଅଂଶ ବୃଦ୍ଧି ପାଇ ହୃଦ୍‌ଘାତ ହୁଏ। ହୁକା ସେବନ ମଧ୍ୟ ଧୂମପାନ ଭଳି କ୍ଷତିକାରକ। ଧୂମପାନ ଦ୍ୱାରା ଖାଦ୍ୟନଳୀ ଓ ପେଟରେ ଘାଆ ସୃଷ୍ଟି ହୁଏ। ଇତିହାସ କହେ, ଖ୍ରୀ.ପୂ. ୬୦୦୦ ବର୍ଷ ତଳେ ଆମେରିକାରେ ତମାଖୁ ଚାଷ କରାଯାଉଥିଲା। ୧୪୯୨ ମସିହାରେ କଲମ୍ବସ୍ ଏହି ତମାଖୁକୁ ଇଉରୋପ ନେଇଥିଲେ। ତା' ପରେ ମାତ୍ର ଦେଢ଼ଶହ ବର୍ଷ ଭିତରେ ଏହା ବିଶ୍ୱସାରା ଚରିଯାଇଥିଲା। କେବଳ ଏହାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀରେ ଏହାକୁ ନାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଊନବିଂଶ ଶତାବ୍ଦୀରେ ସିଗାରର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଲା। ବିଂଶ ଶତାବ୍ଦୀ ବେଳକୁ ଏହା ସିଗାରେଟ୍‌ର ରୂପ ନେଇଥିଲା। ଏକବିଂଶ ଶତାବ୍ଦୀ ବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ଲୋକ ଏହାକୁ ସେବନ କରୁଛନ୍ତି। ବର୍ତ୍ତମାନ ଏହାର ବିଭିନ୍ନ ରୂପଗୁଡ଼ିକ ହେଉଛି; ବିଡ଼ି, ସିଗାର, ସିଗାରେଟ, କ୍ରେଟେକ୍ସ, ପାଇପ, ଷ୍ଟିକ୍, ଗୁଟ୍‌ଖା ଇତ୍ୟାଦି। ତମାଖୁର ବ୍ୟାପକ ବ୍ୟବହାର ଯୋଗୁଁ ପ୍ରତିକ୍ଷଣରେ ବଢ଼ିଚାଲିଛି ଅସୁରକ୍ଷିତ ଜୀବନର ପାରଦ। ସମ୍ପ୍ରତି ବିଶ୍ୱରେ ୫୦ କୋଟି ଲୋକ ତମାଖୁ ଯୋଗୁଁ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ବିଶ୍ୱର ୧/୩ ଅଂଶ ଲୋକ ତମାଖୁ ବ୍ୟବହାର କରୁଥିବାରୁ ପ୍ରତିଦିନ ୧୫୦ କୋଟି ସିଗାରେଟ୍ ଓ ଗୁଟ୍‌ଖା ବିକ୍ରି ହେଉଛି। ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ପୃଥିବୀର ପାଞ୍ଚଟି ବୃହତ୍ତମ କମ୍ପାନୀ, ଫିଲିପ୍ସ, ମୋରିସ୍, ବାଟ୍, ଆଲତାରଡ଼ିସ୍, ରିମସ୍ତା ଓ ଜେଟିଆଇ କମ୍ପାନୀଗୁଡ଼ିକ ବାର୍ଷିକ ୧ ଲକ୍ଷ କୋଟି ଡଲାରର ତମାଖୁ ବ୍ୟବସାୟ କରିଥାନ୍ତି। ତମାଖୁରେ ଥିବା ଉପାଦାନଗୁଡ଼ିକୁ ଆମେ ରଙ୍ଗ, ସର୍ପ, ବିଷ, କାର ବ୍ୟାଟେରୀ, କୀଟନାଶକ, ପ୍ଲାଷ୍ଟିକ୍‌ରେ ମଧ୍ୟ ଦେଖିବାକୁ ପାଇବା। ଗୋଟିଏ ସିଗାରେଟ୍ ଟାଣିଲେ ଆମ ଜୀବନର ୭ ମିନିଟ୍ ଆୟୁଷ କମିଥାଏ। ସର୍ବେକ୍ଷଣରୁ ଜଣାଯାଇଛି ଯେ, ଏଡ଼ସ, ନିଷିଦ୍ଧ ନିଶାଦ୍ରବ୍ୟ, ରାସ୍ତା ଦୁର୍ଘଟଣା, ହତ୍ୟା, ଆତ୍ମହତ୍ୟା ଯୋଗୁଁ ବିଶ୍ୱରେ ପ୍ରତିବର୍ଷ ଯେତିକି ଲୋକ ମରୁଛନ୍ତି ତାହାଠାରୁ ଅଧିକ ମୃତ୍ୟୁବରଣ କରୁଛନ୍ତି ତମାଖୁ ସେବନ ଯୋଗୁଁ। ଖାଲି ଯେ ମଣିଷ ମରୁଛନ୍ତି ତାହା ନୁହେଁ ଏହା ଆମର ଅର୍ଥନୀତି ପ୍ରତି ଉପରେ ମଧ୍ୟ ପ୍ରଭାବ ପକାଉଛି। ତମାଖୁ ସେବନକାରୀମାନେ ସେମାନଙ୍କ ଜୀବନର ୩୦ ପ୍ରତିଶତ ଆୟ ତମାଖୁ ବାବଦକୁ ଖର୍ଚ୍ଚ କରିଥାନ୍ତି। ଏତଦ୍‌ବ୍ୟତୀତ ପ୍ରତିବର୍ଷ ଅଧାଜଳା ସିଗାରେଟ୍ ବା ଦିଆସିଲି ଯୋଗୁଁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଅଗ୍ନିକାଣ୍ଡ ହୋଇଥାଏ। ଯାହା ଫଳରେ ବ୍ୟାପକ ଜଙ୍ଗଲ ଓ ଧନଜୀବନ ହାନି ହୋଇଥାଏ। ତମାଖୁ ପକେଟ୍ କଣା କରିବାରେ ଓସ୍ତାଦ। ଯେଉଁଥିପାଇଁ କୁହାଯାଇଛି, ପାନ ବିଡ଼ି ନୁହେଁ ଛୋଟିଆ ନିଶା, ଜଣା ପଡ଼େ ନାହିଁ ଟାଣେ ପଇସା।। ଆସନ୍ତୁ, ଏକ ତମାଖୁମୁକ୍ତ ବିଶ୍ୱର ପରିକଳ୍ପନାକୁ ସାକାର କରିବା!

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ମାର୍ଚ୍ଚ-୨୭ରେ ଶେଷ ହେବ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପଞ୍ଜିକରଣ

ଭୁବନେଶ୍ୱର (ପିଏନ୍)-ଓଡ଼ିଆ ପ୍ରଥା, ପରମ୍ପରା, ଭାଷା, ସଂସ୍କୃତି ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସଂପ୍ରସାରଣ ଉଦ୍ଦେଶ୍ୟରେ 'ସଂଭାବନା' ପକ୍ଷରୁ ଚାଲିଥିବା ଅଭିଯାନ ହେଉଛି, ଓଡ଼ିଆ ମହୋତ୍ସବ। ଷୋଡଶ ବର୍ଷ ପାଇଁ ଉତ୍କଳ ଦିବସ, ଅପ୍ରେଲ-୧ ତାରିଖଠାରୁ ଅପ୍ରେଲ-୧୪ ତାରିଖ ଓଡ଼ିଆ ନୂଆବର୍ଷ, ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ଓ ଏହାର ପ୍ରମୁଖ କାର୍ଯ୍ୟକ୍ରମ ତଥା ମୁଖ୍ୟ ଆକର୍ଷଣ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ମଧ୍ୟ ଷୋଡଶ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ପାଇଁ ନାମ ପଞ୍ଜିକରଣ ୟୁନିଟ୍-୨ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରତିଦିନ ସଂଧ୍ୟା ୬ଘଟିକାଠାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ଆସନ୍ତା ମାର୍ଚ୍ଚ-୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଝୋଟି, ପିଠା, ଶଙ୍ଖଫୁଙ୍କା, ଢଗଢମାଳି, ପାରମ୍ପରିକ ସଂଗୀତ, ପାନଭଙ୍ଗା, ପୁରାଣ ଆବୃତ୍ତି, ମୁରୁଜ, ହୁଳହୁଳି, ଓଡ଼ିଆ ଭାଷାଜ୍ଞାନ ଓ ଓଡ଼ିଆଣୀ ବେଶଭୂଷା ଆଦିକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ଆଗ୍ରହୀ ୨୧ବର୍ଷରୁ ଉର୍ଦ୍ଧ୍ୱ ଓଡ଼ିଆଣୀମାନେ ନିଜର ନାମ ପଞ୍ଜିକରଣ କରିପାରିବେ। ସେହିଭଳି କେବଳ ଓଡ଼ିଆଣୀ ନୁହଁନ୍ତି, ଭବିଷ୍ୟତର ଓଡ଼ିଆମାନଙ୍କୁ ଆମର ଭାଷା, ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ସ୍ୱାଭିମାନ ସହ ପରିଚିତ ତଥା ଅଭ୍ୟସ୍ତ କରାଇବା ପାଇଁ 'ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା' ମଧ୍ୟ ଆୟୋଜିତ ହେଉଛି। ୫ରୁ ୧୦, ୧୧ରୁ ୧୭ ବୟସର ଶିଶୁ-କିଶୋରଙ୍କ ପାଇଁ ଆୟୋଜିତ ଏହି ପ୍ରତିଯୋଗିତା ମଧ୍ୟରେ ଅନ୍ତର୍ଭୁକ୍ତ ଅଛି ଚିତ୍ରାଙ୍କନ, ହସ୍ତାକ୍ଷର, ଶ୍ରୁତଲିଖନ, ଓଡ଼ିଶୀ, ଲଘୁନୃତ୍ୟ, ସୁଗମ ସଂଗୀତ ଆଦି। ବିଶ୍ୱ ପଖାଳ ଦିବସରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗ୍ରହୀମାନେ ତୁରନ୍ତ ଆସି ନାମ ପଞ୍ଜିକରଣ କରି ଓଡିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଉଦ୍ଦିଷ୍ଟ ଏହି ଆନ୍ଦୋଳନକୁ ଆଗେଇ ନେବା ପାଇଁ ସଂଭାବନାର ପରିଚାଳନା ଟ୍ରଷ୍ଟି ଓ ସଂପାଦକ ଦେବପ୍ରସାଦ ପରିଜା, ଟ୍ରଷ୍ଟି ସ୍ମୃତି ମହାନ୍ତି, ଓଡିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ, ସଦସ୍ୟା ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ପ୍ରମୁଖ ଅନୁରୋଧ କରିବା ସହ ଦୂରଭାଷ- ୯୪୩୭୧ ୬୪୪୬୧ରେ ଆବଶ୍ୟକ ହେଲେ ଯୋଗାଯୋଗ କରିବାକୁ ଜଣାଇଛନ୍ତି।

# ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ



ଭୁବନେଶ୍ୱର (ପିଏନ୍): ନିକଟଅତୀତରେ ବିଧାନସଭାରେ ଆଲୋଚନାବେଳେ ବିଭାଗୀୟ ମନ୍ତ୍ରୀ ମହୋଦୟ କହିଛନ୍ତି ଯେ ଓଡ଼ିଶା ଏକ ଖାଉଟି ରାଜ୍ୟ। ବାହାର ରାଜ୍ୟମାନଙ୍କରୁ ଓଡ଼ିଶାକୁ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ ଆସିଥାଏ। କିନ୍ତୁ ଓଡ଼ିଶାରୁ ବାହାରକୁ ସେପରି କିଛି ଖାଉଟି ସାମଗ୍ରୀ ଯାଇନଥାଏ। ଫଳରେ ଖାଉଟି ସାମଗ୍ରୀ ଅନ୍ତର୍ଗତ ମାଛ, ଅଣ୍ଡା, ପନିପରିବା, ଫଳମୂଳ, ଆଳୁ, ପିଆଜ ଇତ୍ୟାଦି ଆନ୍ଧ୍ର, କର୍ଣ୍ଣାଟକ, ଛତିଶଗଡ଼, ଝାରଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ପ୍ରଭୃତିରୁ ଆସିଥାଏ। ସେହିପରି ଭାବରେ ପୋଷାକ ପରିଧାନ, ପ୍ରତିଘରେ ଆବଶ୍ୟକ ହେଉଥିବା ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟାନ୍ୟ ଗୃହୋପକରଣ ବାହାରୁ ଓଡ଼ିଶାକୁ ଆସିଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। କିନ୍ତୁ ସ୍ୱାଧୀନତା ପରେ ପ୍ରାୟ ୭୩ ବର୍ଷ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଓଡ଼ିଶା ଖାଉଟି ରାଜ୍ୟ ହୋଇ ରହିଛି। ଦିନେ ଆମର ପ୍ରତିବେଶୀ ରାଜ୍ୟ ପଶ୍ଚିମବଙ୍ଗ ଓଡ଼ଶାରୁ ମାଛ, ଚାଉଳ, ପନିପରିବା ଇତ୍ୟାଦି ଆମଦାନୀ କରୁଥିଲାବେଳେ ଏବେ ତିନି ଚାରି ଦଶନ୍ଧି ଧରି ସେଠାରୁ ଓଡ଼ିଶାକୁ ପନିପରିବା, ପୋଷାକ ପରିଧାନ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ବହୁ ପରିମାଣରେ ଆସୁଛି। ସେହିପରି ଝାଡ଼ଖଣ୍ଡର ରାଞ୍ଚି ଅଞ୍ଚଳରୁ ଏବଂ ଛତିଶଗଡ଼ର ରାୟପୁର ଅଞ୍ଚଳରୁ, ମହାରାଷ୍ଟ୍ରର ନାସିକ ଓ ନାଗପୁର ଅଞ୍ଚଳରୁ କର୍ଣ୍ଣାଟକ, ଆନ୍ଧ୍ର ଓ ତାମିଲନାଡୁ ଅଞ୍ଚଳରୁ ମାଛ, କୁକୁଡ଼ା ସମେତ ବିଭିନ୍ନ ପ୍ରକାର ଫଳମୂଳ ଆମଦାନୀ କରାଯାଇଥାଏ। ଓଡ଼ିଶାର ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି ଏବଂ ଏମାନଙ୍କ ମଧ୍ୟରେ ପ୍ରାୟ ୭୦ ଭାଗ ହେଉଛନ୍ତି କୃଷିଜୀବୀ। ଓଡ଼ିଶା ବାହାରୁ ଆମଦାନୀ କରାଯାଉଥିବା ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ସୌଖୀନ ସାମଗ୍ରୀ, ପ୍ଲାଷ୍ଟିକ ସାମଗ୍ରୀ ଇତ୍ୟାଦି ଏ ରାଜ୍ୟରେ ବିକ୍ରି ହୁଏ। ଧାନ ବା ଚାଉଳ ବିକ୍ରି କରି ଗ୍ରାମାଞ୍ଚଳର ଲୋକମାନେ ଏସବୁ ସାମଗ୍ରୀ କ୍ରୟ କରନ୍ତି ଏବଂ ପୁଅଝିଅର ପାଠପଢ଼ା, ବିବାହବ୍ରତ ଓ ଅନ୍ୟାନ୍ୟ ସାମାଜିକ ଖର୍ଚ୍ଚ ପୂରଣ କରିଥାନ୍ତି। ଖାଉଟି ସାମଗ୍ରୀ କ୍ରୟ କରିବା ପାଇଁ ହାତରୁ ପଇସା ଚାଲିଯିବା ପରେ ଆଉ ଯେତିକି ଅବଶିଷ୍ଟ ରୁହେ ଧାନ ଚାଉଳ ବିକ୍ରି କରିବା ପରେ ତାହା ସାମାଜିକ କାର୍ଯ୍ୟ କରିବା ପାଇଁ ନିଅଣ୍ଟ ହୁଏ। ତେଣୁ ପିଲାଙ୍କ ପାଠପଢ଼ା, ଝିଅଙ୍କ ବିଭାଘର ଅନ୍ୟାନ୍ୟ ସାମାଜିକ ଉତ୍ସବ ପାଳନ କରିବା ପାଇଁ ଲୋକମାନଙ୍କୁ ଋଣ କରିବାକୁ ପଡ଼ିଥାଏ। ଏହି କାରଣରୁ ଓଡ଼ିଶା ଲୋକମାନେ ଗରିବ। ୨୦୦୦ ମସିହାର ତଥ୍ୟ ଅନୁସାରେ ରାଜ୍ୟର ୫୦ ପ୍ରତିଶତରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ। କିନ୍ତୁ ଏଇ ୧୮ ବର୍ଷ ମଧ୍ୟରେ ଛୋଟବଡ଼ କିଛି ଶିଳ୍ପ ସ୍ଥାପନ ହୋଇଥିବାରୁ ଲୋକମାନଙ୍କୁ କିଛି ନିଯୁକ୍ତି ମିଳିଛି ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ। ବିଜୁ ପଟ୍ଟନାୟକ ପ୍ରଥମ ଦଫାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ଶିଳ୍ପ ସ୍ଥାପନ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନିଆଯାଇଥିଲା। ତାଙ୍କ ପରେ ସେ ବିଷୟ ପ୍ରତି ଆଉ ବିଶେଷ ଧ୍ୟାନ ଦିଆଯାଇନଥିଲା। ପୁନର୍ବାର ଅଶୀ ଦଶକରୁ ଦୁଇ ଦଶନ୍ଧି ଧରି ଭିତ୍ତିଭୂମିର ବିକାଶ, ଶିଳ୍ପ ବ୍ୟବସାୟ ବାଣିଜ୍ୟ ପ୍ରସାର ପାଇଁ କିଛି ଗୁରୁତ୍ୱ ଦେବା ଯୋଗୁଁ ଲୋକମାନେ କୃଷି କ୍ଷେତ୍ର ଛାଡ଼ି ବାଣିଜ୍ୟ ବ୍ୟବସାୟକୁ ଆଦରି ନେଇଥିଲେ ଅଧିକ ରୋଜଗାର କରିବା ପାଇଁ। ଗତ ଦଶ ବର୍ଷ ଧରି ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉଦ୍ୟମ ଅବ୍ୟାହତ ରହିଥିବାରୁ ଅନେକ କ୍ଷୁଦ୍ର, ମଧ୍ୟମ, ବୃହତ୍ ଶିଳ୍ପ ସ୍ଥାପନ କରାଯାଇଛି। ବେଦାନ୍ତ, ପୋସ୍କୋ, ଆରସେଲ୍ ମିତ୍ତଲ ପ୍ରଭୃତି ବିଭିନ୍ନ କାରଣରୁ ଶିଳ୍ପ ସ୍ଥାପନ ନକରି ଫେରି ଯାଇଥିଲେ ସୁଦ୍ଧା ଓଡ଼ିଶାର ଭିତ୍ତିଭୂମି ଖଣିଜ ସାମଗ୍ରୀ ଓ ବେଳାଭୂମି ବ୍ୟବହାର କରିବା ପାଇଁ ପୁନର୍ବାର ଉଦ୍‌ଯୋଗୀମାନଙ୍କର ଧାଡ଼ି ଲାଗିଛି ଶିଳ୍ପ ସ୍ଥାପନ ପାଇଁ। ଏସବୁ କଲାବେଳେ କୃଷି ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା କୌଣସି ସରକାର ଦେଇପାରିନାହାନ୍ତି। ଫଳରେ ଓଡ଼ିଶାରେ କୃଷି ଉତ୍ପାଦନ ଗତ କେତେବର୍ଷ ମଧ୍ୟରେ ଦୁଇ ପ୍ରତିଶତ ବୃଦ୍ଧିରେ ସୀମାବଦ୍ଧ ରହିଛି। ଲୋକସଂଖ୍ୟା ବୃଦ୍ଧି ସହିତ ଗ୍ରାମାଞ୍ଚଳ ଓ ସହରର ଚାହିଦା ମଧ୍ୟ ବଢ଼ିଛି, କିନ୍ତୁ ଚାହିଦା ଅନୁସାରେ ଖାଦ୍ୟ ସାମଗ୍ରୀ, ଗୃହୋପକରଣ, ପୋଷାକ ପରିଧାନ ଇତ୍ୟାଦି, ରାଜ୍ୟରେ ଉତ୍ପନ୍ନ କରିବା ପାଇଁ କୌଣସି ସଫଳ ପଦକ୍ଷେପ ନିଆଯାଇନାହିଁ। ଫଳରେ ବାହାର ରାଜ୍ୟମାନଙ୍କରୁ ବିପୁଳ ପରିମାଣର ଖାଉଟି ସାମଗ୍ରୀ ଓଡ଼ିଶାକୁ ଆସୁଛି। ଏହି ସୁଯୋଗ ନେଇ ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ସାଧାରଣ ସାମଗ୍ରୀର ଦରବୃଦ୍ଧି ଅଧିକ। ବିଧାନସଭାରେ ଦିଆଯାଇଥିବା ତଥ୍ୟରୁ ଜଣାଯାଏ ଯେ ଜାତୀୟ କ୍ଷେତ୍ରରେ ମୂଲ୍ୟବୃଦ୍ଧି ୪.୮୩ ପ୍ରତିଶତ ହୋଇଥିବାବେଳେ ଓଡ଼ିଶାରେ ତାହା ୭.୯୨ ପ୍ରତିଶତ ହୋଇଛି। ପରିବା, ଫଳମୂଳ, ମାଛ, ଅଣ୍ଡା, କୁକୁଡ଼ା, ଖାଇବା ତେଲ, ଆଳୁ, ପିଆଜ, ଲଙ୍କାମରିଚ ଇତ୍ୟାଦି ଆବଶ୍ୟକ ହେଉଥିବା ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବେଶୀ। ଗୋଟିଏ ଦିଗରେ ଓଡ଼ିଶାର ଅଧିକାଂଶ ଲୋକଙ୍କ ହାତରେ ଅର୍ଥର ଅଭାବ ଲାଗି ରହିଥିବାବେଳେ ଧାନ ଚାଉଳ ବିକ୍ରି କରି ଯାହା କିଛି ଉପାର୍ଜନ ହୋଇଥାଏ। ଧାନ ଚାଉଳ ବିକ୍ରି କରି ଶିକ୍ଷା ସ୍ୱାସ୍ଥ୍ୟ ଇତ୍ୟାଦି ପାଇଁ ବ୍ୟୟ ହୋଇଥାଏ। ସାମାଜିକ ଓ ଅର୍ଥନୀତିକ କ୍ଷେତ୍ରରେ ଲାଗି ରହିଥିବା ପାର୍ଥକ୍ୟ ଦୂର କରିବାକୁ ହେଲେ ଗୋଟିଏ ମାତ୍ର ଉପାୟ ଅଛି। ତାହା ହେଉଛି ଯଦି ପରିବା, ଫଳମୂଳ, ଖାଦ୍ୟସାମଗ୍ରୀ, ପୋଷାକ ପରିଧାନ, ଗୃହୋପକରଣ ଇତ୍ୟାଦି ରାଜ୍ୟର ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟ ଭିତରେ ଉତ୍ପନ୍ନ ହୁଏ ତେବେ ଓଡ଼ିଶା ଲୋକଙ୍କର ହାତକୁ ରୋଜଗାର ଆସିବ ଏବଂ ଦାରିଦ୍ର୍ୟ ଓ ମୂଲ୍ୟବୃଦ୍ଧିର ଗଞ୍ଜଣାର ସମାଧାନ କରାଯାଇପାରିବ। କିନ୍ତୁ ଧନ୍ଦା ଓ କୌଶଳ ଶିକ୍ଷା ପାଇଁ ସରକାର ତତ୍ପରତା ଦେଖାଇନଥିବାରୁ ଓଡ଼ିଶାବାସୀ ଅନ୍ୟ ରାଜ୍ୟ ଉପରେ ନିର୍ଭର କରି ଆସୁଛନ୍ତି। ସେହିପରି ତିନୋଟି ସମୟର ଅଭାବ ପୂରଣ କରିବା ପାଇଁ ହଜାର ହଜାର ଓଡ଼ିଶାବାସୀ ଅନ୍ୟାନ୍ୟ ରାଜ୍ୟକୁ ଯାଇଥା'ନ୍ତି ରୋଜଗାର କରିବା ପାଇଁ। ଏଇ ପ୍ରଥା ବନ୍ଦ ନହେବା ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ହୋଇ ରହିବ।

**(ସୌଜନ୍ୟ: ରଘୁନାଥ ମହାପାତ୍ର, ଶ୍ରୀନିବାସ, ତାରାଚାନ୍ଦପାଟଣା, କଟକ, ଦୂରଭାଷ: ୯୨୩୮୬୩୨୭୫୦)**

## ସ୍କୁଲ୍ ପାଠ୍ୟକ୍ରମରେ ଚେସ୍: ଏହାକୁ କାର୍ଯ୍ୟକାରୀ କରିବାରେ ଦେଶର ପ୍ରଥମ ଶିକ୍ଷାନୁଷ୍ଠାନ ହେଉଛି କିସ୍




ଭୁବନେଶ୍ୱର (ପିଏନ୍)-ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ କରାଯିବା ନେଇ ଆନ୍ତର୍ଜାତିକ ଚେସ୍ ସଂଘ ପରିକଳ୍ପନା କରିଥିବା ବେଳେ ବିଭିନ୍ନ ଦେଶରେ ଏହାକୁ ସ୍କୁଲ୍ ପାଠ୍ୟକ୍ରମରେ ସାମିଲ୍ କରାଯାଉଛି। ଏହି କ୍ରମରେ ଭାରତରେ ମଧ୍ୟ ଚେସ୍‌କୁ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ୍ କରାଯିବା ପଇଁ ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ନିଷ୍ପତି ନେଇଛନ୍ତି। ଏଥିପାଇଁ ଏଆଇସିଏଫ୍ ଓ ନିଖିଳ ଉତ୍କଳ ଚେସ୍ ସଂଘ (ଏଓସିଏ) ପକ୍ଷରୁ କିସ୍‌କୁ ଦେଶର ପ୍ରଥମ ବିଦ୍ୟାଳୟ ଭାବେ ନିଆଯାଇଛି। ଏହି ଉପଲକ୍ଷେ ଗତକାଲି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏଆଇସିଏଫ୍‌ର ସମ୍ପାଦକ ଶ୍ରୀ ଭରତ ସିଂ ଚୌହାନ, ସଭାପତି ଡ. ସଂଜୟ କାପୁର, ଉପ-ସଭାପତି ଶ୍ରୀ ଭବେଶ ପଟେଲ୍, କୋଷାଧ୍ୟକ୍ଷ ଶ୍ରୀ ନରେଶ ଶର୍ମା, ନିଖିଳ ଉତ୍କଳ ଚେସ୍ ସଂଘର ସଭାପତି ଶ୍ରୀ ରଂଜନ କୁମାର ମହାନ୍ତି ଓ ସମ୍ପାଦକ ଦେବବ୍ରତ ଭଟ୍ଟ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବାରେ କିସ୍ ପ୍ରଥମ ଅନୁଷ୍ଠାନ ବୋଲି ଘୋଷଣା କରିଥିଲେ। ଆନ୍ତର୍ଜାତିକ ଚେସ୍ ଫେଡେରେସନ୍ (ଫିଡେ) ଏହାକୁ ପରିଚାଳନା କରିବ। କିଟ୍ ଓ କିସ୍ ଏଥିପାଇଁ ଆବଶ୍ୟକ ଭିତିଭୂମି ଯୋଗାଇ ଦେଉଥିବା ବେଳେ ଫିଡେ ଓ ଏଆଇସିଏଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ। ଉଭୟ କିଟ୍ ଓ କିସ୍ ଶିକ୍ଷା ସହ କ୍ରୀଡାର ପ୍ରସାର ପାଇଁ ସମାନ ଗୁରୁତ୍ୱ ଦେଇ ଆସୁଛି। ଓଡିଶାରେ ଦୀର୍ଘ ୧୦ବର୍ଷ ଧରି କିଟ୍ ଓ କିସ୍ ଜରିଆରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଚେସ୍‌ର ପ୍ରସାର କରିଆସୁଛନ୍ତି। ଯାହାଫଳରେ କିଟ୍‌ରୁ ବହୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଚେସ୍ ଖେଳାଳି ବାହାରି ପାରିଛନ୍ତି। ବିଶେଷ କରି କିଟ୍ ଓ କିସ୍ ଆଂଚଳିକ ସ୍ତରଠାରୁ ଆନ୍ତର୍ଜାତିକ ଚେସ୍ ଚାମ୍ପିଅନ୍‌ସିପ୍ ଆରମ୍ଭ କରି ଚେସ୍ କ୍ରୀଡା ଓ ଚେସ୍ ଖେଳାଳିଙ୍କ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। କିସ୍‌ରେ ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରିବାପାଇଁ ଦୀର୍ଘ ୧ବର୍ଷ ହେଲା ଏଆଇସିଏଫ୍ ପକ୍ଷରୁ ଯୋଗାଯୋଗ କରାଯାଇଆସୁଥିଲା। ଏଥିନିମନ୍ତେ କିଟ୍ ଓ କିସ୍‌ରେ ପର୍ଯ୍ୟାପ୍ତ ଭିତିଭୂମି ଓ ପ୍ରଶିକ୍ଷକ ରହିଥିବା ଯୋଗୁଁ ଏହାକୁ ପ୍ରଥମେ କିସ୍‌ରୁ ଆରମ୍ଭ କରାଯିବା ପାଇଁ ଏଆଇସିଏଫ୍ ପକ୍ଷରୁ ସିଦ୍ଧାନ୍ତ ନିଆଯାଇ କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କ ସହ ଆଲୋଚନା କରାଯାଇଥିଲା। ଶ୍ରୀ ସାମନ୍ତ ସର୍ବଦା କ୍ରୀଡାକୁ ପ୍ରୋତ୍ସାହନ ଦେଇ ଆସୁଥିବାରୁ ଏଭଳି ଏକ ଉତମ ଓ ସୁନ୍ଦର ପରିକଳ୍ପନାକୁ ପାଠ୍ୟକ୍ରମରେ ସାମିଲ୍ କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ। ଫଳରେ ୨୦୨୧-୨୨ ଶିକ୍ଷାବର୍ଷଠାରୁ କିସ୍ ପାଠ୍ୟକ୍ରମରେ ଚେସ୍‌କୁ ସାମିଲ୍ କରାଯିବା ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଗତକାଲି ଏହି ଅବସରରେ ଶ୍ରୀ ସାମନ୍ତ ଖୁସି ବ୍ୟକ୍ତ କରି ଏହି ପ୍ରୟାସ ପାଇଁ ଏଆଇସିଏଫ୍ ଓ ଏଓସିଏ ଉଭୟଙ୍କୁ ସାଧୁବାଦ ଜଣାଇଛନ୍ତି। ଏହାଦ୍ୱାରା କିସ୍ ତଥା ଓଡିଶାରୁ ଅନେକ ଚେସ୍ ଖେଳାଳି ଆନ୍ତର୍ଜାତିକ ସ୍ତରରେ ସେମାନେ ସେମାନଙ୍କର ପ୍ରତିଭା ପ୍ରତିପାଦନ କରିପାରିବେ ବୋଲି କିସ୍‌ର ପ୍ରତିଷ୍ଠାତା କହିଛନ୍ତି। ବିଦ୍ୟାଳୟ ପାଠ୍ୟକ୍ରମରେ ଚେସ୍ ସାମିଲ୍ ହେଲେ ଏହା ଛାତ୍ରଛାତ୍ରୀଙ୍କୁ ବେଶ୍ ସହାୟକ ହେବ ଏବଂ ବିଶେଷ କରି କିସ୍‌ର ବହୁ ଜନଜାତି ଛାତ୍ରଛାତ୍ରୀ କେବଳ ଚେସ୍ ଖେଳାଳି ହୋଇ ବାହାରିବେ ନାହିଁ; ବରଂ ଏହାଦ୍ୱାରା ସେମାନଙ୍କ ମାନସିକ ବିକାଶରେ ସହାୟକ ହେବ ବୋଲି ଶ୍ରୀ ସାମନ୍ତ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶଙ୍କ ସମେତ ଏଆଇସିଏଫ୍ ଓ ଏଓସିଏର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## କୋଭିଡ଼ ସଚେତନତା ସମ୍ପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ବାହାରେ କେତେକ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଉଛି। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସଓ୍ୱାନ ହଲଠାରେ ଜିଲ୍ଲାପାଳ ସନତ କୁମାର ମହାନ୍ତି ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ବିଡ଼ିଓ ଏବଂ ସରପଂଚମାନଙ୍କ ସହ କୋଭିଡ଼ ନିୟମ ପାଳନ ଓ ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। କରୋନା ସଂକ୍ରମଣକୁ ରୋକିବା ପାଇଁ ଲୋକମାନଙ୍କୁ ସଚେତନ କରିବା, ମାସ୍କ ବ୍ୟବହାର କରିବା ଏବଂ ସାମାଜିକ ଦୂରତ୍ୱ ରଖିବାକୁ ଗୁରୁତ୍ୱ ଦେଇଥିଲେ। ଜନସମାବେଶ ଓ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ କୋଭିଡ଼ ନିୟମ କଡ଼ାକଡ଼ି ଭାବରେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ସଭାସମିତି ଓ ଜନସମାବେଶ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ କର୍ତ୍ତୃପକ୍ଷଙ୍କ ଠାରୁ ଆବଶ୍ୟକ ଅନୁମତି ନେବାକୁ ପଡ଼ିବ। ଜନସମାବେଶରେ ନିର୍ଦ୍ଧାରିତ ସଂଖ୍ୟକ ଲୋକମାନେ ଯୋଗଦେଇ-ପାରିବେ। କୋଭିଡ଼ ଟୀକାକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକ ମାନଙ୍କର କୋଭିଡ଼ ଟୀକାକରଣ ଚାଲୁରହିଛି। ଏହି ଭିଡ଼ିଓ କନ୍‌ଫରେନସିଂରେ ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାତ୍ରୀ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅନୁଜ କୁମାର ଦାସପଟ୍ଟନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ବିଶ୍ୱରଂଜନ ପତି, ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ପ୍ରଶାନ୍ତ କୁମାର ଦାସ, ଡ଼େପୁଟି କଲେକ୍ଟର ବଳରାମ ବାଗ ପ୍ରମୁଖ ଯୋଗ ଦେଇଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା : ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ତୁଳସୀ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଜୟ କୁମାର ରାଉତଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସରକାରୀ ଚାକିରୀରୁ ଅବସର ନେଇଥିଲେବି ଶ୍ରୀ ରାଉତ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି । ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି ପ୍ରାଧ୍ୟାପକ ଶ୍ରୀ ରାଉତଙ୍କୁ ତାଙ୍କ ବାସଭବନରେ ପହଞ୍ଚି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି । ପ୍ରାଧ୍ୟାପକ ଶ୍ରୀ ରାଉତ ଚାକିରୀ ସହିତ ବନ୍ୟା, ବାତ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ ସହଯୋଗ କରିଥାନ୍ତି । ଅଧ୍ୟାପନା ସହ ଶ୍ରୀ ରାଉତ ସମାଜର ଦଳିତ ନଷ୍ଟେଶିତ ଲୋକମାନଙ୍କର ସେବା କରିବାରେ ତାଙ୍କର ସ୍ୱତନ୍ତ୍ର ଆଗ୍ରହ ରହିଛି । ତାଙ୍କର ଏହି ସମାଜସେବା କାର୍ଯ୍ୟକୁ ଅବସର ପରେବି ଚାଲୁ ରଖିବାକୁ ସଂସଦ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂସଦର ସଭ୍ୟ ଚିତ୍ତରଞ୍ଜନ ଦାସ, ଗୋଲଖ ଚନ୍ଦ୍ର ପଡିଆରୀ, ସନ୍ତୋଷ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ ।

## କୋଭିଡ୍ ୧୯ର ତାଲା ବନ୍ଦ ବେଳେ ସ୍ୱସ୍ତି ଫାଉଣ୍ଡେସନର ନିଆରା କାର୍ଯ୍ୟ

କେନ୍ଦୁଝର: ସ୍ୱସ୍ତି ଫାଉଣ୍ଡେସନ କେନ୍ଦୁଝର, କୋଭିଡ୍-୧୯ର ତାଲାବନ୍ଦ ସମୟରେ ନିଆରା କାର୍ଯ୍ୟ ଅର୍ଥାତ୍ ସଙ୍ଗରୋଧରେ ଥିବା ପରିବାର ଅସହାୟ ବ୍ୟକ୍ତି, ରାସ୍ତାକଡରେ ଜୀବନ ବିତାଉଥିବା ନିଃସହାୟ ବ୍ୟକ୍ତି ମାନଙ୍କୁ ରନ୍ଧା ଖାଦ୍ୟ ଦୁଇବେଳା ବଣ୍ଟନ କରି ଆସୁଛନ୍ତି । ଅନୁଷ୍ଠାନର ସମ୍ପାଦକ ମାନସ ରଂଜନ ପଣ୍ଡାଙ୍କ ନେତୃତ୍ୱରେ ୧୨ଜଣ ସ୍ୱେଚ୍ଛାସେବୀମାନେ କୋରନାକୁ ଭୟ ନକରି କରୋନା ଯୋଦ୍ଧା ଭାବରେ ଆଗଭର ହୋଇ ଦୁଇବେଳା ଖାଦ୍ୟ ରାନ୍ଧିବା, କରୋନା ମାର୍ଗ ଦର୍ଶିକାର ନିୟମକୁ ମାନି ପାର୍ସଲ ପ୍ରସ୍ତୁତ କରିବା, ଘରକୁ ଘର ବୁଲି ଦୁଇଓଳା ରନ୍ଧା ଖାଦ୍ୟ ମେ ୧୭ତାରିଖରୁ ଆଜି ସୁଧା ୩୧ତାରିଖ ପର୍ଯ୍ୟନ୍ତ ୧୫ଧରି ଧରି ବଣ୍ଟନ କରି ଆସୁଅଛି । ସଙ୍ଗରୋଧରେ ଥିବା ୨୧ ପରିବାର, ରାଙ୍କି କୋଭିଡ୍ ଡାକ୍ତରଖାନା ସମ୍ମୁଖରେ ଭୟଭୀତ ଅବସ୍ଥାରେ ବସିଥିବା ରୋଗୀର ସମ୍ପର୍କୀୟ, ରାସ୍ତାକଡରେ ଜୀବନ ବିତାଉଥିବା ଅସହାୟ ମଣିଷ, ଭୋକରେ ରହୁଥିବା ବୁଲା କୁକୁର, ଷଣ୍ଢ, ଗୋରୁ ଗାଈ ମାନଙ୍କୁ ରନ୍ଧା ଖାଦ୍ୟ ନିଷ୍କାର ସହ ବଣ୍ଟନ କରାଯାଉଅଛି । ଆବଶ୍ୟକ ସ୍ଥଳେ ରୋଗୀ ମାନଙ୍କୁ ଅକ୍ସିଜେନ ସିଲିଣ୍ଡର, ଔଷଧ, ଫଳ ଆଦି ଯୋଗାଇ ଦିଆଯାଇଛି । କୋଭିଡ୍‌ରେ ସଂକ୍ରମିତ ରୋଗୀଙ୍କୁ ଡାକ୍ତରଙ୍କ ମାଧ୍ୟମରେ ପରାମର୍ଶ ଦିଆଯାଉଛି । କେତେକ ବଦାନ୍ୟ ବ୍ୟକ୍ତି ବିଶେଷ କରି ଏହି କାର୍ଯ୍ୟରେ ସ୍ୱସ୍ତି ଫାଉଣ୍ଡେସନ ସହ ସାମିଲ ହୋଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି । ଟ୍ରଷ୍ଟି ସିଲନପ୍ରଭା ପଣ୍ଡା, ସାଥୀ ସୁବାଷ ସାହୁ, ବିଜୟ ବେହେରା, ବିରଞ୍ଚି ମହାନ୍ତ, ଦିପ୍ତୀରଂଜନ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟରେ ସାହାଯ୍ୟର ହାତ ବଢାଇଛନ୍ତି । ତାଲା ବନ୍ଦ ଶେଷ ପର୍ଯ୍ୟନ୍ତ ସ୍ୱସ୍ତି ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମ୍ପାଦକ ମାନସ ରଂଜନ ପଣ୍ଡା ପ୍ରକାଶ କରିଛନ୍ତି ।

# ପଡିଆ ବ୍ଲକ ବିଜେପି ପକ୍ଷରୁ ସେବା ସପ୍ତାହ ପାଳିତ

ମାଲକାନଗିରି : ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ବିଜେପି ପକ୍ଷରୁ ଚଳିତ ବର୍ଷ ପାଳିତ ସେବା ସପ୍ତାହ ଉପଲକ୍ଷେ ବିଭିନ୍ନ ସ୍ଥାନରେ ମାସ୍କ, ଶୁଖିଲା ଖାଦ୍ୟ ଓ ଫଳମୂଳ ବଂଟନ କରାଯାଇଛି କ୍ଷ ଦେଶରେ ଭାରତୀୟ ଜନତା ପାର୍ଟି ର ୭ ବର୍ଷ ଶାସନ ପୂର୍ତ୍ତି ଅବସରରେ ପଡିଆ ବ୍ଲକ ବିଧାୟକ ପ୍ରତିନିଧି କୋଟାମ ବାଲାୟା, ବ୍ଲକ ବିଜେପି ସଭାପତି ପି ଭେଙ୍କଟେଶ୍ୱର ରାଓ ଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ମାସ୍କ, ଶୁଖିଲା ଖାଦ୍ୟ,ଫଳ ଓ ସାନିଟାଇଜର ବଂଟନ କରାଯାଇଛି । ପଡିଆ ବ୍ଲକ ସଦର ମହକୁମା ରେ ଥିବା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର , ବାପ୍‌ନପଲ୍ଲୀ ପଂଚାୟତ ର ସିଲାକୋଟା, ନୀଲିଗୁଡା ପଂଚାୟତର ଉସକାଲବାଗ, ମାଟେରୁ ପଂଚାୟତ ର ପରଶନପଲ୍ଲୀ, କାଲଦାପଲ୍ଲୀ ପଂଚାୟତ ର କୁର୍ତ୍ତୀ, ଶିମିଳିବାଞ୍ଚା ପଂଚାୟତ ସଦର ମହକୁମା , ଗିରିକାନପଲ୍ଲୀ ପଂଚାୟତର ଏମଭି ୯୫ ଓ ଉଣ୍ଡୁରୁକୋଣ୍ଡା ପଂଚାୟତ ସଦର ମହକୁମା ଠାରେ ବିଜେପିର କର୍ମୀ ମାନେ ଲୋକଙ୍କୁ ମାସ୍କ, ଶୁଖିଲା ଖାଦ୍ୟ ଓ ସାନିଟାଇଜର ବାଂଟିବା ସହ କରୋନା ରୁ ସୁରକ୍ଷିତ ରହିବା ପାଇଁ ସଚେତନ କରିଥିଲେ । ଏଥିସହ ପ୍ରତ୍ୟକ ଗ୍ରାମରେ ସକ୍ରିୟ ଦଳୀୟ କର୍ମୀଙ୍କୁ ନିଜ ନିଜ ଗ୍ରାମରେ କରୋନା ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଚିତ୍ତରଞ୍ଜନ ମିଶ୍ର ଙ୍କ ଉପସ୍ଥିତିରେ ପଡିଆ ବ୍ଲକ ବିଜେପି ର ଏକ ଟିମ୍ ଡାକ୍ତରଖାନା ରେ ରୋଗୀଙ୍କ ସହ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ପଚରାଉଚୁରା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ମଲ୍ଲ, କାମରାମ ଜଗା, ରାଜଶେଖର ମାଝୀ, ସୁଜିତ୍ ମଣ୍ଡଳ ପ୍ରମୁଖ ବିଜେପି କର୍ମୀ ସମେତ ବିଭିନ୍ନ ପଂଚାୟତ ର ସରପଂଚ, ୱାର୍ଡମେମ୍ବର ଓ ସମିତି ମେମ୍ବର ମାନେ ଉପସ୍ଥିତ ଥିଲେ ।

# ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୩ ୦ ୟୁନିଟ ରକ୍ତ ସଂଗ୍ରହ

ମାଲକାନଗିରି : ଆଗାମୀ ଦିନରେ ୧୮-୪୪ ବର୍ଷ ବୟସର ଯୁବବର୍ଗ ଙ୍କୁ କୋଭିଡ ଟୀକାକରଣ ହେବାକୁ ଥିବା ଯୋଗୁଁ ରାଜ୍ୟରେ ଅନ୍ୟ ରୋଗୀ ମାନଙ୍କର ବହୁତ ପରିମାଣରେ ରକ୍ତାଭାବ ଦେଖାଦେଇପାରେ ଏହାକୁ ଦୃଷ୍ଟିରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ରକ୍ତଦାନ କରିବା ଲାଗି ଆହ୍ୱାନ କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଆହ୍ୱାନ କ୍ରମେ ଆଜି ମାଲକାନଗିରି ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକଙ୍କ ନେତୃତ୍ୱରେ ମାଲକାନଗିରି ପୌରପରିଷଦ ଟାଉନ ହଲ୍ ଠାରେ 'ଓଡିଶା ମୋ ପରିବାର' ଆନୁକୁଲ୍ୟରେ ମାଲକାନଗିରି ପୌରପରିଷଦ ର ବିଜୁ ଛାତ୍ର ଜନତା ଦଳ ସଭାପତି ଏ.ରାଜୁ ରାଓ ଏକ 'ଜୀବନ ବିନ୍ଦୁ' ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ ! ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ତଥା ଜିଲ୍ଲା ବିଜୁ ଜନତା ଦଳର ସଭାପତି ପୂର୍ଣ୍ଣଚନ୍ଦ୍ର ୍ବାକା, ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ସଭାପତି ଆଡମା ରାବା ଯୋଗ ଦେଇ ରକ୍ତଦାନ ଶିବିର କୁ ଉଦଘାଟନ କରିଥିଲେ । କୋଭିଡ ଗାଇଡ ଲାଇନ ଅନୁସାରେ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ! ଏହା ପୂର୍ବରୁ ଟାଉନ ହଲ୍ ଠାରେ ହୋଇଥିବା ସମସ୍ତ ରକ୍ତଦାନ ଶିବିର ମଧ୍ୟ ରେ ରେକର୍ଡ ସୃଷ୍ଟି ହୋଇଛି ବୋଲି ଜିଲ୍ଲା ବ୍ଲଡ଼ ବ୍ୟାଙ୍କ ର ଅଧିକାରୀମାନେ କହିଥିଲେ । ଏହି ଶିବିର ରେ ସତ୍ୟ ପାଣିଗ୍ରାହୀ, କଂଟେଶ୍ୱର ପଟଲା, ବଳରାମ ଭଞ୍ଜ, ମହେଶ ବାକା, ଉମେଶ ଗୁପ୍ତା, ନାଥନ ୍ବାଲା, ବିଭାସୁରଂଜନ ସାମଲ, ରାଜୀବ ଲୋଚନ୍ ସୀସା, ମନୋଜ ପଟ୍ଟନାୟକ, ସୁନୀଲ ସାହୁ, ସତ୍ୟଜୀତ ଗୌଡ଼, ପ୍ରମୋଦ ଦୋରା, ସି. ଏଚ. ସୁନ୍ଦର କୁମାର, ମୁସ୍କାନ ଦେବନାଥ, କେ.ରାହୁଲ ରାଓ, ଲକ୍ଷ୍ମୀ ରାଓ, ଭୀମସେନ ସଗୋଡ଼ିଆ, ଦୀପଙ୍କର ଦାସ, ଶଙ୍କର ପାଣିଗ୍ରାହୀ, ବିଟୁ ରାଓ, ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ !ସ୍ୱେଚ୍ଛାକୃତ ରକ୍ତଦାତା ଭାବେ ଆଡ଼ମା ରାବା, ତାପସ ରଞ୍ଜନ ନାୟକ, ରମେଶ ଡଙ୍ଗରି, ରବୀନ୍ଦ୍ର ବେହେରା, ଅଭିଷେଖ ମିସ୍ତ୍ରୀ, ପ୍ରଭାକର ବେରୁକ, କେଶବ ହରିଜନ, ଛବି ମାଢି, ବବଲୁ ମାଝୀ, ଦେବାଶିଷ ଦେବନାଥ, ବିକି ପାତ୍ର, ଇନ୍ଦ୍ରଜୀତ ରଥ, କୁନୁ ଦୋରା, ଅମିତ କୁମାର ଧାନଫୁଲ, ଆର. ହେମନ୍ତ କୁମାର, ମନୋଜ କୁମାର ମାଢି, ବିକୁ ସୁନାନି, ଏ.ରାଜୁ ରାଓ, ନାଗେଶ ସେଠୀ, ବଂଶୀ ପ୍ରଧାନ, ଭେଙ୍କେଟେଶ୍ୱର ରାଓ, କଂଟେଶ୍ୱର ପଟଲା, ସଲିମ ଖାଁ, ଡ଼ି. ପ୍ରସାଦ, ସିଦ୍ଧାର୍ଥ କୁମାର ସେଠୀ, ତାରକାନ୍ତ ମିଶ୍ର, ଜଗବନ୍ଧୁ ଦଳାଇ, ଅନିଲ କୁମାର ହରିଜନ, ସନ୍ତୋଷ ସ୍ୱାଇଁ,ଓ ଅଭିଜୀତ ନାହକପ୍ରମୁଖ ରକ୍ତଦାନ କରିଥିଲେ !

# ବିଜୁବାବୁଙ୍କ ସହଯୋଗୀ ଗୌର ଚନ୍ଦ୍ର ଦାସଙ୍କ ଦେହାନ୍ତ

କେନ୍ଦୁଝର: ଆଜି ୩୧୦୫/୨୦୨୧ରିଖ ସକାଳ ୯ଟା ସମୟରେ ବିଜୁବାବୁଙ୍କ ଏକାନ୍ତ ସହଯୋଗୀ ଗୌର ଚନ୍ଦ୍ର ଦାସଙ୍କ ୮୨ବର୍ଷ ବୟସରେ ବୋଦାପଲସା ଗ୍ରାମ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ସେ ଉତ୍କଳ କଂଗ୍ରେସରୁ ଜନତା ଦଳ ଯାଏଁ ବିଜୁବାବୁଙ୍କ ସହ ରହି କେନ୍ଦୁଝର ଜିଲ୍ଲା ରାଜନୀତିରେ ସକ୍ରିୟ ଥିଲେ । ସେ ଜନତା ଦଳର ବିଭିନ୍ନ ପଦ ପଦବୀରେ ଦଳର କାର୍ଯ୍ୟ କରୁଥିଲେ । ଏଥିସହ ସ୍ୱର୍ଗତ ଦାସ ଜଣେ ଅଗ୍ରଣୀ ଚାଷୀ ନେତା ଥିଲେ । ସେ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ଅଗ୍ରଣୀ କୃଷକ ଭାବେ ସମ୍ମାନୀତ ହୋଇଥିଲେ । ସ୍ୱର୍ଗତ ଦାସଙ୍କ ମୃତ୍ୟୁ ଖବର ପାଇ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଜିଲ୍ଲା ବିଜେଡିର ବରିଷ୍ଠ ଉପ-ସଭାପତି ପ୍ରମୋଦ ପଟ୍ଟନାୟକ, ବୋଦାପଲସା ପଂଚାୟତ ସଭାପତି ନାରାୟଣ ପ୍ରସାଦ ସିଂହ, ସ୍ଥାନୀୟ ବିଜେଡି ନେତା ଗଦାଧର ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ଗୌର ଚନ୍ଦ୍ର ଦାସଙ୍କ ମୃତ୍ୟୁରେ ଜିଲ୍ଲା ଓକିଲ ସଂଘ ସଭାପତି ତଥା ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତି, ଯୁବ ବିଜେଡି ରାଜ୍ୟ ଉପ-ସଭାପତି ସୌମ୍ୟ ଶଙ୍କର ଚକ୍ର, ପୂର୍ବତନ ନଗରପାଳ ପ୍ରଭନ ପଟ୍ଟନାୟକ, ରକ୍ଷାକର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଜିଲ୍ଲା ଯୁବ ବିଜେଡି ଉପ-ସଭାପତି ଜଗଦୀଶ ଆପଟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଅଗର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

## ଶିକ୍ଷକ ସଚ୍ଚିଦାନନ୍ଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗୋଳାବନ୍ଧ: ଘଟଗାଁ ବ୍ଲକ ବରହାଟିପୁରା ନୀଳକଣ୍ଠେଶ୍ୱର ହାଉସ୍କୁଲର ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ୧୯୮୨ମସିହା ସେପ୍ଟେମ୍ବର ୧୦ତାରିଖରେ ଉକ୍ତ ବିଦ୍ୟାଳୟରେ ଚାକିରୀ ଆର୍ଭ କରିଥିବା ଶିକ୍ଷକ ଶ୍ରୀଯୁକ୍ତ ସାହୁ ୨୦୨୧ ମସିହା ମେ ୩୧ତାରିଖରେ ଅବସର ଗ୍ରହଣ କରିଛନ୍ତି । ଦୀର୍ଘ ୪୦ବର୍ଷର ଶିକ୍ଷକତା ଜୀବନରେ ସେ ଜଣେ କର୍ତ୍ତବ୍ୟ ନିଷ୍ଠା, ସମୟାନୁବରତ୍ତି, ମେଳାପୀ, ଛାତ୍ର ବତ୍ସଳ ବ୍ୟକ୍ତିତ୍ୱ ଭାବେ ସୁନାମ ଅର୍ଜନ କରିଥିବା ଶିକ୍ଷାକ ଶ୍ରୀ ସାହୁଙ୍କୁ ନୀଳକଣ୍ଠେଶ୍ୱର ହାଇସ୍କୁଲ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ପ୍ରଦାନ ପୂର୍ବକ ତାଙ୍କର ଗୁଣ ଗାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ରବୀନ୍ଦ୍ର ସାହୁ, ଲକ୍ଷ୍ମୀଧର ସେଠୀ, ଖେଳ ଶିକ୍ଷୟତ୍ରୀ ଧରିତ୍ରୀ ଗୁପ୍ତା, ଢେଙ୍କିକୋଟ ସତ୍ୟ ନାରାୟଣ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଫକୀର ଚରଣ ସାହୁ, କନିଷ୍ଠ କିରାଣୀ ଅଖିଳ କୁମାର ରଣା, ଧନ୍ଦାମୂଳକ ଶିକ୍ଷା ପ୍ରଶିକ୍ଷକ ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରୋହିତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ସାରଙ୍ଗଧର ରଣା, ପ୍ରାକ୍ତନ ଛାତ୍ର ରବୀନ୍ଦ୍ର ପଲେଇ, ଚିତ୍ତରଂଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କର୍ମଚାରୀ ବାବୁଲି ନାଏକ, ଯତୀନ୍ଦ୍ର ପଲେଇ, ଉଦ୍ଧବ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଭାରସାମ୍ୟ ହରାଇ ଇଣ୍ଡିକା ଦୁର୍ଘଟଣାଗ୍ରସ୍ତ, ୧ ଆହତ

ଭଗାମୁଣ୍ଡା:୩୧/୫:(ଆ.ପ୍ର.) କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଦାନ୍ତୁଆଣି ପାଖ ଜଙ୍ଗଲରେ ଏକ ଇଣ୍ଡିକା ଗାଡି (ଓଆର୦୨ଏଏଲ-୨୮୩୮)ଭାରସାମ୍ୟ ହରାଇ ଗଛରେ ବାଡେଇ ହୋଇ ଓଲଟି ପଡିବା ଫଳରେ ଜଣେ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଉକ୍ତ ଗାଡିଟି କୌଣସି ଏକ କାମରେ କେନ୍ଦୁଝରରୁ କଟକ ଯାଉଥିବା ସମୟରେ ଦାନ୍ତୁଆଣି ପାଖ ଜଙ୍ଗଲରେ ଏହି ଦୁର୍ଘଟଣା ଘଟିଥିଲା ।

# କେନ୍ଦୁଝରର ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ଅନିଶ୍ଚିତ ମଧ୍ୟରେ



କେନ୍ଦୁଝର: କେନ୍ଦୁଝରର ବଡଠାକୁର ତଥା ଷୋଡଶ ଶତାବ୍ଦୀରେ ନିର୍ମିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଚଳିତ ବର୍ଷ କରୋନା ମହାମାରୀ ପାଇଁ ଚନ୍ଦନ ଯାତ୍ରା ନିର୍ଦ୍ଦିଷ୍ଟ ସ୍ଥାନରେ ନ ହୋଇ ମନ୍ଦିର ବେଢାରେ କରାଯାଇଥିଲା । ଆଗକୁ ଥିବା ରଥଯାତ୍ରା ଅନୁଷ୍ଠିତ ହେବ କି ନାହିଁ ତାହା ଅନିଶ୍ଚିତ ମଧ୍ୟରେ ରହିଛି । ଗତ ବର୍ଷ କେବଳ ପରମ୍ପରା, ନୀତିକୁ ବଜାୟ ରଖିବାକୁ ଯାଇ ମନ୍ଦିର ବେଢ଼ା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଆଇନ ବିଭାଗର ଦେବୋତ୍ତର ଦ୍ୱାରା ଏହି ମନ୍ଦିର ପରିଚାଳିତ ଏବଂ କେନ୍ଦୁଝର ଉପଜିଲ୍ଲାପାଳ ଏହାର ନିର୍ବାହୀ ଅଧିକାରୀ ଭାବେ ସମସ୍ତ ଦାୟିତ୍ୱରେ ଅଛନ୍ତି ତେଣୁ ସମସ୍ତ ନିତିକାନ୍ତି ସରକାରୀ ସ୍ତରରେ ନିଆଯାଇଥାଏ । ବିଗତ ବର୍ଷମାନଙ୍କ ପରି ୨୦୨୦ ବର୍ଷରେ ମାଟିଆବନ୍ଧ ପୋଖରୀରେ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇଥିଲା, ମାତ୍ର ଚଳିତ ବର୍ଷ କରୋନା ମହାମାରୀର ପ୍ରକୋପକୁ ଦେଖି ଶ୍ରୀବଳଦେବଜୀଉଙ୍କ ଚଳନ୍ତି ବିଗ୍ରହ ଶ୍ରୀ ମଧୁସୂଦନଙ୍କୁ ମାଟିଆବନ୍ଧ ପୋଖରୀକୁ ପଟୁଆରରେ ବା ଖାଲି ନିଆ ନ ଯାଇ ମନ୍ଦିର ବେଢା ମଧ୍ୟରେ ଏହି ପର୍ବ ଅନୁଷ୍ଠିତ ହୋଇଥିଲା । ମେ ୧୫ତାରିଖ ଅର୍ଥାତ ଅକ୍ଷୟତୃତୀୟାଠାରୁ ଏହି ବାହାର ଚାପ କେବଳ ପରମ୍ପରାକୁ ଆଖିଆଗରେ ରଖି ସମାହିତ ହୋଇଥିଲା । ବାହାର ଚାପ ପରେ ଭିତର ଚାପ ଅନୁଷ୍ଠିତ ହୋଇଥାଏ । ଏହାପରେ ଅନୁଷ୍ଠିତ ହୋଇଥାଏ ଦେବସ୍ନାନ ପୂର୍ଣ୍ଣିମା । ଏହି ଦିନ ଚତୁର୍ଦ୍ଧା ମୁର୍ତ୍ତି ରତ୍ନ ସିଂହାସନରୁ ଆସି ସ୍ନାନମଣ୍ଡପକୁ ଯାଇଥାନ୍ତି, ସେଠାରରେ ହାତୀ ବେଶହୋଇ ସ୍ନାନ ସାରି ଅଣସର ଘରକୁ ଫେରିଥାନ୍ତି । ଚଳିତ ବର୍ଷ ଜୁନ ୨୪ ତାରିଖ ଦେବସ୍ନାନ ପଡୁଥିବାବେଳେ ଜୁଲାଇ ୧୨ତାରିଖ ଦିନ ଶ୍ରୀ ଗୁଣ୍ଡିଚା ଯାତ୍ରା ହେବା ଲାଗି ଦିନ ଧାର୍ଯ୍ୟ ହୋଇଛି । ପୁରୀଠାରେ ଚଳିତ ବର୍ଷ ବିନା ଭକ୍ତରେ ରଥଯାତ୍ରା ହେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ସହ ପଡୋଶୀ ଜିଲ୍ଲା ମୟୁରଭଂଜର ବାରିପଦାରେ ରଥଯାତ୍ରା ହେବା ପାଇଁ ଆଇନର ଆଶ୍ରୟ ନିଆଯାଇଛି । କେନ୍ଦୁଝରର ରଥ ବିଶ୍ୱର ସୁଉଚ୍ଚ ରଥ ହୋଇଥିବାବେଳେ ଏବେର କୋଭିଡ ସ୍ଥିତିକୁ ଦେଖିଲେ ରଥଯାତ୍ରା ହଜାର ହଜାର ଭକ୍ତଙ୍କ ଗହଣରେ କରିବା ସମିଚୀନ ହେବ ନାହିଁ ବୋଲି ଅନେକ ମତ ଦେଉଥିବାବେଳେ ଏହି ରଥକୁ ଟାଣିବା ପାଇଁ ଅନେକ ଲୋକଙ୍କର ଆବଶ୍ୟକତା ଥିବାରୁ ବିନା ଭକ୍ତରେ କେବଳ ସେବକ ଓ ମନ୍ଦିରର ସ୍ଥାୟୀ କର୍ମଚାରୀମାନଙ୍କୁ ନେଇ ରଥାରୁଢ ଦେବତାଙ୍କୁ ଗୁଣ୍ଡିଚା ମନ୍ଦିରକୁ ନେବା ସମ୍ଭବ ନୁହେଁ । ସୂଚନାଯୋଗ୍ୟ ଯେ, ଗତବର୍ଷ ଯେଉଁ ସ୍ଥାନରେ ପ୍ରବଚନ ହୁଏ, ସେଠାରେ ଏକ ଅସ୍ଥାୟୀ ଗୁଣ୍ଡିଚା ଘର କରାଯାଇ ପାର୍ଶ୍ୱରେ ରୋଷଶାଳା କରାଯାଇଥିଲା ଓ ମନ୍ଦିର ବେଢ଼ାରେ ଏକ ଛୋଟ ରଥ କରାଯାଇ ବିଜେ ପ୍ରତିମାଙ୍କୁ ରଥାରୁଢ଼ କରାଯାଇ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ସେଠାରେ ହେରା ପଂଚମୀ ଅନୁଷ୍ଠିତ ହେବା ସହ ବାହୁଡା ଯାତ୍ରା ମଧ୍ୟ ତିଥି ଅନୁସାରେ ସଂପନ୍ନ ହୋଇଥିଲା । ତେବେ ଅତି ଛୋଟ ରଥରେ ବିଜେ ପ୍ରତିମା ଯାଉଥିବାରୁ ମୂଳ ବିଗ୍ରହ ଆଉ ରଥକୁ ନ ଯାଇ ସିଧା ଅସ୍ଥାୟୀ ଗୁଣ୍ଡିଚା ଘର ଓ ସେଠାରୁ ରତ୍ନ ସିଂହାସନକୁ ବାହୁଡି ଯାଇଥିଲେ । ପହଣ୍ଡିଆ ସେବକମାନେ ଶ୍ରୀଜୀଉଙ୍କୁ ପହଣ୍ଡି କରି ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରକୁ ନେଇଥିଲେ, ମୂଳ ବିଗ୍ରହ ରଥାରୁଢ ହୋଇ ନ ଥିଲେ । ଏବର୍ଷ ମଧ୍ୟ ଏହି ଧାର୍ମିକ ରୀତିନୀତି ନେଇ ଅନେକ ସମସ୍ୟା ରହିଛି । କେନ୍ଦୁଝର ଜିଲ୍ଲାରେ ଅଦ୍ୟାବଧି କୋଭିଡର କାୟା ଥମିନାହିଁ, ପ୍ରତ୍ୟେକ ଦିନ ଅଶୁଭ ସମ୍ବାଦ ଆସୁଥିବାବେଳେ ଏହି ପର୍ବପର୍ବାଣୀର ଆୟୋଜନକୁ ନେଇ ଉଲ୍ଲାସଭାବ ମଧ୍ୟ ଦେଖାଦେଉନାହିଁ । ପ୍ରଭୁଙ୍କର କୃପାକୁ ସମସ୍ତେ ଅପେକ୍ଷା କରିଥିବାବେଳେ ତାଙ୍କର ଇଚ୍ଛା ଓ ଆଜ୍ଞା ହେଲେ ସେ ମନ୍ଦିରରୁ ବାହାରି ତାଙ୍କ ମାଉସୀ ଘରକୁ ଯିବେ ବୋଲି ଅନେକ ଭକ୍ତ ପ୍ରକାଶ କରନ୍ତି ।

# କରୋନା ପରୀକ୍ଷା ବେଳେ କନେଷ୍ଟବଳଙ୍କ ଗଣ୍ଡଗୋଳ, ଡାକ୍ତରଖାନା ତରଫରୁ ଥାନାରେ ଏତଲା

ଗୋଳାବନ୍ଧ: ଘଟଗାଁ ବ୍ଲକ ବାଲିପୋଖରୀ ପଂଚାୟତର ହାତୀନୋଟା ଗ୍ରାମରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାବ୍ ପରୀକ୍ଷା ଶିବିର ଚାଲୁଥିବା ବେଳେ ଜଣେ ଯୁବକ ଓ ତା'ର ୫ଜଣ ବନ୍ଧୁ ସେଠାରେ ଗଣ୍ଡଗୋଳ କରିବା ବେଶେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ ଉକ୍ତ ଗ୍ରାମରେ ଖୁବ୍ ଶାନ୍ତି ଶୃଙ୍ଖଳାରେ କରୋନା ପରୀକ୍ଷା ଚାଲୁଥିବା ବେଳେ ହାତୀନୋଟା ଗ୍ରାମର ଦୟାନିଧି ନାୟକଙ୍କ ପୁଅ ପ୍ରେମାନନ୍ଦ ନାୟକ ନିଜ ସାଙ୍ଗ ମାନଙ୍କ ସହ ସେଠାରେ ପହଂଚି ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କିରଥିଲେ । ସେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଦେବା ସହ ମଧ୍ୟାହ୍ନ ଭୋଜନ କରିବାକୁ ଛାଡି ନଥିଲେ । ଏହାସହ ସେହି ଗ୍ରାମର ୧୦୦୦ ଲୋକଙ୍କ ପାଇଁ ଡାକ୍ତରଖାନାରୁ ସ୍ୱାବ୍ ପରୀକ୍ଷା କିଟ୍ ନଆଣିଲେ ମେଡିକାଲ ଗାଡି ମଧ ଛଡାଯିବ ନାହିଁ ବୋଲି ଧମକ ଦେଇଥିଲେ । ସରକାରଙ୍କ ନିୟମ ଅନୁଯାୟୀ ଦୈନିକ ଯେତିକି ପରୀକ୍ଷା ଦେବା କଥା ଆମେ ସେତିକି କରୁଛୁ ବୋଲି ବୁଝେଇବା ପରେ ମଧ ପ୍ରେମାନନ୍ଦ ନିଶାସକ୍ତ ଥିବାରୁ କିଛି ବୁଝିବାକୁ ନାରାଜ ଥିଲେ । ସୂଚନା ଅନୁଯାୟୀ ଉକ୍ତ ଯୁବକ ଜଣକ ଭଦ୍ରକ ଜିଲ୍ଲାରେ କନେଷ୍ଟବଳ ଅଛନ୍ତି ଓ ଛୁଟି ନେଇ ଗାଁ କୁ ଆସିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅପରାହ୍ନରେ ଘଟଗାଁ ଥାନାକୁ ଖବର ଦେବାପରେ ପୋଲିସ୍ ଗାଡି ପହଂଚି ଥିଲା ଓ ସ୍ୱାସ୍ଥ୍ୟ ବିଭାଗର ଗାଡିକୁ ସୁରକ୍ଷିତ ଭାବେ ପଠାଇ ଥିଲା । ଏହାପରେ ବିଭାଗୀୟ କର୍ମଚାରୀଙ୍କ ଲିଖିତ ଅଭିଯୋଗ ଆଧାରରେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ତତ୍ତ୍ୱାବଧାରକ ଡାକ୍ତର ମୁକ୍ତିକାନ୍ତ ନାୟକ ଘଟଗାଁ ଥାନାରେ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଧିନିୟମ-୫୧ରୁ ୬୦ ଆଧାରରେ ଉକ୍ତ ଯୁବକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଏତଲା ଦେଇଥିବା ଜଣାଯାଏ । ସୂଚନାଯୋଗ୍ୟ ଯେ ପ୍ରେମାନନ୍ଦ ଅନେକ ଥର ଚାକିରୀରୁ ନିଲମ୍ବିତ ହୋଇଥିବା ବେଳେ ଏବେ ଫେରାର ହୋଇ ଯାଇଛନ୍ତି ।

# ଜିଲ୍ଲା ବିଜେଡି ସଭାପତିଙ୍କ ବାତ୍ୟା ପ୍ରଭାବିତ ଅଚଂଳ ଗସ୍ତ

ଝୁମ୍ପୁରା: ସାରା ରାଜ୍ୟରେ ବାତ୍ୟା 'ୟାସ' ତାଣ୍ଡବ ରଚି ଥିବାବେଳେ ବାତ୍ୟା ପ୍ରଭାବରେ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ରେ ମଧ୍ୟ ଅନେକ କ୍ଷୟକ୍ଷତି ହୋଇଛି । ବାତ୍ୟା ୟାସ ର ପ୍ରଭାବରେ ଝୁମ୍ପୁରା ବ୍ଲକର ୨୨ ଗୋଟି ପଚଂାୟତରେ ଘରଦ୍ୱାର ଭାଙ୍ଗିବା ସାଙ୍ଗ କୁ ପନିପରିବା ,ଧାନ ଚାଷ ବ୍ୟପକ ଭାବେ କ୍ଷୟକ୍ଷତି ହୋଇଛି । ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ,ଜିଲ୍ଲା ସାଧାରଣ ସମ୍ପାଦକ ରାଧାଗୋବିନ୍ଦ ପଟ୍ଟନାୟକ, ବାଲିବନ୍ଧ ପଚଂାୟତ ସଭାପତି ରମେଶ ମାଝୀ ପ୍ରମୁଖ ରବିବାର ଦିନ ବାତ୍ୟା ୟାସ ଦ୍ୱାରା ପ୍ରଭାବିତ ହୋଇଥିବା ସଦର ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ଝୁମ୍ପୁରା ବ୍ଲକର ବିଭିନ୍ନ ଅଚଂଳ କୁ ଗସ୍ତ କରିଥିଲେ । ବାତ୍ୟା ୟାସ ଦ୍ୱାରା ଝୁମ୍ପୁରା ବ୍ଲକର ସବୁ ଠାରୁ ଅଧିକ ପ୍ରଭାବିତ ହୋଇଥିବା ବାଲିବନ୍ଧ ପଚଂାୟତର ଛୁଟୁ ସାହି କୁ ଗସ୍ତ କରି ସେଠାକାର ସ୍ଥିତି କୁ ଅନୁଧ୍ୟାନ କରିଥିଲେ । ଜିଲ୍ଲା ବିଜେଡି ସଭାପତି ଶ୍ରୀ ସର୍ଦ୍ଦାର ଏବଂ ତାଙ୍କ ଟିମ୍ କୁ ଦେଖି ନିରାଶ୍ରୟ ପରିବାର ଲୋକମାନେ ନିଜର ଦୁଃଖ କଷ୍ଟ ବାବଦରେ କୋହଭରା କଣ୍ଠରେ କାକୁତୀ ମିନତୀ ହୋଇ ଗୁହାରୀ ଜଣାଇଥିଲେ । ସତରେ ସେମାନଙ୍କ ଦୁଃଖ ନିଜ ଆଖିରେ ନଦେଖିଲେ ବିଶ୍ୱାସକରି ହେବନାହିଁ । ବାତ୍ୟା ୟାସ ର ଲଗାଣ ବର୍ଷା ଯୋଗୁଁ ଛୁଟୁ ସାହିର ୨୫ଟି ଆଦିବାସୀ ଓ ହରିଜନ ପରିବାର ନିରାଶ୍ରୟ ହୋଇପଡିଛନ୍ତି । କାହା ଘର ଛପର ଉଡିଯାଇଛି ତ କାହା ଘର କାନ୍ଥ ଭାଙ୍ଗିଯାଇଛି । ଘର ଭିତରେ ପାଣି ଘର ବାହାରେ ପାଣି ସମସ୍ତ ପରିବାରକୁ ବାତ୍ୟା ସମୟରେ ଆଶ୍ରୟସ୍ଥଳିରେ ରଖାଯାଇଥିଲା । ସାହିର ସମରା ବେଟଂକାର,ରଣ୍ଡେ ମୁଣ୍ଡା,ଫୁଟୁଲ ବେଟଂକାର,ଗୁମୀ ମୁଣ୍ଡ, ବିଧ ବେଟଂକାର,ବିକାଶ ମୁଣ୍ଡା, ଶ୍ରବଣ ମୁଣ୍ଡା, ବାବୁଲି ବେଟଂକାର,ବୁଧୁ ବେଟଂକାର,ସଞ୍ଜୟବେଟଂକାର, ଭୁଲୁବେଟଂକାର, ପ୍ରକାଶବେଟଂକାର, ସନ୍ତୋଷ ତନ୍ତୀ,ବିଜୟ ତନ୍ତୀ, ନବକିଶ୍ୱର ତନ୍ତୀ, ପଦିନୀ ବେଟଂକାର,ଫୁଲସରୀ କାଳନ୍ଦୀ,ଟୁକୁନୁ ବେଟଂକାର,ଗୋପବନ୍ଧୁ ମହାକୁଡ ପ୍ରମୁଖ ପରିବାର ନିରାଶ୍ରୟ ହୋଇଯାଇଛନ୍ତି । ବାତ୍ୟା ସରିଗଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟି ମଧ୍ୟ ମିଳିଲା ହେଲେ ଉକ୍ତ ପରିବାର ର ଦୁଃଖ ଅଧିକରୁ ଅଧିକ ଜଟିଳ ହୋଇପଡିଛି । ସାମ୍ନାରେ କରୋନା କଟକଣା ଆଗକୁ ରଜ ପର୍ବ କଣ କରିବେ କୋଉଠି ରହିବେ ସେମାନଙ୍କ ଭିତରେ ଭାଳେଣି ପଡିଛି । ସେମାନଙ୍କର ସମସ୍ୟା ଓ ଗୁହାରୀ ଶୁଣି ସାରିଲା ପରେ ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ ଙ୍କ ସହ ଆଲୋଚନା କରି ତୁରନ୍ତ ନିରାଶ୍ରୟ ପରିବାର ସମସ୍ୟା ସମାଧାନ କରାଯିବ ବୋଲି ଶ୍ରୀ ସର୍ଦ୍ଦାର ଲୋମାନଙ୍କୁ ଆଶ୍ୱାସନା ଦେଇଥିଲେ । ଜରୁରୀ କାଳିନ ଭିତରେ ପାନୀୟ ଜଳର ସୁବ୍ୟବସ୍ଥା କରାଯିବା ସହିତ ସରକାରୀ ନିୟମ ଅନୁଯାୟୀ ବିଜୁପକ୍କା ଘରର ବ୍ୟବସ୍ଥା କରାଯିବା ନେଇ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ମାଝୀ ଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିବା ଜିଲ୍ଲା ବିଜେଡି ସଭାପତି ଶ୍ରୀ ସର୍ଦ୍ଦାର ସୂଚନା ଦେଇଛନ୍ତି ।

# ଲକ୍ଷାଧିକ ଟଙ୍କାର ଚୋରା ଲୁହାପଥର ବୋଝେଇ ଟ୍ରକ ଜବତ, ୨ ଗିରଫ : ଖଣିଜ ଚୋରା କାରବାର ରୋକିବା ନାଁ ଧରୁନି

ଯୋଡା: କେନ୍ଦୁଝର ଜିଲ୍ଲାର ଯୋଡା ଅଞ୍ଚଳ ଖଣିଜ ଲୁହାପଥର ଓ ମାଙ୍ଗାନିଜକୁ ନେଇ ଯେତିକି ପ୍ରସିଦ୍ଧ ଲାଭ କରଥିଲା ତା ଠାରୁ ବେସି ବଦନାମ ହୋଇଥିବା ଖଣିଜ ମହାଦୁର୍ନିତିକୁ ନେଇ । ଅପରେସନ ଖଣି ମାଫିଆ ଜିଲ୍ଲା ତଥା ରାଜ୍ୟ ସମେତ ସମଗ୍ର ଦେଶରେ ହଇଚଇ ସୃଷ୍ଟି କରି ଲୁହାପଥର ମାଫିଆ, କଣ୍ଟ୍ରାକ୍ଟର ଏବଂ ଖଣି ମାଲିକମାନଙ୍କ ଅବାଧ ଖଣିଜ ଚୋରା କାରବାରକୁ ରୋକିବାରେ ସଫଳ ହୋଇଥିଲା । ଅପରେସନ ଖଣି ମାଫିଆ ପରେ ଜନସାଧାରଣଙ୍କର ଗୋଟିଏ କଥା ଆସିଥିଲା ଯେ, ଯୋଡା ଅଞ୍ଚଳରେ ଆଉ ଚୋରା ଖଣିଜ କାରବାର ହୋଇପାରିବ ନାହିଁ । ବେଶ କିଛି ଦିନର ଅନ୍ତର ପରେ ପ୍ରାୟ ଦୁଇ ବର୍ଷ ଧରି ଲଗାତାର ଭାବେ ଯୋଡା ଓ ଏହାର ଆଖପାଖ ଅଞ୍ଚଳରେ ଚୋରା ଲୁହାପଥର ଓ ମାଙ୍ଗାନିଜ ଭାରିଯାନ ସହ ଜବତ ଏବଂ କିଛି ମାଫିଆଙ୍କ ଗିରଫଦାରୀ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଚୋରା ଖଣିଜ କାରବାରକୁ ନେଇ ଜନସାଧାରଣଙ୍କ ଭାବନା ଭୁଲ ପ୍ରମାଣିତ ହେଉଛି । ଯାହାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ନୟାଗଡ ରେଳ ସାଇଡିଂରେ । ପୁଲିସ ଓ ଖଣି ମାଫିଆଙ୍କ ଛକା ପଞ୍ଝା ଏବେବି ଖଣି ଅଞ୍ଚଳରେ ଜାରି ରହିଛି । ସ୍ଥାନୀୟ ପୁଲିସ ପ୍ରଶାସନ ଆଖିରେ ଧୂଳି ଦେଇ ଏବେବି ମାଫିଆମାନେ ଲୁଟି ଚାଲିଛନ୍ତି ମୂଲ୍ୟବାନ ଲୁହାପଥର । ସୋମବାର ସକାଳୁ ବାମେବାରୀ ପୁଲିସ ନୟାଗଡ ରେଳ ସାଇଡିଂରେ ଗଚ୍ଛିତ ଥିବା କିଛି ଲୁହାପଥର ଗୁଣ୍ଡକୁ ମାଫିଆମାନେ ମେସିନ ଲଗାଇ ଗୋଟିଏ ଟ୍ରଲର ଏବଂ ଗୋଟିଏ ଟ୍ରକରେ ବୋଝେଇ କରୁଥିବା ବେଳେ ସେଗୁଡିକୁ ଜବତ କରିବା ସହିତ ସେଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି । ଘଟଣାରୁ ଜଣାପଡିଛି ଯେ, ନୟାଗଡ ରେଳ ସାଇଡିଂରେ କିଛି ଲୁହାପଥର ଗୁଣ୍ଡ ଜବତ ହୋଇ ଗଚ୍ଛିତ ରଖାଯାଇଛି । ଏହାକୁ ରାଜ୍ୟ ତଥା ରାଜ୍ୟ ବାହାରର ମାଫିଆମାନେ ଅନବରତ ବୋଝେଇ କରି ବିଭିନ୍ନ ସ୍ଥାନକୁ ଚୋରାରେ ବିକ୍ରି କରୁଥିବା ଖବର ବାରମ୍ବାର ହସ୍ତଗତ ହେବାରେ ଲାଗିଛି । ସୋମବାର ଜବତ ହୋଇଥିବା ଟ୍ରଲର ନଂ. ଏନ୍‌ଏଲ୍୦୧ଏସି-୪୪୩୦ ଏବଂ ଟ୍ରକ ନଂ. ଏନ୍ ଏଲ୍୦୧ଏଇ-୧୩୬୪ ୨ଟି ନାଗାଲାଣ୍ଡର ପଞ୍ଜିକୃତ ହୋଇଥିବା ବେଳେ ଜେସିବି ନଂ. ଓଡି୧୧ ୭୫୫୭ । ତେବେ ଏହି ୨ଟି ଭାରିଯାନ ରେ ଜବତ ଲୁହାପଥର ପରିମାଣ ୩୫ ଟନ୍ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି । ଏହି ଘଟଣାଟିରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଜେସିବି ଚାଳକ କ୍ଷୀରୋଦ ଚନ୍ଦ୍ର ମାଝି, ଟ୍ରକ ଚାଳକ ରୋହିତ ସିଂ ହୋଇଥିବା ବେଳେ ଏବଂ ଅନ୍ୟ ଜଣେ ଟ୍ରଲର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ଏହି ଚୋରା କାରବାର ପଛରେ ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଏପର୍ଯ୍ୟନ୍ତ ଧରିବାରେ ଅସଫଳ ହୋଇଥିବାରୁ ଏହି ଅବୈଧ କାରବାରକୁ ରୋକିବାରେ ପୁଲିସ ବିଫଳ ହୋଇଛି । ଏହି ଚଢୋଉରେ ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅମିତ ଭୂୟାଁ, ଏସ୍‌ଆଇ ସରତ ଚନ୍ଦ୍ର ଦେହୁରୀ, ଅନୀଲ ସାମଲ ଏବଂ ଅନ୍ୟ ପୁଲିସ ବଳ ନିୟୋଜିତ ରହିଥିଲେ ।






# ପ୍ରଦେଶ ଛାତ୍ର କଂଗ୍ରେସ ବାସୁଦେବପୁର ବନ୍ୟାଂଚଳ ପରିଦର୍ଶନ ଓ ରିଲିଫ ବଂଟନ




ଭୁବନେଶ୍ୱର : ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଗତକାଲି ୟାସ ବାତ୍ୟା ଓ ବନ୍ୟା ପ୍ରଭାବିତ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ସରତର ପୁର, ବଡଅଗାପୁର, ସାନ ଅଗାପୁର, ଜଗନ୍ନାଥ ପ୍ରସାଦ ଗ୍ରାମ ପଂଚାୟତ ଅନ୍ତର୍ଗତ ବନ୍ଧ ସାହି, ମିଶରପୁର, ଡାଙ୍ଗମାଳ, ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଶ୍ରୀବତ୍ସପୁର, ନିପୁର, ଜୀବନପୁର ଗସ୍ତକରି ଦୁର୍ଗତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ବାଲିମେଦ ଗ୍ରାମ ପଂଚାୟତର ୟୁପି ସ୍କୁଲରେ ରନ୍ଧାଖାଦ୍ୟ ମଧ୍ୟ ବଂଟନ କରାଯାଇଥିଲା। କେତେକ ଗ୍ରାମକୁ ଡଙ୍ଗା ସାହାଯ୍ୟରେ ମଧ୍ୟ ଯିବାକୁ ପଡ଼ିଥିଲା। ସେଠିକାର ପରିସ୍ଥିତିକୁ ଅନୁଧ୍ୟାନ କରି ସୟଦ ୟାସିର ନୱାଜ କହିଥିଲେ ସରକାର ଯେଉଁଳି ସାହାଯ୍ୟ କରିବା କଥା କରିଛନ୍ତି ତାହା ବାସ୍ତବ କ୍ଷେତ୍ରରେ ହୋଇନାହିଁ। ଲୋକ ଏବେ ସୁଦ୍ଧା ଜଳବନ୍ଦୀରେ ରହିଥିବା ବେଳେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଉଛି ଯେ କୌଣସି ଗାଁ ଜଳଘେରରେ ନାହିଁ! ପଶୁଖାଦ୍ୟ, ଔଷଧ, ପାନୀୟଜଳ, ଡାକ୍ତରଟିମ, ଶୁଖିଲା ଖାଦ୍ୟ ଠିକ ଭାବେ ଲୋକଙ୍କ ପାଖରେ ପହଂଚିନାହିଁ। ସରକାର କେବଳ ପ୍ରଚାର ସର୍ବସ୍ୱ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଶ୍ରୀ ଅଶୋକ ଦାସ, ପ୍ରକାଶ ମିଶ୍ର, ବିକାଶ ପଶୁପାଳକ, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ସୌମ୍ୟ ବାରିକ, ହେମନ୍ତ ମହାପାତ୍ର, ବୁଦ୍ଧିରାମ ସେଠୀ, ରାକେଶ ମହାନ୍ତି, ସୁବ୍ରତ ବେଉରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଆର୍ଟ ଅଫ୍ ଗିଭିଂକୁ ଆନ୍ତର୍ଜାତିକ ପୁରସ୍କାର

ଭୁବନେଶ୍ୱର: ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱରେ ୨୦୧୩ ମସିହାରୁ ଚାଲୁ ରହିଥିବା କିଟ୍ ଓ କିସ୍ ପ୍ରାୟୋଜିତ 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମକୁ ମିଳିଛି ଆନ୍ତର୍ଜାତିକ ସ୍ୱୀକୃତି। ଆମେରିକାର ଟେଲରିଜ୍ ନେଟ୍‌ୱାର୍କ ଓ ମାକ୍‌ଜନତ୍ ଫାଉଣ୍ଡେସନ୍ ଦ୍ୱାରା ପ୍ରତିବର୍ଷ ମାନବିକତା ଓ ସମାଜ କଲ୍ୟାଣମୂଳକ କାର୍ଯ୍ୟ କରୁଥିବା ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମକୁ ମୂଲ୍ୟାୟନ କରି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ୨୦୨୧ରେ ୧୫ଟି ଦେଶରୁ ୨୮ଟି କାର୍ଯ୍ୟକ୍ରମ ମଧ୍ୟରୁ ୮ଟି ଦେଶର ୧୦ଟି ବିଶ୍ୱବିଦ୍ୟାଳୟକୁ ଏହି ମାକ୍‌ଜନତ୍ ଫାଉଣ୍ଡେସନ୍ ପକ୍ଷରୁ ମନୋନୀତ କରାଯାଇଛି। ସେଥି ମଧ୍ୟରୁ ଭାରତର 'ଆର୍ଟ ଅଫ୍ ଗିଭିଂ' ସମଗ୍ର ବିଶ୍ୱରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ପୁରସ୍କାର ପାଇଁ ଦକ୍ଷିଣ ଆଫ୍ରିକାର ରୋଡେସ୍ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡର ୟୁନିଭର୍‌ସିଟି ଅଫ୍ ମାଞ୍ଚେଷ୍ଟର ତୃତୀୟ ସ୍ଥାନରେ ରହିଛି। ପୁରସ୍କାର ବାବଦକୁ ୫ହଜାର ଆମେରିକାନ୍ ଡଲାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଶ୍ରୀ ସାମନ୍ତଙ୍କ ଅନୁରୋଧ କ୍ରମେ ମାକ୍‌ଜନତ୍ ଫାଉଣ୍ଡେସନ୍ ପକ୍ଷରୁ ଏହି ରାଶି କିସ୍ ଫାଉଣ୍ଡେସନ୍‌କୁ ପ୍ରେରଣ କରାଯାଇଛି। ଶ୍ରୀ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଆର୍ଟ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ୨୦୧୩ ମସିହାରୁ ସମାଜର ବିଭିନ୍ନ କଲ୍ୟାଣମୂଳକ, ଗଠନମୂଳକ ଓ ସଂସ୍କାର ମୂଳକ କାର୍ଯ୍ୟ କରିଆସୁଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ସାମନ୍ତ ଖୁସି ବ୍ୟକ୍ତ କରି କହିଛନ୍ତି, 'ଆର୍ଟ ଅଫ୍ ଗିଭିଂ'କୁ ଆନ୍ତର୍ଜାତିକ ସ୍ୱୀକୃତି ମିଳିବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ସୂଚନାଯୋଗ୍ୟ, 'ଆର୍ଟ ଅଫ୍ ଗିଭିଂ'ଜରିଆରେ କିଟ୍, କିସ୍ ଓ କିସ୍ ଫାଉଣ୍ଡେସନ୍ ଦ୍ୱାରା ବର୍ଷ ତମାମ ବ୍ୟାପକ ଜନହିତକର କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଥାଏ।

# ପାଇଖାନା ଟାଙ୍କିର ସେଂଟ୍ରିଙ୍ଗ କାଠ ବାହାର କରିବାକୁ ଯାଇ ଦୁଇ ମୃତ





ଫୁଲବାଣ: କନ୍ଧମାଳ ଜିଲ୍ଲା ଫୁଲବାଣୀ ସହର ନିକଟସ୍ଥ ପିଟବାରୀ ଗ୍ରାମରେ ଏକ ନୂଆ ଲେଟିନ ଟାଙ୍କିର ସେଂଟ୍ରିଙ୍ଗ କାଠ ବାହାର କରିବାକୁ ଜଣେ ଶ୍ରମିକ ଭିତରକୁ ଯାଇଥିବା ବେଳେ ଶ୍ୱାସରୁଦ୍ଧ ହୋଇ ଟାଙ୍କି ଭିତରେ ପଡିଯାଇଥିଲେ । ଏହା ଦେଖି ଘରମାଲିକ ଟାଙ୍କି ଭିତରକୁ ଯାଇଥିଲେ। ସେ ମଧ୍ୟ ଶ୍ୱାସରୁଦ୍ଧ ହୋଇ ପଡିଯାଇଥିବା ଦେଖି ଗ୍ରାମବାସୀ ଅଗ୍ନିଶ୍ରମ ବିଭାଗକୁ ଖବର ଦେଲା ପରେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାରକରି ଫୁଲବାଣି ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଦୁଇଜଣ ହେଲେ ଘରମାଲିକ ସଯ ପ୍ରଧାନ ଓ ଶ୍ରମିକ ସନ୍ତୋଷ କହଁର ବୋଲି ଜଣାପଡିଛି ।

# କନ୍ଧମାଳରେ ପୁଣି ବଢିଲା ସଂକ୍ରମଣ, ୧୦୭ ସଂକ୍ରମିତ ଚିହ୍ନଟ : ୨ ମୃତ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣ ଆଜି ମିଳିଥିବା ରିପୋର୍ଟ ଅନୁସାରେ ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟା ଭିତରେଜିଲ୍ଲାରେ ୧୦୭ ଜଣ ନୂଆ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଏହା ସହିତ ଜିଲ୍ଲାରେ କୋଭିଡ ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସିତ ଅବସ୍ଥାରେ ୨ ଜଣ ମୃତ୍ୟୁ ବରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଫୁଲବାଣୀର ସର୍ବସାଧାରଣ ଖବର କାଗଜର ସାମ୍ବାଦିକ ଆସୁତୋଷ ବେହେରା (୪୮) ଏବଂ ଫିରିଙ୍ଗିଆ ଅଂଚଳର ଜଣେ ୪୦ ବର୍ଷିୟ ପୁରୁଷ ବୋଲି ଜଣାପଡିଛି । ଆଜି ମିଳିଥିବା ରିପୋର୍ଟ ଅନୁସାରେ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରୁ ୬ ଜଣ ଏବଂ ଗ୍ରାମାଂଚଳରୁ ୧୯ ଜଣଙ୍କୁ ମିଶାଇ ମୋଟ ୨୫ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳରୁ ୨ ଜଣ ଏବଂ ଗ୍ରାମାଚଳରୁ ୧୩ ଜଣଙ୍କ ସମେତ ମୋଟ ୧୫ ଜଣ ରହିଛନ୍ତି । ସେହିପରି ଜିଲ୍ଲାର ଚକାପାଦ ଅଂଚଳର ୭ ଜଣ,ଦାରିଙ୍ଗବାଡି ବ୍ଲକରେ ୧୪ ଜଣ ଘୁ.ଉଦୟଗିରିରେ ୬, କ.ନୂଆଗାଁର ୫, ଖଜୁରିପଡାରେ ୫, କୋଟଗଡ ବ୍ଲକର ୩, ଫିରିଙ୍ଗିଆ ୭, ରାଇକିଆର ୧୦, ଟିକାବାଲିରେ ୪, ତୁମୁଡିବନ୍ଧର ୨ ଜଣ ଏବଂ ଜିଲ୍ଲାର ୪ ଜଣ ଦେଶର ବିଭିନ୍ନ ସ୍ଥାନରେ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଏମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୯,୦୯୬ ରେ ପହଂଚିଛି । ଆଜି ସୁଦ୍ଧା ଜିଲ୍ଲାରେ ମୋଟ ୮,୦୮୬ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

# ଯାଜପୁର ଜିଲ୍ଲା ବିଜେପିର ସେବା ହିଁ ସଂଗଠନ କାର୍ଯ୍ୟକ୍ରମ



ଯାଜପୁର: କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୭ବର୍ଷ ପୂର୍ତ୍ତି ଉପଲକ୍ଷେ ଯାଜପୁର ଜିଲ୍ଲା ବିଜେପି ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟକ୍ରମ ବିଜେପି ଜିଲ୍ଲା ସମ୍ପାଦକ ତଥା ସମାଜସେବୀ ସୁରଜ ଲାଲ ସାମଲ (ଲାଲୁ)ଙ୍କ ନେତୃତ୍ୱରେ ହାତକୁ ନିଆଯାଇଛି। ଆଜି ଏନ୍‌ଏଚ୍ -୧୬ର ପାଣିକୋଇଲି ଠାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ରାସ୍ତାରେ ବୁଲୁଥିବା ଭିକାରୀ, ପାଗଳା, ପାଗିଳୀ ଓ ଭୋକିଲା ପଥଚାରୀ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଜିଲ୍ଲା ସମ୍ପାଦକ ସାମଲଙ୍କ ସହିତ ୩୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ନାୟକ, ବିଜେପି ନେତା ଲକ୍ଷ୍ମୀଧର ପତି, ରାଜେନ୍ଦ୍ର ଓଝା ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏଥି ସହିତ ବସ୍ତିବାସିନ୍ଦାଙ୍କୁ ମାସ୍କ, ସାନିଟାଇଜର, ସାବୁନ ଆଦି ବାଣ୍ଟିବା ସହିତ କରୋନା ସଚେତନତା କରାଯାଇଥିଲା ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବଧୂହତ୍ୟା ଅଭିଯୋଗ; ବାଂଶଡା ଥାନା ଓ ଘଂଟେଶ୍ୱର ଫାଣ୍ଡି ଅଧିକାରୀଙ୍କ ତଦନ୍ତ ଆରମ୍ଭ

ଭଦ୍ରକ:ଏହି ଜିଲାର ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ବାଂଶଡା ଥାନା ଅଧୀନସ୍ଥ ଗାରଡପୁର ଗ୍ରାମରେ ଏକ ବଧୂହତ୍ୟା ଅଭିଯୋଗ ହୋଇଛି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ନରେନ୍ଦ୍ରପୁର ଗ୍ରାମର ବିଜୟ ନାୟକଙ୍କ କନ୍ୟା ପଦ୍ମଲତା ଗାରଡପୁର ଗ୍ରାମର ଗାଣ୍ଡୁଆ ବିଶ୍ୱାଳଙ୍କୁ ୧୫ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ପଦ୍ମଲତାଙ୍କ ସ୍ୱାମୀ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଅଟନ୍ତି। ଏହାର ସୁଯୋଗରେ ସଂପତି ଲୋଭରେ ଗାଣ୍ଡୁଆଙ୍କ ଭାଇ ପପୁ ପଦ୍ମଲତାକୁ ମାରିଦେଇଥିବାର ଅଭିଯୋଗ କରିଛନ୍ତି ମୃତା ମହିଳାଙ୍କ ମା' ମଲ୍ଲି ନାୟକ। ଏବେ ପଦ୍ମଲତାଙ୍କର ୧୨ ବର୍ଷର ଗୋଟିଏ ପୁଅ ଓ ୮ ବର୍ଷର ଗୋଟିଏ ଝିଅ ରହିଛି। ତେବେ ନିଜ ଘରେ ଫାଶୀ ଅବସ୍ଥାରେ ପଦ୍ମଲତାର ଶବକୁ ଦେଖାଯାଇଛି।

# ସାମ୍ବାଦିକଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଥିବା ଘଟଣାକୁ ନେଇ ଉଦବେଗ ପ୍ରକାଶକଲେ ଜିଲ୍ଲାର ସମସ୍ତ କାର୍ଯ୍ୟରତ ସାମ୍ବାଦିକ



ଫୁଲବାଣୀ: କନ୍ଧମାଳ ଜିଲ୍ଲା ସମେତ ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଜିଲ୍ଲାର ସମସ୍ତ କାର୍ଯ୍ୟରତ ବ୍ଲକ ସାମ୍ବାଦିକ । କୋଭିଡ ମହାମାରୀ ସମେତ ଅନେକ ସାମାଜିକ ଉନ୍ନୟନମୂଳକ କାର୍ଯ୍ୟରେ ଗଣମାଧ୍ୟମ ପ୍ରତିନିଧି ଆଗ ଧାଡିରେ ରହି କାର୍ଯ୍ୟ କରୁଛନ୍ତି ।ଏପରିକି ସରକାରଙ୍କ ସମସ୍ତ ଯୋଜନାକୁ ଲୋକଲୋଚନକୁ ଆଣିବା କୋଣ ଅନୁକୋଣରେ ଏହି ଯୋଜନାରୁ ବଂଚିତ ଥିବା ପରିବାରକୁ ସେହି ଯୋଜନାରେ ଅନ୍ତର୍ଭୁକ୍ତ କରିବାପାଇ ସରକାରଙ୍କୁ ଚେତେଇବା ସହିତ ପୋଲିସ ପ୍ରଶାସନ ତରଫରୁ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମକୁ ଯଥା ମାଓବାଦୀ ଗୁଳିବିନିମୟ,ଗଞ୍ଜେ ଚୋରାଚାଲାଣ ଧରାପଡିଲେ ପୋଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଖବର ପ୍ରକାଶ କରିବା କୋଭିଡ କଟକାଣା ବେଳେ ସହଯୋଗ କରିବା ଗଣମାଧ୍ୟମ ପ୍ରତିନିଧିର ପ୍ରମୁଖ ଭୂମିକା ରହିଛି ଏବଂ ରହିବ ମଧ୍ୟ ହେଲେବି ଗଣମାଧ୍ୟମ ପ୍ରତିନିକଧି ପ୍ରତି ପୋଲିସ ପ୍ରଶାସନର ଏପରି ଖରାପ ବ୍ୟବହାର ପ୍ରଦର୍ଶନ ଏବଂ ଗଣମାଧ୍ୟମ ପ୍ରତିନିଧିକୁ ଆକ୍ରମଣ ହେଲେ ପୋଲିସ ପ୍ରଶାସନ ଚୁପ ରହି କେବଳ ତଦନ୍ତ କରିବାର ବାହାନା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବରିଷ୍ଠ ସାମ୍ବାଦିକମାନେ ପ୍ରକାଶ କରିଛନ୍ତି । ଯେଉଁଥିପାଇଁ ଗଣମାଧ୍ୟମ ପ୍ରତିନିଧି ଆଜି ଅବହେଳିତ ବୋଲି ସାମ୍ବାଦିକ ମାନେ ଦାବି କରିଛନ୍ତି । ଏଥି ସହିତ ଦେଶରେ ବିକାଶ କ୍ଷେତ୍ରରେ ଗଣମାଧ୍ୟମର ପ୍ରତିନିଧି ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ହେଲେ ଆଜି ଗଣମାଧ୍ୟମ ସମସ୍ତ ସରକାରୀ ସୁବିଧା ପାଇବାରୁ ବଂଚିତ ବୋଲି ସାମ୍ବାଦିକ ଅରୁଣ ଷଡ଼ଙ୍ଗୀ କହିଛନ୍ତି । କନ୍ଧମାଳ ଜିଲ୍ଲାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ସରକାରୀ କର୍ମଚାରୀ କିମ୍ବା ମାଫିଆ ଦ୍ୱାରା ଆକ୍ରମଣ ହେଉଛି । ଯଥା ବିଗତ ଦିନର ରାଇକିଆ ସାମ୍ବାଦିକଙ୍କ ଉପରେ ଆକ୍ରମଣ,ଚକାପାଦର ପସରା ଠାରେ ହୋଇଥିବା ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାକୁନେଇ ଘୁ.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଏବଂ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରାଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ କନ୍ଧମାଳ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ତଦନ୍ତରେ ହିଁ ସିମିତ ରହିଯାଇଛି । ଯାହାପାଇଁ ଦିନକୁ ଦିନ କନ୍ଧମାଳ ଜିଲ୍ଲାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣ ବଢ଼ିବାରେ ଲାଗିଛି । ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି ସାମ୍ବାଦିକ ଗଗନ ପ୍ରଧାନ ମତବ୍ୟକ୍ତ କରିବା ସହ ସାମ୍ବାଦିକଙ୍କୁ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ତିବ୍ର ନିନ୍ଦା କରିଛନ୍ତି । ଆଜି ପର୍ଯ୍ୟନ୍ତ ବହୁ ଗଣମାଧ୍ୟମ ପ୍ରତିନିଧି କୋଭିଡ ଟିକା ଏବଂ ସ୍ୱାସ୍ଥ୍ୟବୀମା ଯୋଜନା ପାଇପାରିନାହାନ୍ତି । ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ଦାବୀପତ୍ରରେ ଉଲ୍ଲେଖ ଅଛି । ଏହାକୁ ନେଇ ଘୁ.ଉଦୟଗିରିର କାର୍ଯ୍ୟରତ ସାମ୍ବାଦିକଙ୍କ ତରଫରୁ ଘୁ.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପତିତପାବନ ସାହୁ ସାମ୍ବାଦିକ ଅରୁଣ ଷଡ଼ଙ୍ଗୀ,ଗଗନ ପ୍ରଧାନ,ବଟକୃଷ୍ଣ ଦାସ,ବିଦ୍ୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଫୁଲବାଣୀ ବ୍ଲକର କାର୍ଯ୍ୟରତ ଗଣମାଧ୍ୟମ ପତିନିଧିଙ୍କ ଦ୍ୱାରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି ।ଏଥିରେ ପ୍ରଶାନ୍ତ କୁମାର ଜେନା,ରମେଶ ଚନ୍ଦ୍ର ପ୍ରଧାନ,ଦୁଃଖି ଶ୍ୟାମ ପ୍ରଧାନ,କାହ୍ନୁ ପଟ୍ଟନାୟକ, ବିଶ୍ୱରନ ସାମନ୍ତରାୟ,ବିଶ୍ୱନାଥ କହଁର ପ୍ରମୁଖ ଉପସ୍ଥିତ ଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray